

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

ବର୍ଷ-୭ ସଂଖ୍ୟା-୧୪ ୧୭ - ୨୩ ଏପ୍ରିଲ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-14 17th - 23rd APRIL, 2023 BHUBANESWAR ₹ 5/- (8 Pages)


# ରାଜନୀତିକ ବନ୍ଦୀଙ୍କୁ ମଧୁବାବୁ ପେନ୍‌ସନରେ ମିଳିବ ମାସିକ ୫୦୦ ଟଙ୍କା

## ସମ୍ମାନ ନା ଅସମ୍ମାନ ?

**ଭୁବନେଶ୍ୱର :** ଦେଶରେ ଜରୁରୀକାଳୀନ ପରିସ୍ଥିତି ସମୟରେ ମେଣ୍ଟେନାନ୍ସ ଅଫ ଇଣ୍ଟରନାଲ ସିକ୍ୟୁରିଟି ଆକ୍ଟ (ମିସା ଆଇନ) ବଳରେ ଗିରଫ ହୋଇଥିବା ରାଜନୀତିକ ବନ୍ଦୀମାନଙ୍କୁ ରାଜ୍ୟ ସରକାର ମଧୁବାବୁ ପେନସନ୍ ଯୋଜନାରେ ମାସିକ ଭତ୍ତା ଦେବେ। ଏଥିପାଇଁ ରାଜ୍ୟ ସରକାର ମଧୁବାବୁ ପେନସନ୍ ଯୋଜନା ରୁଲସ-୨୦୦୮ରେ ସଂଶୋଧନ କରିଛନ୍ତି। ସଂଶୋଧିତ ପ୍ରାବଧାନରେ ସେମାନଙ୍କ ପାଇଁ ଏହି ନିୟମାବଳୀର-୬ଖ (ପରିବାରର ଆୟ ସୀମା) ଓ ରୁଲ-୨୪(ଅପରାଧିକ ମାମଲାରେ ଦୋଷୀ) ପ୍ରଯୁଜ୍ୟ ହେବନି। ତେବେ ଜରୁରୀକାଳୀନ ପରିସ୍ଥିତିରେ ଗିରଫ ହୋଇଥିବା ଓଡ଼ିଶାର ରାଜନୀତିକ ବନ୍ଦୀଙ୍କ ସଂଖ୍ୟା କେତେ, ତା'ର ହିସାବ ଦୀର୍ଘ ୪ ଦଶନ୍ଧି ମଧ୍ୟରେ ରଖିପାରିନଥିବା ରାଜ୍ୟ ସରକାର ଏବେ ସେମାନଙ୍କୁ ସମ୍ମାନ ଦେବା ପରିବର୍ତ୍ତେ ମାସିକ ମଧୁବାବୁ ପେନସନ ଯୋଜନାରେ ୫୦୦ରୁ ୯୦୦ଟଙ୍କା ମଧ୍ୟରେ ମାସିକ ଭତ୍ତା ଦେଇ ଖୋଲାଖୋଲି ଅସମ୍ମାନ କରିବାକୁ ପଛାଇ ନାହାନ୍ତି। ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ସାମାଜିକ ନ୍ୟାୟ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମଧୁବାବୁ ପେନସନ ଯୋଜନାର ରୁଲସ-୨୦୦୮ର ସଂଶୋଧନ କରାଯାଇ ଯୋଗ୍ୟ ହିତାଧିକାରୀ ତାଲିକାରେ ମିସା ଆଇନରେ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ ସାମିଲ କରିବାର ନୂଆ ପ୍ରାବଧାନ ରଖାଯାଇଛି। ଏହି ରାଜନୀତିକ ବନ୍ଦୀମାନେ ଆବଶ୍ୟକ ଦସ୍ତାବିଜ ଦେଇ ଉକ୍ତ ମାସିକ ଭତ୍ତା ବା ପେନସନ୍ ପାଇପାରିବେ ଏବଂ ସେମାନଙ୍କ ପାଇଁ ରୁଲସ-୬(ଖ) ଓ ୨୪ ପ୍ରଯୁଜ୍ୟ




ହେବନି ବୋଲି ସରକାରଙ୍କ ସଂଶୋଧିତ ନିୟମରେ ଉଲ୍ଲେଖ ରହିଛି। ମାତ୍ର ୧୯୭୫ ମସିହାରେ ଦେଶରେ ୧୮ମାସର ଜରୁରୀକାଳୀନ ପରିସ୍ଥିତିବେଳେ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ସ୍ୱର ଉତ୍ତୋଳନ କରି ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ ସମ୍ମାନ ଦେବା ତ ଦୂରର କଥା ସେମାନଙ୍କୁ ମଧୁବାବୁ ପେନସନ୍ ସ୍କିମରେ ମାସିକ ସର୍ବାଧିକ ୯୦୦ଟଙ୍କା ପର୍ଯ୍ୟନ୍ତ ଭତ୍ତା ଦେବାକୁ ନିଷ୍ପତ୍ତି ନେଇ ରାଜ୍ୟ ସରକାର ନିଜର ହୀନ ମାନସିକତାକୁ ପ୍ରତିପାଦନ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ମିସା ଆଇନ ବଳରେ କେତେ ରାଜନୀତିକ ବନ୍ଦୀ ଗିରଫ ହୋଇଥିଲେ ତା'ର ତାଲିକା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବାରମ୍ବାର ➤ ପୃ-୬

# ମରଣଯନ୍ତା ପାଲଟିଛି ଲିଙ୍ଗିପୁର ରାସ୍ତା

## ଲୋଡ଼ିଲେ ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ



**ଭୁବନେଶ୍ୱର:** ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଞ୍ଚାୟତ ଅଫିସ ଠାରୁ ମାତ୍ର ୧୦୦ ମିଟର ଭିତରେ ଅଧିକାଂଶ ରାସ୍ତା ଅବସ୍ଥା ଶୋଚନୀୟ। ରାସ୍ତାଗୁଡିକ ତିଆରି ହେବା ପରେ ମରାମତି ପାଇଁ ରାଜ୍ୟ ସରକାରଙ୍କ ପଂଚାୟତରାଜ ବିଭାଗ ସେତିକି ଯତ୍ନବାନ ନୁହେଁ, ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ଅବସ୍ଥାର ସୁଧାର ଆସୁନି। ଏତେ ଗୁଡିଏ ଅର୍ଥ ଖର୍ଚ୍ଚ ହେବା ସତ୍ୱେ ରାସ୍ତା ମରାମତି ଠିକ ଭାବରେ ହୋଇପାରୁନି। ଏହାର ନଗ୍ନ ଉଦାହରଣ ହେଉଛି ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଞ୍ଚାୟତ ଅଧିନସ୍ଥ ନାଲକୋ କଲୋନୀର ରାସ୍ତା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛି। ଖାଲ, ଢିପ ଭର୍ତ୍ତି। ପ୍ରତ୍ୟେକ ଦିନ ହସ୍‌ପିଟାଲକୁ ଆସୁଥିବା ଆମ୍ବୁଲାନ୍ସ ଏବଂ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର କର୍ଣ୍ଣପାତ କରୁନାହିଁ କିମ୍ବା ପଂଚାୟତର ଦୃଷ୍ଟିକୁ ଆସୁନାହିଁ। ଏଠାରେ ଅଧିକାଂଶ ବ୍ୟକ୍ତି ବରିଷ୍ଠ ନାଗରିକ ଅଟନ୍ତି। ବର୍ଷା ହେଲେ ଆଣ୍ଠୁଏ ଲେଖା ପାଣି ରୋଡରେ ଜମି ରହୁଛି। ଡଷ୍ଟବିନ ମଧ୍ୟ କିଛିନାହିଁ। ଠିକ ସେହିପରି ଲିଙ୍ଗିପୁର ପୋଷ୍ଟ ଅଫିସ ଅଫିସ ପଛପଟ ରାସ୍ତା ଖାଲ, ଖମାରରେ ଭରପୁର। ରାସ୍ତା ଖୋଜି ବାହାର କରିବା କାଠିକର ପାଠ। ସ୍ୱାଧୀନତା ୭୫ବର୍ଷ ପରେ ମଧ୍ୟ ଏହିଭଳି ଶୋଚନୀୟ ରାସ୍ତା ନି ଚକ୍ଷୁରେ ନଦେଖିଲେ ବିଶ୍ୱାସ ହେଉନାହିଁ। ➤ ପୃ-୬

## ବିବାଦରେ ନିଯୁକ୍ତି ପ୍ରକ୍ରିୟା

# ସରକାରୀ ନିଯୁକ୍ତି ଏଜେନ୍ସିକୁ ଅଣଦେଖା

**ଭୁବନେଶ୍ୱର :** ରାଜ୍ୟ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଉଠାଜଳସେଚନ ନିଗମ (ଓଏଲଆଇସି) ପକ୍ଷରୁ ୧୦୮ଟି ନିୟମିତ ପଦବୀ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନୂଆ ବିବାଦ ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ନିଯୁକ୍ତି ଏଜେନ୍ସି ଥିବା ସତ୍ତ୍ୱେ ନିଗମ ନିଜେ କାହିଁକି ସିଧାସଳଖ ଏସବୁ ପଦବୀ ପୂରଣ ନିମନ୍ତେ ବିଜ୍ଞପ୍ତି ଦେଲେ ଓ ନିଜେ ଚୟନ କରିବାକୁ ନିଷ୍ପତ୍ତି ନେଲେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ରାଜ୍ୟ ଜଳସମ୍ପଦ ବିଭାଗର ମୋଟ ୩୯୧ଟି ଆସିଷ୍ଟାଣ୍ଟ ଏକଜ୍ୟୁକିଟିଭ ଇଞ୍ଜିନିୟର(ଏଇଇ) ପଦବୀ ପୂରଣ ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)ଙ୍କ ଦ୍ୱାରା ଏବେ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବାବେଳେ ସେହି ବିଭାଗ ଅଧୀନରେ ଥିବା ଉଠାଜଳସେଚନ ନିଗମ ନିଜେ ସିଧାସଳଖ ଏତେ ସଂଖ୍ୟକ ଏଇଇ (ରେଗୁଲାର ପଦବୀ) ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛି। ପରୀକ୍ଷା ପରିଚାଳନାର ଅଭିଜ୍ଞତା ନଥିବା ସତ୍ତ୍ୱେ ନିର୍ବାଚନୀ ବର୍ଷରେ ନିଗମ ପରିଚାଳନା କର୍ତ୍ତୃପକ୍ଷ ୫୨ଟି ଆସିଷ୍ଟାଣ୍ଟ ଏକଜ୍ୟୁକିଟିଭ ଇଞ୍ଜିନିୟର(ଏଇଇ), ୨୫ଟି ଜୁନିୟର ଇଞ୍ଜିନିୟର,୧୨ଟି ଜୁନିୟର କ୍ଲର୍କ ଓ ୨୦ଟି



ଜୁନିୟର ଆସିଷ୍ଟାଣ୍ଟ ପଦବୀ ଭଳି ନିୟମିତ ନିଯୁକ୍ତି (ରେଗୁଲାର ପଦବୀ) ପ୍ରକ୍ରିୟା ଆରମ୍ଭ କରି ପରୋକ୍ଷରେ ଘୋଡ଼ାବେପାରକୁ ପ୍ରୋତ୍ସାହିତ କରୁଥିବା ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ଅନୁସାରେ, ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଉଠାଜଳସେଚନ ନିଗମ ପକ୍ଷରୁ ଗତକାଲି ମୋଟ ୧୦୮ଟି ନିୟମିତ ପଦବୀ ପାଇଁ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଛି । ଏସବୁ ଆବେଦନର ଶେଷ ତାରିଖ ମେ' ୧୦ତାରିଖ ଧାର୍ଯ୍ୟ ହୋଇଛି। ଗ୍ରୁପ୍ -ଏରେ ୫୨ଟି, ଗ୍ରୁପ-ବିରେ ୨୪ଟି ଓ ଗ୍ରୁପ-ସିରେ ୩୨ଟି ନିୟମିତ ପଦବୀ ପାଇଁ ଓଏଲଆଇସି ପକ୍ଷରୁ ଆବେଦନ ପତ୍ର ସଂଗ୍ରହ କରାଯାଉଛି। ଓଏଲଆଇସି ମ୍ୟାନେଜମେଣ୍ଟ ଏହି ସ୍ଥାୟୀ ପଦବୀଗୁଡ଼ିକ ପାଇଁ ପ୍ରାର୍ଥୀ ଚୟନ ନିଜେ କରିବ ଓ ନିଯୁକ୍ତି ନିମନ୍ତେ ସୁପାରିଶ କରିବ ବୋଲି ବିଜ୍ଞାପନରେ ଉଲ୍ଲେଖ ରହିଛି। ➤ ପୃ-୬

## ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ

# ଓଡ଼ିଶା 'ନ୍ୟାୟ' ସବୁଠୁ ଭଲ

**ଭୁବନେଶ୍ୱର :** ଜଷ୍ଟିସ ଡେଲିଭରିରେ ଓଡ଼ିଶା ବେଷ୍ଟ। ମିଳୁଛି ନ୍ୟାୟ, ନାହିଁ ପୋଲିସର ଫେକ ଏନକାଉଣ୍ଟର୍। ଥାନାକୁ ଗଲେ ପୋଲିସ ଦେଖାଉଛି ଭଲ ବ୍ୟବହାର। ସର୍ବଭାରତୀୟ ସର୍ଭେ ସଂସ୍ଥା ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ନ୍ୟାୟ ପ୍ରଦାନ ଓ ପୋଲିସିଂରେ ଯଥେଷ୍ଟ ଉନ୍ନତି ଆସିଛି। ୨୦୨୨ରେ ଓଡ଼ିଶା ସ୍ଥାନ ୧୦ରେ ରହିଛି। ଯାହାକି ଗ୍ରୀନ୍ ଜୋନରେ ଦର୍ଶାଉଛି। ୨୦୨୦ରେ ଓଡ଼ିଶା ନ୍ୟାୟ ପ୍ରଦାନରେ ୧୧ତମ ସ୍ଥାନରେ ଥିଲା। ଯେବେଠୁ ୫-ଟି' ଓ ମୋ ସରକାର ବ୍ୟବସ୍ଥା ସକ୍ରିୟ ହୋଇଛି ସେବେଠାରୁ ନ୍ୟାୟ ପ୍ରଦାନ ଆହୁରି ତ୍ୱରାନ୍ୱିତ ହୋଇଛି । ଉତ୍ତରପ୍ରଦେଶ ୧୮ ତମ ସ୍ଥାନରେ ରହି ସବୁଠୁ ତଳେ ରହିଛି। ତା ଉପରକୁ ରହିଛି ପଶ୍ଚିମବଙ୍ଗ, ବିହାର, ରାଜସ୍ଥାନ। ବିଶେଷକରି ବିଜେପି ଶାସିତ ରାଜ୍ୟଗୁଡ଼ିକ ଓଡ଼ିଶାଠାରୁ ପଛରେ ରହିଛନ୍ତି। ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ନ୍ୟାୟାଧୀଶଙ୍କ ଭୂମିକା ଅତୁଳନୀୟ। ତଥାପି କୋର୍ଟର ଭିତ୍ତିଭୂମି ଓ ସ୍ୱଚ୍ଛ ପୋଲିସ ବ୍ୟବସ୍ଥା ଯୋଗୁ ନ୍ୟାୟ ପ୍ରଦାନ ପାଇଁ ସହାୟକ



ହୋଇଥାଏ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମ୍ବିଧାନିକ ସଂସ୍ଥାର ଗରିମା ଓ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଭିତ୍ତିଭୂମି ସୁଦୃଢ଼ କରିଛନ୍ତି। ଇ-ଗଭର୍ଣ୍ଣାନ୍ସ ଓଡ଼ିଶା ହାଇକୋର୍ଟ ସର୍ବଶ୍ରେଷ୍ଠ କୋର୍ଟ ଭାବେ ସୁପ୍ରିମକୋର୍ଟଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ପୋଲିସ ଓ ମାନବସମ୍ବଳ ପରିଚାଳନାରେ ଓଡ଼ିଶା ୪ ନମ୍ବର ରାଙ୍କରେ ରହିଛି। ସବୁଠୁ ଶ୍ରେଷ୍ଠ ପୋଲିସ ଷ୍ଟେସନ୍ ବୋଲି ଆସିକା ଥାନା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଦ୍ୱାରା ପୁରସ୍କୃତ ହୋଇଛି। ୨୦୨୪ ସୁଦ୍ଧା ସବୁ ବ୍ଲକରେ ହେବ ଇ-କୋର୍ଟ୍। ୪ଟି ପାରାମିଟର ଯଥା ପୋଲିସ, ପ୍ରିଜନ୍ସ, ଜୁଡିସିଆରୀ ଓ ଲିଗାଲ୍ ଏଡ୍ ଆଧାରରେ ସବୁ ରାଜ୍ୟ ପାଇଁ ➤ ପୃ-୬

## ବକ୍ରବାଣୀ



ମିତଲ ଯାଇକି ପୋସ୍କୋ ବି ଗଲା
ବାଇଶି ବରଷେ ଶିଳ୍ପ ନୋହିଲା
ଭୋଅଟ ବେଳକୁ ଚେତା ପଶିଲା
ବରଷେ ଆଗରୁ ଯୋଜନା ହେଲା
ଗରୀବ ଧନରେ ମଉଜ ପାଇଁ
ଗଲାରେ ବିଜେଡି ଜାପାନ ଧାଇଁ
ଜାପାନୀ ନିପନ ଖେଳଟେ ହବ
ଖଣି ପଇସାରେ ତେଲ ବୋଇବ
ମାଗଣାଖିଆଙ୍କ ନିଘା ଅଛିକି
ଜାପାନ ବୁଲାରେ କିଏ ଥିଲେକି।

—ଟୁଟୁ

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ

# ତାଳଦଣ୍ଡା, ପୁରୀ ଓ ଦୟାୱେଷ୍ଟ କେନାଲ ଜଳ ପ୍ରଦୂଷିତ

**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱର, କଟକ ଓ ପୁରୀବାସୀ ନିର୍ଭର କରୁଥିବା ରାଜ୍ୟର ୩ଟି କେନାଲର ଜଳ ଏବେ ବିଷାକ୍ତ। ଏପରିକି ଗାଧେଇବା ପାଇଁ ବି ଏସବୁ କେନାଲର ଜଳ ଉପଯୁକ୍ତ ନୁହେଁ। ଏହି କେନାଲଗୁଡ଼ିକର ଜଳ ଏତେ ପରିମାଣରେ ପ୍ରଦୂଷିତ ଯେ ଏଥିରେ ଗାଧେଇବା ତ ଦୂରର କଥା ବିଶୋଧନ କରି ମଧ୍ୟ ଏହାର ପାଣିକୁ ପାନୀୟ ଜଳ ଭାବେ ଉପଯୋଗ କରିହେବ ନାହିଁ। କେବଳ ଜଳସେଚନ ପାଇଁ ଛାଡ଼ି ଦେଲେ ଏହି କେନାଲଗୁଡ଼ିକର ଜଳ ସାଧାରଣ ଲୋକଙ୍କ ଉପଯୋଗ ନିମନ୍ତେ ପ୍ରଯୁଜ୍ୟ ନୁହେଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏଭଳି କିଛି



ତଥ୍ୟଭିତ୍ତିକ ରିପୋର୍ଟ ଗତ ୪ଦିନ ତଳେ ରାଜ୍ୟ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ତଥା ଉନ୍ନୟନ କମିଶନରଙ୍କୁ ପ୍ରଦାନ କରି ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ କହିଛନ୍ତି ଯେ, ବୋର୍ଡ ଦ୍ୱାରା ନିୟମିତ ଭାବେ କେନାଲ ଜଳଗୁଡ଼ିକର ଗୁଣାତ୍ମକ ମାନର ପରୀକ୍ଷା ନିରୀକ୍ଷା କରାଯାଇଥାଏ। ୨୦୨୨ ମସିହାରେ କେନାଲଗୁଡ଼ିକରେ ଛଡ଼ାଯାଇଥିବା ଜଳର ଗୁଣାତ୍ମକ ମାନ ଓ ବିଭିନ୍ନ ଉପଯୋଗ ନିମନ୍ତେ ଏହା ପ୍ରଯୁଜ୍ୟ କି ନୁହେଁ ତାହା ଆକଳନ କରାଯାଇଥିଲା। କଟକ ସହରର ବିଭିନ୍ନ ବର୍ଗର ଲୋକେ ତାଳଦଣ୍ଡା କେନାଲ ଉପରେ ନିର୍ଭର କରିଥାନ୍ତି। ଏହି କେନାଲ ପାରାଦୀପ ପର୍ଯ୍ୟନ୍ତ ଲମ୍ବିଛି। ତେବେ ତାଳଦଣ୍ଡା କେନାଲର ଜଳକୁ କଟକର ଯୋବ୍ରା, ରାଣୀହାଟ, ଛତ୍ରବଜାର, ନୂଆବଜାର, ବିରିବାଟୀ ଓ ଅଠରବାଙ୍କି ସମେତ ପୁରୀ କେନାଲର ହଂସପାଳ, ଜଗନ୍ନାଥପୁର ଓ ଚନ୍ଦନପୁରଠାରେ ଜଳର ନମୂନା ➤ ପୃ-୬

## ନୂଆ ପଞ୍ଜିକା ପ୍ରଚଳନ

# ଯାଇପାରେ ବିଶ୍ୱସ୍ତରର ବଡ଼ ମୁଣ୍ଡ !



**ପୁରୀ:** ପବିତ୍ର ମହାବିଷୁବ ସଂକ୍ରାନ୍ତି। ଉତ୍କଳୀୟ ନବବର୍ଷ। ଏ ଅବସରରେ ଶୁକ୍ରବାରଠାରୁ ରାଜ୍ୟରେ ପ୍ରଚଳନ ହୋଇଛି ନୂଆ ପଞ୍ଜିକା। ଶୁକ୍ରବାରଠୁ ସଂବତ୍ସର ଆରମ୍ଭ ସହ ଶ୍ରୀମନ୍ଦିରରେ ନୂଆ ପଂଜିକା ପ୍ରଚଳନ ହୋଇଛି। ଗ୍ରହ ଚଳନକୁ ଦୃଷ୍ଟିରେ ରଖି ଏ ବର୍ଷ ରାଜ୍ୟ, ଦେଶ ତଥା ବିଶ୍ୱର ଭାଗ୍ୟ ଭବିଷ୍ୟତ ନେଇ ଅନେକ ଭଲ-ମନ୍ଦର ପୂର୍ବାନୁମାନ ସହ ନୂଆ ସମାଚାର ଆଣିଛି ନୂଆ ପଞ୍ଜିକା। ନୂଆ ପଞ୍ଜିକାର ଗଣନା ଅନୁସାରେ ଏ ବର୍ଷ ଆରମ୍ଭରୁ ଶନି ମୂଳତ୍ରିକୋଣରେ ଥିବାରୁ ବିଶ୍ୱ ପାଇଁ ଆଣିପାରେ ମିଶ୍ରିତ ଫଳାଫଳ। ବିଶ୍ୱର ପଶ୍ଚିମଭାଗରେ ଶାନ୍ତି ବିରାଜମାନ ସହ ପୂର୍ବଭାଗରେ ହିଂସା, ➤ ପୃ-୬






## ଚଳିତ ଆର୍ଥିକ ବର୍ଷ ହେବ ବିପୁଳ ନିଯୁକ୍ତିର ବର୍ଷ

# ବିଭିନ୍ନ ବିଭାଗରେ ଖାଲି ପଦ ପୂରଣ ନିମନ୍ତେ ମାଷ୍ଟରପ୍ଲାନ୍

**ଭୁବନେଶ୍ୱର:** ଚଳିତ ଆର୍ଥିକ ବର୍ଷ ହେବ ବିପୁଳ ନିଯୁକ୍ତିର ବର୍ଷ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଆଦି ବିଭାଗରେ ଖାଲି ପଦ ପୂରଣ କରାଯିବ। ସେହିପରି ପୁଲିସ ବିଭାଗରେ ମଧ୍ୟ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି ଓ ସାଧାରଣ ପ୍ରଶାସନ ବିଭାଗକୁ ନକ୍ସା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ରାଜ୍ୟରେ ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କ ନିଯୁକ୍ତି ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଇ ଆସୁଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ହଜାର ହଜାର ଶିକ୍ଷକ ନିଯୁକ୍ତି ଜାରି ରହିଥିବା ବେଳେ ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ପ୍ରଦାନ ଜାରି ରହିଛି। ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଦେଶର ନିଯୁକ୍ତି କେନ୍ଦ୍ର ପାଲଟିବାକୁ ଯାଉଥିବା ବେଳେ ସେହି ଅନୁଯାୟୀ ଯୁବକ ଯୁବତୀମାନଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଉଛି। ଏହିକ୍ରମରେ ରାଜ୍ୟ ଦକ୍ଷତା ବିକାଶ ବିଭାଗ ଯୁବକ ଯୁବତୀମାନଙ୍କ ଦକ୍ଷତା ବିକାଶ ପାଇଁ ଏକ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିବ। ସେହିପରି ସମସ୍ତ ବିଭାଗ



ଯେପରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବଶ୍ୟକୀୟ ନିଯୁକ୍ତି ପ୍ରଦାନ କରିପାରିବେ ସେନେଇ ଏକ ନିଯୁକ୍ତି ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବ। ରାଜ୍ୟ ସରକାର ଏଭଳି ନକ୍ସା ଆଙ୍କୁଥିବା ବେଳେ ଚଳିତ ବର୍ଷ ଯୁବକ ଯୁବତୀଙ୍କ ପାଇଁ ମେଗା ନିଯୁକ୍ତିର ବର୍ଷ ହେବ ବୋଲି ଆକଳନ କରାଯାଉଛି। ଆଗାମୀ ୧୭ ତାରିଖରେ ସଚିବସ୍ତରୀୟ ବୈଠକରେ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ସହ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।ରାଜ୍ୟରେ ପ୍ରଶାସନକୁ ଅଧିକରୁ ଅଧିକ କ୍ରିୟାଶୀଳ ଏବଂ ଲୋକକୈନ୍ଦ୍ରିକ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି। ବିଶେଷକରି '୫-ଟି' ଏବଂ ମୋ ସରକାରର ଉପକ୍ରମକୁ ଉପଯୋଗ କରି ରାଜ୍ୟ ପ୍ରଶାସନ ପ୍ରତିଟି ସେବା ଏବଂ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇ ଆସୁଛି। ଏହାକୁ ଅଧିକ କ୍ରିୟାଶୀଳ କରିବା ପ୍ରଶାସନିକ ପ୍ରସ୍ତୁତି କରାଯାଉଛି। ଏହା ସହ ଲୋକହିତକର ଯୋଜନାଗୁଡ଼ିକ ନେଇ ସରକାରୀ ପ୍ରତିବଦ୍ଧତାର ପରିପୂରଣ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଉଛି। ଗତ ୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟ ସରକାର ଯେଉଁ ପ୍ରମୁଖ ଘୋଷଣା କରିଥିଲେ ତାହା କେତେମାତ୍ରାରେ ପୂରଣ ହୋଇଛି ଏବଂ ଏ ନେଇ କଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ପ୍ରଶାସନିକ ସ୍ତରରେ ସମୀକ୍ଷା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ରାଜ୍ୟ ସରକାର ଯେଉଁ ବଡ଼ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ତାହାର କାର୍ଯ୍ୟକାରିତା ସହ ପ୍ରକଳ୍ପୱାରୀ ସମୀକ୍ଷା କରାଯିବ। ରାଜ୍ୟର ବିତ୍ତୀୟ ପରିଚାଳନା ଦେଶର ଅନ୍ୟ ବଡ଼ ରାଜ୍ୟ ତୁଳନାରେ ଖୁବ୍ ଭଲସ୍ଥିତିରେ ଥିବା ବେଳେ ଆର୍ଥିକ ପ୍ରଗତିକୁ ମଧ୍ୟ ରାଜ୍ୟ ସରକାର ସମାନ ଭାବେ ଗୁରୁତ୍ୱାରୋପ କରି ଆସୁଛନ୍ତି। ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** - ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟରେ ବୃଦ୍ଧି ହେବ। ସଞ୍ଚୟ ହେବ। ପରିବାର ସହଯୋଗ ପାଇବେ ନାହିଁ। ସ୍ଥାନାନ୍ତରଣ ଯୋଗ ଅଛି। ବିଦେଶରେ ପାଠ ପଢ଼ିପାରନ୍ତି। ଦାମ୍ପତ୍ୟ ଜୀବନରେ ଅସ୍ଥିରତା ଯୋଗ ଅଛି। ପ୍ରତିକାର : ପ୍ରତିଦିନ ୧୦ଥର ଓଁ ଭୌମାୟ ନମଃ ଜପ କରନ୍ତୁ।

**ବୃଷ** - ମାଦକ ଦ୍ରବ୍ୟ ସେବନରୁ ଦୂରେଇ ପାରନ୍ତି। ବାପା ମାଆଙ୍କ ସହଯୋଗ ପାଇ କାର୍ଯ୍ୟକ୍ଷେତ୍ରରେ ନୂତନ ଉପଲବ୍ଧି ପାଇବେ। ଛାତ୍ରୀମାନଙ୍କ ପାଇଁ ସମୟ ଅନୁକୂଳ। ଜୀବନସାଥୀଙ୍କ ସହ ତାଳ ମେଳ ବଢ଼ିବ। ପ୍ରତିକାର : ପ୍ରତିଦିନ ୪୦ଥର ଓଁ ରାହବେ ନମଃ ଜପ କରନ୍ତୁ।

**ମିଥୁନ** - ଖରାପ ସ୍ୱାସ୍ଥ୍ୟ ଆତ୍ମବିଶ୍ୱାସ କମିବ। ବ୍ୟୟରେ ବୃଦ୍ଧି ହେବ। ଉଧାର କରିପାରନ୍ତି। ବିପରିତ ଲିଙ୍ଗି ବ୍ୟକ୍ତିଙ୍କୁ ଆକର୍ଷ କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ପ୍ରତିଦିନ ୪୧ଥର ଓଁ ବୁଧାୟ ନମଃ ଜପ କରନ୍ତୁ।

**କର୍କଟ** - ପେଟରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ସଫଳ ହେବେ। ଧନହାନୀ ହୋଇପାରେ। ସହକର୍ମୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ପ୍ରତିକାର : ବିକଳାଙ୍ଗଙ୍କୁ ଖାଦ୍ୟ ଖୁଆନ୍ତୁ।

**ସିଂହ** - ଖେଳକୁଦରେ ଭାଗ ନିଅନ୍ତୁ। ଦୀର୍ଘ ମିଆଦି ବ୍ୟବସାୟ କରନ୍ତୁ। ପରିବାରରେ ସମ୍ପର୍କ ବିଗିଡିପାରେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟର ସହଯୋଗ ନିଅନ୍ତୁ। ପ୍ରତିକାର : ମଙ୍ଗଳବାର ଦିନ ରାହୁଙ୍କ ପାଇଁ ହୋମ କରନ୍ତୁ।

**କନ୍ୟା** - ସ୍ୱାସ୍ଥ୍ୟରେ ଉନ୍ନତି ହେବ। କୌଣସି ସନ୍ଥଙ୍କ ଆଶୀର୍ବାଦ ପାଇବେ। ଅର୍ଥ ପ୍ରାପ୍ତ ଯୋଗ ଅଛି। ଆତ୍ମୀୟଙ୍କ ସହ ମତଭେଦ ହୋଇପାରେ। ପ୍ରେମୀ ନାରାଜ ହୋଇପାରନ୍ତି। ପ୍ରତିକାର : ପ୍ରତିଦିନ ବିଷ୍ଣୁ ସହସ୍ର ନାମ ଜପ କରନ୍ତୁ।

**ତୁଳା** - ମନ ଅସ୍ଥିର ରହିବ। ବ୍ୟବସାୟରେ ବିସ୍ତାର ପାଇଁ ଋଣ ନେଇପାରନ୍ତି। ଅନ୍ୟ ସହମତ ଭେଦ ହୋଇପାରେ। ସତର୍କ ରହନ୍ତୁ। ଶିକ୍ଷକଙ୍କ ସହଯୋଗ ପାଇବେ। ପ୍ରତିକାର : ପ୍ରତିଦିନ ୩୧ଥର ଓଁ ଶୁକ୍ରାୟ ନମଃ ଜପ କରନ୍ତୁ।

**ବିଛା** - ଅଧିକ ଚିନ୍ତା କରନ୍ତୁ ନାହିଁ। କମ୍ ପରିଶ୍ରମରେ ଅଧିକ ଆୟ ହେବ। ପରିବାରରେ ସୁଖ ପାଇଷବ। ଲକ୍ଷ୍ୟପ୍ରାପ୍ତି ଯୋଗ ଅଛି। ପ୍ରେମୀ ମାନେ ଭ୍ରମଣ ପାଇଁ ଯାଇପାରନ୍ତି। ପ୍ରତିକାର : ପ୍ରତିଦିନ ୨୭ଥର ଓଁ ଶୁକ୍ରାୟ ନମଃ ଧ୍ୟାନ କରନ୍ତୁ।

**ଧନୁ** - ଖର୍ଚ୍ଚ ପାଇଁ ମାର୍ଗ ପ୍ରସ୍ତୁତ କରନ୍ତୁ। ମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଛାତ୍ରମାନଙ୍କ ସମୟ ପ୍ରତିକୂଳ ରହିବ। ପ୍ରେମୀମାନେ ବିବାହ ପ୍ରସ୍ତାବ ରଖିପାରନ୍ତି। ପ୍ରତିକାର : ଗୁରୁବାର ଦିନ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ମକର** - ଅର୍ଥ ଆଗମନର ସୂଚନା ପାଇବେ। ଧନର ଠିକ୍ ଉପଯୋଗ କରନ୍ତୁ। ପରିବାରର କାର୍ଯ୍ୟରେ ବାନ୍ଧି ହୋଇପାରନ୍ତି। ବାପା ବା ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ପ୍ରତିକାର : ୧୧ଥର ଓଁ ଭାସ୍କରାୟ ନମଃ ଜପ କରନ୍ତୁ।

**କୁମ୍ଭ** - ପାଚନ ରୋଗରୁ ମୁକ୍ତି ପାଇବେ। ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ପରିବାର ଓ ବନ୍ଧୁଙ୍କ ସହଯୋଗ ପାଇବେ। ଛାତ୍ରଙ୍କୁ ସଫଳତା ମିଳିବ। ପ୍ରେମୀଙ୍କ ଠାରୁ ଦୂରେଇ ରହିବା କଷ୍ଟ ହୋଇପାରେ। ପ୍ରତିକାର : ଭଗବାନ ଶିଙ୍କ ଉପାସନା କରନ୍ତୁ।

**ମୀନ** - ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବ୍ୟୟରେ ବୃଦ୍ଧି ହେବ। ପରିବାର ସହ ସମୟ କଟିବ। ପଦୋନ୍ନତି ହୋଇପାରେ। ଛାତ୍ରମାନେ ସଫଳତା ପାଇବେ। ଜୀବନସାଥୀଙ୍କ ସହ ବାଦବିବାଦ ହୋଇପାରେ। ପ୍ରତିକାର : ପ୍ରତିଦିନ ୨୧ଥର ଓଁ ଗଣେଶାୟ ନମଃ ଜପନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## ସେବାକ୍ଷେତ୍ର ଉଦ୍ୟୋଗ ଉପରେ ଦେଶବ୍ୟାପୀ ସର୍ବେକ୍ଷଣ ହେବ

**ନୂଆଦିଲ୍ଲୀ :** ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଅଧୀନ କ୍ଷେତ୍ର ପରିଚାଳନା ଡିଭିଜନର ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ (ଏନ୍‌ଏସ୍‌ଏସ୍‌ଓ) ୧୯୫୦ ମସିହାଠାରୁ ବିଭିନ୍ନ ସାମାଜିକ-ଆର୍ଥିକ ବିଷୟବସ୍ତୁ ଉପରେ ଦେଶବ୍ୟାପୀ ବ୍ୟାପକ ଆକାରରେ ନମୁନା ସର୍ବେକ୍ଷଣ ଆୟୋଜନ କରି ଆସୁଛି। ଦେଶର ଅର୍ଥବ୍ୟବସ୍ଥାରେ ସେବାକ୍ଷେତ୍ର ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ଏବଂ ଜିଡିପିରେ ଏହି କ୍ଷେତ୍ରର ସର୍ବାଧିକ ଅଂଶଧନ ରହିଛି। ଏହି କାରଣରୁ ଏନ୍‌ଏସ୍‌ଏସ୍‌ଓ ଦ୍ୱାରା ସଂଗଠିତ ସେବାକ୍ଷେତ୍ର ଉଦ୍ୟୋଗ ଉପରେ ଏକ ଦେଶବ୍ୟାପୀ ସର୍ବେକ୍ଷଣ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହି କ୍ଷେତ୍ରରେ ନିଯୁକ୍ତି, ପୁଞ୍ଜି ସୃଷ୍ଟି, ସକଳ ମୂଲ୍ୟ ବୃଦ୍ଧି, ଉଦ୍ୟୋଗ ମାନ୍ୟତା ଆଦି ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟରେ ରହିଥିବା ତଥ୍ୟାତ୍ମକ ଶୂନ୍ୟସ୍ଥାନ ପୂରଣ କରିବା ଉଦ୍ଦେଶ୍ୟରେ ସର୍ବେକ୍ଷଣ ଆୟୋଜନ କରାଯିବ। ସର୍ବଭାରତୀୟ ସ୍ତରରେ ଚୂଡ଼ାନ୍ତ ସେବା ଆୟୋଜନ କରିବା ପୂର୍ବରୁ ଜିଏସ୍‌ଟିଏନ୍ ତଥ୍ୟକୁ ଆଧାର କରି ଓଡ଼ିଶା, ମଧ୍ୟପ୍ରଦେଶ ଏବଂ ତ୍ରିପୁରାରେ ଏକ ପରୀକ୍ଷାମୂଳକ ସର୍ବେକ୍ଷଣ କରାଯିବ। ଭୁବନେଶ୍ୱର ଏବଂ ସମ୍ବଲପୁରରେ ରହିଥିବା ଏନ୍‌ଏସ୍‌ଏସ୍‌ଓ ଆଞ୍ଚଳିକ କାର୍ଯ୍ୟାଳୟର କ୍ଷେତ୍ର ପରିଚାଳନା ଡିଭିଜନର ଅଧିକାରୀମାନେ ଯୋଗ୍ୟ ଉଦ୍ୟୋଗଗୁଡ଼ିକରୁ ଆବଶ୍ୟକ ତଥ୍ୟ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ହେବେ। ଦୁଇଟି ପର୍ଯ୍ୟାୟରେ ସର୍ବେକ୍ଷଣ ଆୟୋଜନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଠିକଣା ଚିହ୍ନଟ କରିବା ସହିତ ବିଭିନ୍ନ ମାପଦଣ୍ଡ ଉପରେ ସୂଚନା ସଂଗ୍ରହ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ବିସ୍ତୃତ ସର୍ବେକ୍ଷଣ କରାଯିବ। ସର୍ବେକ୍ଷଣ ଆୟୋଜନରେ ଆବଶ୍ୟକ ସହଯୋଗ ଯୋଗାଇ ଦେବା ନିମନ୍ତେ ଏନ୍‌ଏସ୍‌ଏସ୍‌ଓ ଉପମହାନିର୍ଦ୍ଦେଶକ ଶ୍ରୀନିବାସ ଉପ୍ପାଲା ସେବାକ୍ଷେତ୍ରର ଉଦ୍ୟୋଗ ମାଲିକ ଓ ଉଦ୍ୟୋଗୀମାନଙ୍କୁ ଅନୁରୋଧ କରିଛନ୍ତି।

### ରାଜ୍ୟ ସରକାରଙ୍କୁ ଭର୍ତ୍ସନା କଲେ ସୁପ୍ରିମକୋର୍ଟ

# ବେଦାନ୍ତକୁ ୫ ଲକ୍ଷ ଟଙ୍କା ଜରିମାନା

**ନୂଆଦିଲ୍ଲୀ :** ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭର ବେଲଦଳ ଅଞ୍ଚଳରେ ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ମାମଲାରେ ଓଡ଼ିଶା ହାଇକୋର୍ଟଙ୍କ ରାୟକୁ କାଏମ ରଖିଲେ ସୁପ୍ରିମକୋର୍ଟ। ବେଦାନ୍ତର ୧୦ ହଜାର ଏକର ଜମି ଅଧିଗ୍ରହଣକୁ ବେଆଇନ କହିଲେ ସୁପ୍ରିମକୋର୍ଟ। ଏଥିସହ ବେଦାନ୍ତକୁ ୫ ଲକ୍ଷ ଟଙ୍କା ଜରିମାନା କରାଯିବା ସହ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି କୋର୍ଟ। ଏବଂ ସରକାରଙ୍କ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟର ଜଷ୍ଟିସ ଏମଆର ଶାହା ଏବଂ ଜଷ୍ଟିସ କେ ମୁରାରୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣୀ କରି ଏହି ରାୟ ପ୍ରକାଶ କରିଛନ୍ତି। ଏନେଇ ଜମିହରା ଚାଷୀଙ୍କ ପକ୍ଷରୁ ଲଢୁଥିବା ଓକିଲ ଆଦିତ୍ୟ ଦାସ ସୂଚନା ଦେଇଛନ୍ତି। ସରକାରଙ୍କ ଜମି ଅଧିଗ୍ରହଣକୁ



୨୦୧୦ ନଭେମ୍ବର ୧୬ରେ ବେଆଇନ କହିଥିଲେ ହାଇକୋର୍ଟ। ଏଥିସହ ଚାଷୀଙ୍କ ଜମି ଫେରାଇବାକୁ କହିଥିଲେ। ଏହି ରାୟକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲେ ଅନୀଲ ଅଗ୍ରଆଲ ଫାଉଣ୍ଡେସନ ଓ ରାଜ୍ୟ ସରକାର। ସୁପ୍ରିମକୋର୍ଟ ୨୦୧୧ ଜାନୁଆରୀରେ ଜମି ଅଧିଗ୍ରହଣ ମାମଲାରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟର ଆଇନଜୀବୀ ପ୍ରଶାନ୍ତ ଭୂଷଣ ଜନସ୍ୱାର୍ଥ ମାମଲା କରିଥିବା ଜମି ମାଲିକଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବାବେଳେ ସୁପ୍ରିମକୋର୍ଟର ସିନିଅର ଆଡଭୋକେଟ ସିଏ ସୁନ୍ଦରାମ ବେଦାନ୍ତ ପକ୍ଷରୁ ମାମଲା ଲଢୁଥିଲେ। ସୂଚନା ଥାଉକି, ବେଦାନ୍ତ ୟୁନିଭରସିଟି ପୁରୀ କୋଣାର୍କ ମେରାଇନ୍ ଡ୍ରାଇଭର ବେଲଦଳ ଅଞ୍ଚଳରେ ନିର୍ମାଣ ପାଇଁ ରାଜ୍ୟସରକାରଙ୍କ ସହିତ ଏମ୍‌ଓୟୁ କରିଛି। ଜମି ଅଧିଗ୍ରହଣ ବେଆଇନ ଭାବେ ହୋଇଥିବା ନେଇ ବହୁ ପ୍ରତିବାଦ ପରେ ମାମଲା ଲୋକପାଳଙ୍କ ପାଖକୁ ମଧ୍ୟ ଯାଇଥିଲା। ଏହା ପରଠାରୁ ମାମଲାଟି କୋର୍ଟରେ ବହୁବର୍ଷ ଧରି ବିଚାରାଧୀନ ରହିଥିଲା। ଏଠାରେ ସୂଚାଇ ଦିଆଯାଇପାରେ ଯେ ୨୦୦୬'ମସିହାରେ ଓଡିଶା ସରକାରଙ୍କ ସହିତ ବେଦାନ୍ତ ଅନୁଷ୍ଠାନର ଏକ ଚୁକ୍ତି ହୋଇଥିଲା ଓ ସେ ସମୟରେ ଓଡ଼ିଶାର ଶିକ୍ଷା ମନ୍ତ୍ରୀ ଥିଲେ ସମିର୍ ଦେ, ରାଜସ୍ୱ ମନ୍ତ୍ରୀ ଥିଲେ ମନମୋହନ ସାମଲ ଓ ଆଇନ୍ ମନ୍ତ୍ରୀ ଥିଲେ ବିଶ୍ୱଭୂଷଣ ହରିଚନ୍ଦନ।

## ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ: ୨୦୨୨ ଡିସେମ୍ବର ୫ ସୁଦ୍ଧା ୯୮୭.୭୪ ଲକ୍ଷ ଖର୍ଚ୍ଚ

**ନୂଆଦିଲ୍ଲୀ :** ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ଲାଗିରହିଥିବା ବିବାଦର ସମାଧାନ ପାଇଁ ୨୦୧୮ ମାର୍ଚ୍ଚ ୧୨ରେ ଟ୍ରିବ୍ୟୁନାଲ ଗଠିତ ହୋଇଥିଲା। ୨୦୨୨ ଡିସେମ୍ବର ୫ ସୁଦ୍ଧା ଟ୍ରିବ୍ୟୁନାଲଙ୍କ ପାଇଁ କେନ୍ଦ୍ର ସରକାର ୯୮୭.୭୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। କେନ୍ଦ୍ର ଜଳଶକ୍ତି, ନଦୀବିକାଶ ଓ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରାଳୟ ଦ୍ୱାରା ସଦ୍ୟ ପ୍ରକାଶିତ ୨୦୨୨-୨୩ର ବାର୍ଷିକ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟରେ କୁହାଯାଇଛି ଟ୍ରିବ୍ୟୁନାଲଙ୍କ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୩୩୦.୩୦ ଲକ୍ଷ ଟଙ୍କା ବ୍ୟବସ୍ଥା ହୋଇଥିଲା। ଏଥିରୁ ୨୦୨୨ ଏପ୍ରିଲ ପହିଲାରୁ ୨୦୨୨ ଡିସେମ୍ବର ୫ ସୁଦ୍ଧା ୨୩୧.୨୩ ଲକ୍ଷ ଟଙ୍କା ଖର୍ଚ୍ଚହୋଇଛି। ଟ୍ରିବ୍ୟୁନାଲ ଗଠିତ ହେବା ଦିନ ଠାରୁ ଆଜି ସୁଦ୍ଧା ୩୧୨ଟି ଶୁଣାଣି କରିଛନ୍ତି ଓ ମାମଲାର ବିଚାର ପାଇଁ ୨୦୨୦ ଅଗଷ୍ଟ ୨୯ରେ ୪୬ଟି ପ୍ରସଙ୍ଗ ନିର୍ଦ୍ଧାରଣ କରିଛନ୍ତି। ବଂଶଧାରା ଜଳକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ସୃଷ୍ଟିହୋଇଥିବା ବିବାଦର ସମାଧାନ ପାଇଁ ୨୦୧୦ ଫେବ୍ରୁଆରି ୨୪ରେ ଗଠିତ ଟ୍ରିବ୍ୟୁନାଲ କେନ୍ଦ୍ର ସରକାରଙ୍କୁ ୨୦୨୧ ଜୁନ ୨୧ରେ ରିପୋର୍ଟ ପ୍ରଦାନ କରିସାରିଛନ୍ତି।

## ଏବର୍ଷ ୯୬% ବର୍ଷା : ଆଇଏମ୍‌ଡି



**ନୂଆଦିଲ୍ଲୀ :** ସବୁଥର ଭଳି ଏ ବର୍ଷ ମଧ୍ୟ ମୌସୁମୀ ସ୍ୱାଭାବିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଛି। ଆଇଏମଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ତେବେ ଏଲ ନିନୋର ପ୍ରଭାବ ମୌସୁମୀ ବେଳେ ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଏହା ବର୍ଷାକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ମୌସୁମୀ ପ୍ରଭାବରେ ୯୬% ବର୍ଷା ହେବ। ଏହାର ଅର୍ଥ ସ୍ୱାଭାବିକ ବର୍ଷା ହେବ। ୯୬%ରୁ +/- ୫ ବର୍ଷାକୁ ସ୍ୱାଭାବିକ ବର୍ଷା କୁହାଯାଏ। ତେବେ ମୌସୁମୀ କେବେ ପ୍ରବେଶ କରିବ ଓ କେଉଁ ଅଞ୍ଚଳରେ କେତେ ବର୍ଷା ହେବ, ସେକଥା ଆଇଏମଡି ଏବେ କହି ନାହିଁ। ଆସନ୍ତା ମାସ ପ୍ରଥମ ସପ୍ତାହରେ ଆଇଏମଡି ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ ବୋଲି ଜଣାପଡ଼ିଛି। ସାରା ଦେଶରେ ସ୍ୱାଭାବିକ ବର୍ଷାର ଆକଳନ ହୋଇଥିଲେ ମଧ୍ୟ ଉତ୍ତର ପଶ୍ଚିମ ଭାରତର କିଛି ରାଜ୍ୟରେ ସ୍ୱାଭାବିକ ଠାରୁ କମ ବର୍ଷା ହେବାର ଆଶଙ୍କା ରହିଛି। ମୌସୁମୀ ବର୍ଷାର ପ୍ରଭାବ ଏଲ ନିନୋ ଉପରେ ନର୍ଭର କରିଥାଏ। ଏଲ ନିନୋର ପ୍ରଭାବ ପଡ଼ିଲେ ବର୍ଷାର ମାତ୍ରା ସାଧାରଣତଃ କମ ହୋଇଥାଏ। ଦକ୍ଷିଣ ଓ ପଶ୍ଚିମ ଭାରତରେ ଯଦି ମୌସୁମୀ ବର୍ଷା ଉପରେ ଏଲ ନିନୋର ପ୍ରଭାବ ପଡ଼ିବ, ତା'ହେଲେ ମରୁଡ଼ି ସମସ୍ୟା ମଧ୍ୟ ସୃଷ୍ଟି ହେବାର ଆଶଙ୍କା ରହିଛି। ମୌସୁମୀ ଉପରେ ଚାଷୀମାନେ ନିର୍ଭର କରନ୍ତି। ତେଣୁ ସମସ୍ତେ ଭଲ ମୌସୁମୀ ବର୍ଷାକୁ ଅପେକ୍ଷା କରିଛନ୍ତି। ଏଲ ନିନୋର ପ୍ରଭାବ ଯଦି ମୌସୁମୀର ଦ୍ୱିତୀୟ ଭାଗରେ ଶକ୍ତିଶାଳୀ ହେବ, ତା'ହେଲେ ପଞ୍ଜାବ, ହରିଆଣା, ରାଜସ୍ଥାନ ଓ ଉତ୍ତର ପ୍ରଦେଶରେ ଚାଷ କାମ ପ୍ରଭାବିତ ହେବାର ଆଶଙ୍କା ରହିଛି। ଆଇଏମଡି ପୂର୍ବରୁ ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ ମୌସୁମୀକୁ ନେଇ ପୂର୍ବାନୁମାନ କରିଥିଲା। ଚଳିତ ବର୍ଷ ମୌସୁମୀ ସ୍ୱାଭାବିକଠାରୁ କମ ବର୍ଷିବ ବୋଲି ସ୍କାଏମେଟ କହିଥିଲା। ସଂସ୍ଥା ଆକଳନ କରିଥିଲା ଯେ ମୌସୁମୀ ଉପରେ ଏଲନିନୋର ପ୍ରଭାବ ପଡ଼ିବ। ତେଣୁ ବର୍ଷାର ପରିମାଣ ହ୍ରାସ ପାଇବ।

# ଯାଞ୍ଚହେବ ଆଇନଜୀବୀଙ୍କ ଶିକ୍ଷାଗତ ପ୍ରମାଣପତ୍ର

**ନୂଆଦିଲ୍ଲୀ :** ଆଇନଜୀବୀଙ୍କ ଆଇନ ଡିଗ୍ରି ଯାଞ୍ଚ ହେବ। ନକଲି ଆଇନଜୀବୀଙ୍କୁ ମଧ୍ୟ ଚିହ୍ନଟ କରାଯିବ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ସୁପ୍ରିମକୋର୍ଟ। ପ୍ରଧାନବିଚାରପତି ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ପି ଏସ ନରସିଂହା ଏବଂ ଜଷ୍ଟିସ୍ ଜେ ପି ପରଦିୱାଲାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଏକ ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ପୂର୍ବତନ ବିଚାରପତି ଜଷ୍ଟିସ ଦୀପକ ଗୁପ୍ତାଙ୍କ ନେତୃତ୍ୱରେ ଏକ ୮ଜଣିଆ ଟିମ୍ ଗଠନ ପାଇଁ ନିଷ୍ପତ୍ତି ହୋଇଛି। ଏହି ଜଷ୍ଟିସ ଦୀପକ ଗୁପ୍ତାଙ୍କ ବ୍ୟତୀତ ଜଷ୍ଟିସ ଅରୁଣ ଟଣ୍ଡନ, ଜଷ୍ଟିସ ରାଜେନ୍ଦ୍ର



ମେନନ୍, ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ, ମନିନ୍ଦର ସିଂ ପ୍ରମୁଖ ରହିବେ। ଏହି କମିଟି ପାଇଁ ବାର କାଉନସିଲ ଅଫ୍ ଇଣ୍ଡିଆ ମଧ୍ୟ ସ୍ୱତନ୍ତ୍ର ଭାବରେ ତିନି ଜଣ ସଦସ୍ୟଙ୍କୁ ମନୋନୀତ କରିବ। ତେବେ ଏଥିନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହି କମିଟିରେ ସ୍ଥାନ ପାଇଥିବା ସମସ୍ତଙ୍କ ସଦସ୍ୟଙ୍କ ନାଁ ସାର୍ବଜନୀନ କରାଯିବ। ସେହିପରି ସମସ୍ତ ରାଜ୍ୟର ଓକିଲ ସଂଘ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାରେ ସମସ୍ତ ଆଇନଜୀବୀଙ୍କ ଆଇନ ଡିଗ୍ରି ଯାଞ୍ଚ କରାଯିବ।ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଆସନ୍ତା ଅଗଷ୍ଟ ୩୧ ସୁଦ୍ଧା କମିଟି ତାର ରିପୋର୍ଟ ଖଣ୍ଡପୀଠଙ୍କ ନିକଟରେ ଦାଖଲ କରିବେ ବୋଲି କୁହାଯାଇଛି। ଓକିଲ ମାନଙ୍କ ମୂଳ ଡିଗ୍ରି ପ୍ରମାଣପତ୍ର ସହିତ ଆଇନ ଡିଗ୍ରି ଓ ଅନ୍ୟାନ ଯୋଗ୍ୟତା ପ୍ରମାଣପତ୍ରର ଯାଞ୍ଚ ହେବ। ଏଥିପାଇଁ ଉପରୋକ୍ତ କମିଟି ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରିଥିବା ବୋର୍ଡ, ବିଶ୍ୱବିଦ୍ୟାଳୟର ସହାୟତା ନେବ। ଉଲ୍ଲେଖଯୋଗ୍ୟ ଯେ, ଏହାପୂର୍ବରୁ ୨୦୧୫ ମସିହାରେ ପ୍ରଥମେ ଦେଶର ସମସ୍ତ ଓକିଲମାନଙ୍କ ପ୍ରମାଣପତ୍ର ଯାଞ୍ଚ ପାଇଁ ଦୁଇଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଆଇନଜୀବୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଏବଂ ସେମାନଙ୍କ କାର୍ଯ୍ୟସ୍ଥଳର ପ୍ରାମାଣିକତା ପାଇଁ ବାର୍ କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଏହାକୁ କେତେକ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା ଏହାପରେ ଏହି ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସେ ସମୟରେ ଯାଞ୍ଚ ପ୍ରକ୍ରିୟା ପାଇଁ ବିଭିନ୍ନ ବୋର୍ଡ ଓ ବିଶ୍ୱବିଦ୍ୟାଳୟଗୁଡିକ ପକ୍ଷରୁ ଅଧିକ ଆକାରର ଅର୍ଥ ଦାବି କରାଯାଇଥିବାରୁ ଏହି ପ୍ରକ୍ରିୟା ସ୍ଥଗିତ ରହିଥିଲା।

### ସୀମାରେ ଭାରତ ପାଇଁ ବଢୁଛି ବିପଦ

## ଚୀନ୍ ତିଆରି କରିଛି ହଜାରେ ଘର

**ନୂଆଦିଲ୍ଲୀ :** ଭାରତକୁ ଘେରିବା ପାଇଁ ଚୀନ୍ ଅନବରତ ପ୍ରୟାସ କରିବାରେ ଲାଗିଛି। ଏବେ ଏହି ବିସ୍ତାରବାଦୀ ଦେଶ ଭୁଟାନର ଅମୋଚୁ ଉପତ୍ୟକାରେ ନିଜ ସୈନିକଙ୍କ ପାଇଁ ହଜାରେ ଘର ବନାଇଛି। ଏହାକୁ ସାମରିକ ଠିକଣା ଭାବେ ବ୍ୟବହାର କରାଯାଉଛି। ରିପୋର୍ଟ ଅନୁଯାୟୀ ଏହା ଭାରତୀୟ ସେନା ପାଇଁ ଚିନ୍ତାର ବିଷୟ ପାଲଟି ଯାଇଛି। କାରଣ ଏହି ସ୍ଥାନ ଡୋକଲାମକୁ ଲାଗି ରହିଛି। ଅମୋଚୁ ଡୋକଲାମ ନିକଟରେ ରହିଛି। ଏହିଠାରୁ ଭାରତର ସିଲିଗୁଡି କରିଡର ଏବଂ ଚୀନ୍ର ପିଏଲଏ (ପିପୁଲ୍ସ ଲିବରେସନ ଆର୍ମୀ) ସିଧାସଳଖ ଗୋଟିଏ ରେଖାରେ ରହିଛି। ଏହା ଡୋକଲାମ ଟ୍ରାଇ (ଭାରତ-ଚୀନ୍-ଭୁଟାନ) ଜଙ୍କସନରୁ କିଛି ଦୂରରେ ରହିଛି। ୨୦୧୭ରେ ଚୀନ୍ର ରାସ୍ତା ନିର୍ମାଣକୁ ନେଇ ଏହି ଅଞ୍ଚଳର ଭାରତ ଏବଂ ପିଏଲଏ ମୁହାଁମୁହିଁ ସ୍ଥିତିରେ ରହିଥିଲେ। ରିପୋର୍ଟ ଅନୁଯାୟୀ ଚୀନ୍ର ଏହି ପଦକ୍ଷେପ ପଛରେ ବଡ଼ କାରଣ ରହିଛି। ଚୀନ ଏହା ମାଧ୍ୟମରେ ୨୦୧୭ରେ ଭାରତ ସହ ମୁହାଁମୁହିଁ ହୋଇଥିବା ଡୋକଲାମ ଅଞ୍ଚଳକୁ ପହଞ୍ଚିବାକୁ ଚାହୁଁଛି। ଏଠାରେ ଭାରତ ଚୀନ୍ ସୈନିକଙ୍କୁ କଡ଼ା ଜବାବ ଦେଇଥିଲା। ଚୀନ୍ ଏହି ଅଞ୍ଚଳରୁ ଭାରତର ସୁରକ୍ଷା ବ୍ୟବସ୍ଥାକୁ ଭେଦିବାକୁ ଚାହୁଁଛି। ଭାରତୀୟ ସେନାର ସାମରିକ ନୀତି ପ୍ରସ୍ତୁତକାରୀଙ୍କ ଅନୁଯାୟୀ ଡୋକଲାମର ପଶ୍ଚିମରେ ଥିବା ଚୀନ୍ ନିୟନ୍ତ୍ରଣାଧୀନ ଭୁଟାନ କ୍ଷେତ୍ରରେ ହେଉଥିବା ଯେକୌଣସି କାର୍ଯ୍ୟ ଭାରତର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିପାରେ। ସେହିପରି ଭାରତୀୟ ସୁରକ୍ଷା ବିଶେଷଜ୍ଞଙ୍କ ଅନୁଯାୟୀ ଡୋକଲାମ ଉପରେ ନିୟନ୍ତ୍ରଣ ରହିଲେ ଚୀନ୍‌କୁ ରଣନୈତିକ ଦୃଷ୍ଟିରୁ ଲାଭ ମିଳିବ। କିଛି ଦିନ ତଳେ ଭାରତୀୟ ସେନା ଜିଲ୍ଲାର ଭାରତୀୟ ଅଧିକାରୀଙ୍କୁ ଭେଟି ଥିଲେ। ଏହି ସମୟରେ ଚୀନ୍ର ନିର୍ମାଣ ବିଷୟରେ ସୂଚନା ଦିଆଯାଇଥିଲା। ୨୦୧୭ ପୂର୍ବରୁ ଡୋକଲାମ ଅଞ୍ଚଳରେ ଚୀନ ଏବଂ ଭୁଟାନ ସେନା ବହୁତ କଷ୍ଟରେ ପାଟ୍ରୋଲିଂ କରୁଥିଲା। ଚୀନ୍ ଅନେକ ଦିନ ହେଲା ଭୁଟାନକୁ ନିଜ କ୍ଷେତ୍ରର ଅଂଶ ବୋଲି କହୁଛି। ୧୯୬୦ରେ ଚୀନ୍ ଏକ ବିବୃତ୍ତି ଜାରି କରି ଭୁଟାନ, ସିକିମ ଏବଂ ଲଦାଖକୁ ଯୁଗ୍ମ ତିବ୍ବତର ଅଞ୍ଚଳ ବୋଲି ଦାବି କରିଥିଲା।

# ଗୋ-ମୂତ୍ର ମଣିଷଙ୍କ ପାଇଁ ଠିକ ନୁହେଁ

**ନୂଆଦିଲ୍ଲୀ :** ଗୋ-ମୂତ୍ରରେ ରହିଛି ମାରାତ୍ମକ ବାକ୍ଟେରିଆ। ଏହାକୁ ସିଧାସଳଖ ପାନ କରିବା ମଣିଷଙ୍କ ପାଇଁ ଠିକ୍ ନୁହେଁ। ରିସର୍ଚ୍ଚ ପରେ ଦେଶର ପ୍ରମୁଖ ପଶୁ ଗବେଷଣା ସଂସ୍ଥା ଆଇଭିଆରଆଇ ସ୍ପଷ୍ଟ କରିଛି। ବରେଲୀ ଭିତ୍ତିକ ଦେଶର ଏହି ପ୍ରମୁଖ ଗବେଷଣା ସଂସ୍ଥା ବେଶ କିଛି ଦିନ ଧରି ଗୋ-ମୂତ୍ର ଉପରେ ରିସର୍ଚ୍ଚ କରୁଥିଲା ଏହାପରେ ସଂସ୍ଥା ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। କିଛି ବାକ୍ଟେରିଆ କ୍ଷେତ୍ରରେ ମଇଁଷି ମୂତ୍ର ପ୍ରଭାବୀ ହୋଇପାରେ ବୋଲି ରିପୋର୍ଟରେ ଆଶା କରାଯାଇଛି। ଇନଷ୍ଟିଚ୍ୟୁଟର ଭୋଜ ରାଜ ସିଂହଙ୍କ ନେତୃତ୍ୱରେ କରାଯାଇଥିବା ଗବେଷଣାରେ ୩ ଜଣ ପିଏଚ୍ଡି ଶିକ୍ଷାର୍ଥୀ ମଧ୍ୟ ରହିଥିଲେ। ସେମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ ସୁସ୍ଥ ଥିବା ଗାଈ ଓ ଷଣ୍ଢର ମୂତ୍ରରେ ୧୪ ପ୍ରକାରର ମାରାତ୍ମକ ବାକ୍ଟେରିଆ ରହିଛି। ଗୋ-ମୂତ୍ରରେ ଥିବା Escherichia coli ଦ୍ୱାରା ପେଟରେ



ସଂକ୍ରମଣ ହୋଇପାରେ। ଏହାର ଅର୍ଥ ଗୋ-ମୂତ୍ର ମଣିଷଙ୍କ ପାଇଁ ଆଦୌ ଠିକ ନୁହେଁ। ରିସର୍ଚ୍ଚ ରିପୋର୍ଟଟି ରିସର୍ଚ୍ଚଗେଟ୍ ୱେବସାଇଟରେ ପ୍ରକାଶ ପାଇଛି। ରିସର୍ଚ୍ଚ ଟିମର ନେଉଥିବା ଶ୍ରୀ ସିଂହ କହିଛନ୍ତି, ଗାଈ, ମଇଁଷି ଓ ମଣିଷଙ୍କ ୭୩ଟି ମୂତ୍ର ନମୁନାକୁ ନେଇ ପରୀକ୍ଷା କରାଯାଇଥିଲା। ଏହି ସମୟରେ ଜଣାପଡ଼ିଛି ଯେ ଗାଈ ଠାରୁ ମଇଁଷି ମୂତ୍ରରେ ଅଧିକ ମାତ୍ରାରେ ଆଣ୍ଟିବାକ୍ଟେରିଆ ରହିଛି। ଗାଈ ମୂତ୍ର ଠାରୁ ମଇଁଷି ମୂତ୍ର ଭଲ। S Epidermidis and E Rhapontici ଭଳି ବାକ୍ଟେରିଆ ବିରୋଧରେ ମଇଁଷି ମୂତ୍ର ଅଧିକ ପ୍ରଭାବୀ। ଗବେଷଣା ବେଳେ ଟିମ ପକ୍ଷରୁ ସାହିୱାଲ, ଥାରପରକର ଓ ଭିନ୍ଦବାଣୀ(କ୍ରସ ବ୍ରିଡ୍) ଗାଈମାନଙ୍କର ନମୁନା ନେଇଥିଲୁ। ଏଥିସହ ମଇଁଷି ଓ ମଣିଷଙ୍କ ନମୁନା ମଧ୍ୟ ସଂଗ୍ରହ କରାଯାଇଥିଲା। ୨୦୨୨ ଜୁନରୁ ନଭେମ୍ବର ମଧ୍ୟରେ ସବୁ କିଛିର ଗବେଷଣା କରାଯାଇଥିଲା। ଗୋ-ମୂତ୍ରରେ ବାକ୍ଟେରିଆ ନିରୋଧ ଉପାଦାନ ରହିଥିବା ସ୍ପଷ୍ଟ ଭାବେ କୁହାଯାଇ ନପାରେ। ତେଣୁ କୌଣସି ବି ପରିସ୍ଥିତିରେ ଏହା ପାନୀୟ ଯୋଗ୍ୟ ନୁହେଁ। ଏହା ଘାତକ ହୋଇପାରେ ବୋଲି ସେ କହିଛନ୍ତି। କିଛି ଲୋକ କହୁଛନ୍ତି ଯେ ଡିଷ୍ଟିଲିଡ୍ ମୂତ୍ରରେ କୌଣସି ପ୍ରକାରର ସଂକ୍ରମଣ ସୃଷ୍ଟି କରୁଥିବା ବାକ୍ଟେରିଆ ନାହିଁ। ଏହା ଉପରେ ଶ୍ରୀ ସିଂହଙ୍କ ଟିମ ରିସର୍ଚ୍ଚ କରୁଥିବା ଜଣାପଡ଼ିଛି। ବର୍ତ୍ତମାନ ଭାରତୀୟ ବଜାରରେ ଗୋ-ମୂତ୍ର ବିନା ଏଫଏସଏସଏଆଇ ଟ୍ରେଡ ମାର୍କରେ ବିକ୍ରି କରାଯାଉଛି।

# 'ପାକିସ୍ତାନଠୁ ଭାରତରେ ଭଲ ସ୍ଥିତିରେ ଅଛନ୍ତି ମୁସଲମାନ'

**ନୂଆଦିଲ୍ଲୀ :** ଭାରତରେ ଥିବା ମୁସଲିମ ସମ୍ପ୍ରଦାୟ ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଠାରେ ସେମାନଙ୍କ ଅବସ୍ଥାରେ ବି ସୁଧାର ଆସୁଛି। ଭାରତରେ ମୁସଲିମମାନେ ଏକ ଆରାମଦାୟକ ଜୀବନ ବଞ୍ଚୁଥିବା ବେଳେ ପାକିସ୍ତାନ ମୁସଲିମଙ୍କ ଅପେକ୍ଷା ସେମାନଙ୍କ ସ୍ଥିତି ଖୁବ୍ ଭଲ ରହିଛି। ଆମ ଦେଶର ଜନସଂଖ୍ୟାର ଦ୍ୱିତୀୟ ନମ୍ବରରେ ମୁସଲମାନ ରହିଛନ୍ତି। ପାକିସ୍ତାନ ଏକ ମୁସଲିମ୍‌ବହୁଳ ଦେଶ। ଏହା ସତ୍ତ୍ୱେ ଉକ୍ତ ଦେଶର ମୁସଲିମଙ୍କ ଅପେକ୍ଷା ଆମ ଦେଶର ମୁସଲିମ୍ ସମ୍ପ୍ରଦାୟ ଲୋକେ ଅଧିକ ପ୍ରଗତି କରୁଛନ୍ତି। ପାକିସ୍ତାନରେ ଅଳ୍ପସଂଖ୍ୟକଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଥିବା ବେଳେ ସେଠାରେ ସେମାନଙ୍କ ଜୀବନକୁ ନର୍କ କରି ଦିଆଯାଉଛି। ସାମାନ୍ୟ ଅପରାଧରେ ସେମାନଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଉଛି। ଭାରତର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତରେ ଥିବା ବେଳେ ଭାରତର ସମାଲୋଚକଙ୍କୁ ଦେଇଛନ୍ତି କଡ଼ା ଜବାବ। ୱାଶିଂଟନ ଡିସିରେ ଇନଷ୍ଟିଚ୍ୟୁଟ ଫର ଇଣ୍ଟର ନ୍ୟାସନାଲ ଇକୋନମିକ୍ସ ଶୀର୍ଷକ ଆଲୋଚନାରେ ଭାଗ ନେଇ ସମାଲୋଚକଙ୍କୁ ଏପରି କଡ଼ା ଜବାବ ଦେଇଛନ୍ତି ସୀତାରମଣ। ଭାରତୀୟ ଅର୍ଥ ବ୍ୟବସ୍ଥା ଓ ବିକାଶ ଉପରେ ହୋଇଥିବା ଏହି ଆଲୋଚନାଚକ୍ରରେ ଭାରତର ଅପପ୍ରଚାର କରୁଥିବା ଲୋକଙ୍କୁ ମୁହଁତୋଡ଼ ଜବାବ ଦେଇଛନ୍ତି ସୀତାରମଣ। ସବୁ ପ୍ରକାର ଅନୁକୂଳ ସ୍ଥିତି ଥିବା ସତ୍ତ୍ୱେ ଭାରତରେ ବିଦେଶୀ ପୁଞ୍ଜି ନିବେଶ କାହିଁକି ପ୍ରଭାବିତ ହେଉଛି ବୋଲି ନିର୍ମଳା ସୀତାରମଣଙ୍କୁ ପଚରା ଯାଇଥିଲା। ଏହାର ଉତ୍ତରରେ ସେ କହିଛନ୍ତି, ଯେଉଁମାନେ କେବେ ଦିନେ ବି ଗ୍ରାଉଣ୍ଡ ଜିରୋକୁ ଯାଇ ନାହାନ୍ତି ଏପରି ଧାରଣା ସେମାନେ ହିଁ ପ୍ରଚାର କରି ଲୋକଙ୍କୁ ଭ୍ରମିତ



କରୁଛନ୍ତି। ଯେଉଁମାନେ ଭାରତରେ ନିବେଶ କରିଛନ୍ତି ସେମାନେ ଏହାର ସଠିକ୍ ଉତ୍ତର ଦେଇ ପାରିବେ। ଏହାବାଦ ଯେଉଁମାନେ ଭାରତରେ ନିବେଶ କରିବାକୁ ଆଗ୍ରହୀ ଅଛନ୍ତି, ସେମାନେ ଥରେ ଆସି ଭାରତରେ କ'ଣ ହେଉଛି ଦେଖିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି ସୀତାରମଣ। ଭାରତରେ ଥିବା ଅଳ୍ପସଂଖ୍ୟକ ମୁସଲିମ୍ ହିଂସାର ଶିକାର ହେଉଥିବା ପଶ୍ଚିମ ଗଣମାଧ୍ୟମରେ ପ୍ରସାରିତ ହେବା ଦ୍ୱାରା ଭାରତର ଛବି ମଳିନ ପଡୁଛି। ଏପରି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସୀତାରମଣ କହିଛନ୍ତି, ଦୁନିଆର ସବୁଠୁ ଅଧିକ ମୁସଲିମ ଥିବା ରାଷ୍ଟ୍ର ମଧ୍ୟରେ ଭାରତ ଦ୍ୱିତୀୟ ନମ୍ବରରେ ରହିଛି। ଯଦି ଭାରତରେ ସେମାନଙ୍କୁ ହଇରାଣ କରାଯାଉଛି ତେବେ ସେମାନଙ୍କ ଜନସଂଖ୍ୟା କିପରି ଉପରମୁହାଁ ହୋଇ ରହିଛି। ଅପରପକ୍ଷେ, ପାକିସ୍ତାନରେ ଅଳ୍ପସଂଖ୍ୟକଙ୍କ ସଂଖ୍ୟା ଦିନକୁ ଦିନ କମି ଚାଲିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେଉଛି। ଏପରିକି ଯେକୌଣସି ମାମଲାର ଉପଯୁକ୍ତ ଯାଞ୍ଚ କରା ନ ଯାଇ ପୀଡ଼ିତାଙ୍କୁ ହିଁ ଦୋଷୀ ବୋଲି ଧରି ଦଣ୍ଡ ବିଧାନ କରି ଦିଆଯାଉଛି। ମୁଁ ସବୁବେଳେ ପାକିସ୍ତାନ ନାଁ ଧରୁଥିବାରୁ ଏହାକୁ ବହୁତ ଲୋକ ପସନ୍ଦ କରି ନ ଥାନ୍ତି ବୋଲି କହିଛନ୍ତି ସୀତାରମଣ। ହେଲେ ଏହା ପଛର କାରଣ କହିବାକୁ ଯାଇ ସେ କହିଛନ୍ତି, ସ୍ୱାଧୀନତା ପରେ ଭାରତ ଓ ପାକିସ୍ତାନ ୨ଟି ଦେଶ ହୋଇଥିଲେ। ପାକିସ୍ତାନ ନିଜକୁ ଏକ ଇସଲାମିକ ଦେଶ ବୋଲି ଘୋଷଣା କରିଥିବା ବେଳେ ସେଠାରେ ସ୍ୱଳ୍ପ ସଂଖ୍ୟକଙ୍କ ସ୍ୱାର୍ଥ ରକ୍ଷା କରାଯିବ ବୋଲି କହିଥିଲା। ମାତ୍ର ଏବେ ସେଠାରେ ସ୍ୱଳ୍ପ ସଂଖ୍ୟକଙ୍କ ସଂଖ୍ୟା କମି କମି ଚାଲିଥିବା ବେଳେ ମୁସଲମାନେ ମଧ୍ୟ ଦୟନୀୟ ଭାବେ ଜୀବନ ବଞ୍ଚୁଛନ୍ତି। ଏପରିକି ସେଠାରେ କିଛି ମୁସଲିମ୍ ସମ୍ପ୍ରଦାୟ ବି ଶେଷ ହେବାକୁ ବସିଲାଣି। ମାତ୍ର ଭାରତରେ ଥିବା ମୁସଲମାନ ସମ୍ପ୍ରଦାୟ ଲୋକେ ବହୁତ ଭଲ ଜୀବନ ବଞ୍ଚୁଛନ୍ତି। ସେମାନଙ୍କ ମନ ପସନ୍ଦର ବ୍ୟବସାୟ କରି ଅର୍ଥ ଉପାର୍ଜନ କରୁଛନ୍ତି। ସେମାନଙ୍କ ଆଗାମୀ ପୀଢ଼ୀ ଶିକ୍ଷିତ ହେଉଥିବା ବେଳେ ସରକାରର ମଧ୍ୟ ସେମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଚାଲିଛନ୍ତି।

# ରାଜ୍ୟରେ ବର୍ଷକୁ ଚିହ୍ନଟ ହେଉଛନ୍ତି ୫ ହଜାର ନୂଆ କୁଷ୍ଠରୋଗୀ

**କଟକ :** ରାଜ୍ୟରେ କୁଷ୍ଠରୋଗର ଭୟଙ୍କର ସ୍ଥିତି ଏବେ ସାମନାକୁ ଆସିଛି। ସ୍ଥିତି ଏମିତି ଯେ କୁଷ୍ଠ ରୋଗ ନିରାକରଣ ଅଭିଯାନର ଯଥାର୍ଥତାକୁ ନେଇ ପ୍ରଶ୍ନ ଉଠୁଛି। ବର୍ଷକୁ ୪୦ କୋଟିରୁ ଅଧିକ ଟଙ୍କା କେବଳ ଦରମାରେ ଖର୍ଚ୍ଚ ହେଉଥିଲେ ବି ଓଡ଼ିଶା ଦେଶର କୁଷ୍ଠ ପ୍ରବଣ ରାଜ୍ୟ ଭାବେ ପରିଗଣିତ ହେଉଛି। କୁଷ୍ଠ ରୋଗୀଙ୍କୁ ଠିକ ଢଙ୍ଗରେ ଆବଶ୍ୟକ ଚିକିତ୍ସା ସୁବିଧା ବି ମିଳୁ ନାହିଁ। ଏବେ ରାଜ୍ୟରେ ପ୍ରତିବର୍ଷ ହାରାହାରି ୫ ହଜାର ନୂଆ କୁଷ୍ଠ ରୋଗୀ ଚିହ୍ନଟ ହେଉଛନ୍ତି। ଅନ୍ୟପଟେ ମୋଟ ରୋଗୀଙ୍କ ମଧ୍ୟରେ ଅତି ସଂକ୍ରାମକ ରୋଗୀଙ୍କ ସଂଖ୍ୟା ହେଉଛି ପ୍ରାୟ ୫୦ ପ୍ରତିଶତ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା



ଗାଁଗଣ୍ଡାରେ ରହୁଥିବା ଅନେକ କୁଷ୍ଠ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ମିଳୁ ନଥିବାରୁ ସେମାନେ ନିଜର ଗୋଡ ହାତ ହରାଉଛନ୍ତି। ଓଡ଼ିଶାରେ ଗୋଡ କାଟିବାକୁ ସୁବିଧା ମିଳୁ ନଥିବାରୁ ସେମାନେ ଏଥିପାଇଁ ଛତିଶଗଡ଼, ଆନ୍ଧ୍ର ପ୍ରଦେଶ ନଚେତ ଦିଲ୍ଲୀ ଯାଉଛନ୍ତି। ରାଜ୍ୟର କୌଣସି ମେଡିକାଲରେ ଏବେ କୁଷ୍ଠ ରୋଗୀଙ୍କ ଗୋଡକଟା ଅଥବା ଆମ୍ପୁଟେସନ୍ କରାଯାଉନାହିଁ। ରାଜ୍ୟରେ କୁଷ୍ଠ ରୋଗୀଙ୍କ ପାଇଁ ଥିବା ୮୫ଟି ସ୍ୱତନ୍ତ୍ର ପଲ୍ଲୀରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନାହିଁ। ସ୍ଥିତି ଏମିତି ଯେ ସେଠି କୁଷ୍ଠ ରୋଗୀ ନିଜ ଡ୍ରେସିଂ ନିଜେ କରୁଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ସପ୍ତାହରେ ଜଣେ ଡାକ୍ତର, ପାରାମେଡିକାଲ କର୍ମଚାରୀ ଓ ଡ୍ରେସର ପଲ୍ଲୀକୁ ଯିବା କଥା। ମାତ୍ର ଏ ନିର୍ଦ୍ଦେଶର ମଧ ଅବମାନନା କରାଯାଉଛି। ପଲ୍ଲୀକୁ ଯାଇ କେବଳ ଔଷଧ ରଖି ଦେଇ କର୍ମଚାରୀ ଚାଲି ଆସୁଛନ୍ତି। ସରକାରଙ୍କ ତଥ୍ୟ ମୁତାବକ ରାଜ୍ୟରେ ୧୧ ଲକ୍ଷ ୮୩ ହଜାର କୁଷ୍ଠରୋଗୀ ଆରୋଗ୍ୟ ହୋଇଛନ୍ତି। କୁଷ୍ଠ ରୋଗୀଙ୍କ ଚିକିତ୍ସା ପାଇଁ ୪୭ ହଜାର ଆଶା କର୍ମୀ, ୨୭୦୦ ଆୟୁଷ ଡାକ୍ତର, ୪ହଜାର ଏମବିବିଏସ ଡାକ୍ତର ଓ ୧୫ ହଜାର ପାରାମେଡିକାଲ କର୍ମୀ କାମ କରୁଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ୩୦ଟି ଡିଏଲଓ (ଜିଲ୍ଲା କୁଷ୍ଠ ରୋଗ ନିରାକରଣ କାର୍ଯ୍ୟାଳୟ) କାମ କରୁଛି। ଭୁବନେଶ୍ୱରରେ ଏକ ଅତିରିକ୍ତ କାର୍ଯ୍ୟାଳୟ ରହିଛି। ୩୧ ଡିଏଲଓ କାମ କରୁଥିବା ବେଳେ ତାଲିମ ପ୍ରାପ୍ତ କୁଷ୍ଠ କର୍ମୀ (ପାରାମେଡିକାଲ କର୍ମଚାରୀ)ଙ୍କ ଅଭାବ ରହିଛି। ରାଜ୍ୟରେ ୪୦୪ କୁଷ୍ଠ କର୍ମୀ ପଦବିରୁ ୩୫୯ଟି ପଦବି ଖାଲି ପଡିଛି। ଏଭଳି ସ୍ଥିତିରେ କେବଳ କୁଷ୍ଠ ନିରାକରଣ ଯୋଜନାରେ ୪୦ କୋଟି ଟଙ୍କା କେବଳ ଦରମାରେ ଯାଉଛି।

## ନୂଆ ଶିକ୍ଷାବର୍ଷ ପାଇଁ ଗଣଶିକ୍ଷା ବିଭାଗର କ୍ୟାଲେଣ୍ଡର

# ୨୩୨ ଦିନ ପାଠପଢ଼ା, ୧୩୪ ଛୁଟି

**ଭୁବନେଶ୍ୱର :** ନୂଆ ଶିକ୍ଷାବର୍ଷ (୨୦୨୩-୨୪) ଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା କ୍ୟାଲେଣ୍ଡର ପ୍ରକାଶ ପାଇଛି। ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୩୨ ଦିନ ପାଠପଢ଼ା ହେବାକୁ ଥିବା ବେଳେ ୮୦ଟି ଛୁଟି ଦିବସ ଏବଂ ୫୩ଟି ରବିବାର ରହିଛି। ମେ ୫ ତାରିଖରୁ ଜୁନ୍ ୧୭ ତାରିଖ ଯାଏ ଖରା ଛୁଟି ଘୋଷଣା କରାଯାଇଛି। ମୋଟ ଉପରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ଚଳିତ ଶିକ୍ଷାବର୍ଷରେ ୧୩୩ ଦିନ ଛୁଟି ପାଇବେ। ଏପ୍ରିଲ ୧ରୁ ପିଲାଙ୍କର ପାଠପଢ଼ା ଆରମ୍ଭ ହୋଇଥିବା ବେଳେ ଜୁଲାଇ ଶେଷ ସପ୍ତାହରେ ପ୍ରଥମରୁ ଅଷ୍ଟମ ଫରମେଟିଭ -୧ ପରୀକ୍ଷା, ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ସମ୍ମେଟିଭ -୧ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଓସେପା କ୍ୟାଲେଣ୍ଡରରେ ଦର୍ଶାଇଛି। ସେହିପରି ଜାନୁଆରୀ ୨୦୨୪ ପ୍ରଥମ ସପ୍ତାହରେ ପିଲାଙ୍କ ଫରମେଟିଭ -୨ ଏବଂ ମାର୍ଚ୍ଚ ତୃତୀୟ ସପ୍ତାହରେ ସମ୍ମେଟିଭ-୨ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନବମ ଶ୍ରେଣୀରୁ ୧୦ମ ଶ୍ରେଣୀ ଲାଗି ଚଳିତ ଶିକ୍ଷାବର୍ଷ ଲାଗି ସମାନ ୨୩୨ଟି ଶିକ୍ଷା ଦିବସ ରହିଥିବା ବେଳେ ୧୩୩ ଦିନ (ରବିବାରକୁ ମିଶାଇ) ଛୁଟି ଦିବସ ରହିଛି।ଏହି କ୍ୟାଲେଣ୍ଡରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି। ଉଚ୍ଚ ଶିକ୍ଷାର ଲକ୍ଷ୍ୟ କେବେ ଅନ୍ତ ହୁଏ ନାହିଁ। ଶିକ୍ଷା ଏକ ନିରନ୍ତର ପ୍ରକ୍ରିୟା। ଅଧିକ ଶିଖିବାର ଇଚ୍ଛାଶକ୍ତି ସକାରାତ୍ମକ କରିବ। ଜୀବନର ବିଭିନ୍ନ ବାଧାବିଘ୍ନକୁ ସମ୍ମୁଖୀନ ହେବାରେ ଶିକ୍ଷା ସାହାଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଗ୍ରୀଷ୍ମ ପ୍ରବାହର ମୁକାବିଲା ଓ ସତର୍କତାମୂଳକ ପଦକ୍ଷେପ ଜନିତ ସମୀକ୍ଷା ବୈଠକ

# ହସ୍ପିଟାଲରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବେଡ୍ ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ରାଜ୍ୟରେ ଅନୁଭୂତ ହେଉଥିବା ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବିଭିନ୍ନ ବିଭାଗମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଆଞ୍ଚଳିକପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ କ୍ଷେତ୍ରୀୟ ସ୍ତରରେ ବ୍ୟାପକ ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଅଂଶୁଘାତଜନିତ ମୃତ୍ୟୁକୁ ରୋକିବା ପାଇଁ ଜନସାଧାରଣମାନେ ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ବିଭିନ୍ନ ପଦକ୍ଷେପମାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସମସ୍ତ ବଜାର, ବସ୍ଷ୍ଟାଣ୍ଡ ଓ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ପାନୀୟଜଳ ସେବାକେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଏତଦ୍ୱ୍ୟତୀତ ଜଳକ୍ଲିଷ୍ଟ ଅଞ୍ଚଳମାନଙ୍କରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ନଳକୂପ ଏବଂ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ଗୁଡ଼ିକର ତୁରନ୍ତ ମରାମତି କରି ସେଗୁଡ଼ିକୁ ଶତ ପ୍ରତିଶତ କାର୍ଯ୍ୟକ୍ଷମ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳଯୋଗଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସାଳୟରେ ଯଥେଷ୍ଟ ପରିମାଣରଜୀବନରକ୍ଷକ ଔଷଧ, ସାଲାଇନ୍ ଓ ଓଆରଏସ୍ ମହଜୁଦ ରଖିବା ସଙ୍ଗେ ସଙ୍ଗେ ଅଂଶୁଘାତରେ ଶିକାର ହୋଇଥିବାରୋଗୀମାନଙ୍କର ଚିକିତ୍ସା ପାଇଁ ସ୍ୱତନ୍ତ୍ର ବେଡ୍ର ବ୍ୟବସ୍ଥା କରାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ବସ୍ ଓ ଅନ୍ୟାନ୍ୟ ଯାତ୍ରୀବାହୀ ଯାନଗୁଡ଼ିକର ଯାତାୟତ ସମୟ ନିର୍ଘଣ୍ଟରେ ପରିବର୍ତ୍ତନ ପୂର୍ବକ ଖରାବେଳେ ଯାତ୍ରୀବାହୀ ଯାନ ଚଳାଚଳ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରମିକମାନଙ୍କର କାର୍ଯ୍ୟ ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମପ୍ରବାହ ଯୋଗୁଁ ସର୍ବାଧିକ ଉତ୍ତାପ ଥିବା ସମୟରେ ଶ୍ରମିକମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏତଦ୍ବ୍ୟତୀତ କାର୍ଯ୍ୟସ୍ଥଳୀମାନଙ୍କରେ ବିଶ୍ରାମ ନେବା ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ସହିତ ଯଥେଷ୍ଟ ପରିମାଣର ଥଣ୍ଡା ପାନୀୟ ଜଳ ଏବଂ ଓଆରଏସ୍ ପ୍ୟାକେଟ୍ ମହଜୁଦ ରଖିବା ପାଇଁ ସଂପୃକ୍ତ ଠିକାଦାରମାନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହପାଳିତ ପଶୁପକ୍ଷୀ ଓ ବନ୍ୟଜନ୍ତୁମାନଙ୍କ ପାଇଁ ସ୍ୱତନ୍ତ୍ର ଜଳପୂର୍ଣ୍ଣ ପାତ୍ର / କୁଣ୍ଡର ବ୍ୟବସ୍ଥା ନିମନ୍ତେ ସଂପୃକ୍ତ ବିଭାଗମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ସଠିକ୍ ଭାବେ କାର୍ଯ୍ୟ କରିବା ପାଇଁ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର କୌଣସି ଅଞ୍ଚଳରୁ ଅଂଶୁଘାତଜନିତ ମୃତ୍ୟୁର ଅଭିଯୋଗ ଆସିଲେ ଏହାର ଯୁଗ୍ମ ତଦନ୍ତ କରି ୪୮ ଘଣ୍ଟା ମଧ୍ୟରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟକୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ଆସିଲେ ତାହା ଜିଲ୍ଲା ପ୍ରଶାସନ ସ୍ତରରେ ତୁରନ୍ତ ତଦନ୍ତ କରାଯାଇ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ଅନୁକମ୍ପାମୂଳକ ସହାୟତା ରାଶି ୫୦,୦୦୦/- ଟଙ୍କା ମୃତ ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟଙ୍କୁ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ଗ୍ରୀଷ୍ମର ପ୍ରକୋପକୁ ଦୃଷ୍ଟିରେ ରଖି ଏହାର ନିରାକରଣ ନିମନ୍ତେ ରାଜ୍ୟ ଓ ଜିଲ୍ଲାସ୍ତରରେ ଓରଜଟ ଅମଟସଞ୍ଚଭ ଚଝଚଭ ପ୍ରସ୍ତୁତ କରାଯାଇଛି। ଜନସାଧାରଣଙ୍କ ସଚେତନତା ପାଇଁ ଗ୍ରୀଷ୍ମ ପ୍ରବାହ ଜନିତ ସୁରକ୍ଷା ସମ୍ବନ୍ଧୀୟ ପୋଷ୍ଟରମାନ ପ୍ରସ୍ତୁତ କରାଯାଇ ଜିଲ୍ଲା ସ୍ତରରେ ବଣ୍ଟନ କରାଯାଉଛି। ଏହା ବ୍ୟତୀତ ଚଳିତ ବର୍ଷ ବିଭିନ୍ନ ଇଲେକ୍ଟ୍ରୋନିକ ଗଣମାଧ୍ୟମ ଓ ସମ୍ବାଦପତ୍ର ମାଧ୍ୟମରେ ଗ୍ରୀଷ୍ମପ୍ରବାହରୁ ସୁରକ୍ଷା ସମ୍ବନ୍ଧୀୟ ସୂଚନା ଲୋକମାନଙ୍କ ନିକଟରେ ପହଞ୍ଚାଇବାର କାର୍ଯ୍ୟକ୍ରମ କରାଯାଉଛି। ଏତଦ୍ବ୍ୟତୀତ ଆଗାମୀ ଦିନରେ ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହର ମୁକାବିଲା ନିମନ୍ତେ ସମସ୍ତ ଜିଲ୍ଲାପାଳ ଏବଂ ବିଭାଗମାନଙ୍କୁ ଆବଶ୍ୟକୀୟ ପଦକ୍ଷେପମାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।

# ବିକାଶର ନକ୍ସାରେ ପଶ୍ଚିମ ଓଡ଼ିଶା

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ୩୨୫ କୋଟି ଅନୁଦାନ

**ଭୁବନେଶ୍ୱର :** ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବୈଠକ। ୨୦୨୩ -୨୪ ରାଜ୍ୟ ବଜେଟରେ ସରକାରଙ୍କ ଦ୍ୱାରା ଅନୁଦାନ ବୃଦ୍ଧି ପାଇଁ ୨୦୦ କୋଟିରୁ ୩୨୫ କୋଟି ପର୍ଯ୍ୟନ୍ତ ପରିଷଦକୁ ଅବଗତ କରାଇଥିଲେ ଏବଂ ଏଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଅସମ୍ପୂର୍ଣ୍ଣ କମ୍ୟୁନିଟି ସେଣ୍ଟର ଏବଂ କଲ୍ୟାଣ ମଣ୍ଡପ ସମାପ୍ତ ପାଇଁ ପରିଷଦ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ଏହାକୁ ସମସ୍ତ ସଦସ୍ୟ ପ୍ରଶଂସା କରିଥିଲେ ଯେଉଁଥିପାଇଁ ଚଳିତ ବର୍ଷ ୧୨୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ପରିଷଦର ଅନୁଦାନ ପ୍ରାପ୍ତ ପ୍ରକଳ୍ପର କାର୍ଯ୍ୟକାରିତା, ଜନସାଧାରଣଙ୍କ ବ୍ୟବହାର ପାଇଁ ପ୍ରକଳ୍ପର ଉପଯୋଗ, ଅଡିଟୋରିୟମ୍, ପର୍ଯ୍ୟଟନ ସମ୍ବନ୍ଧୀୟ କାର୍ଯ୍ୟକଳାପ ସମେତ ଜୀବିକା ପ୍ରୋଜେକ୍ଟ ଭଳି ବୃହତ ତଥା ଦୃଶ୍ୟମାନ ପ୍ରକଳ୍ପର ନିର୍ମାଣ, ସାମଗ୍ରିକ ରୂପାନ୍ତର ଏବଂ ସ୍ୱଚ୍ଛତା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ପରିଷଦର ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଛନ୍ତି । ସମସ୍ତ ସଦସ୍ୟଙ୍କୁ ସଂଘବଦ୍ଧ ହିସାବରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ କରିଛନ୍ତି। ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ



ଅଧିକାରୀ ଡକ୍ଟର ଅଜିତ୍ କୁମାର ମିଶ୍ର ବୈଠକର ଆଲୋଚନା ପାଇଁ କାର୍ଯ୍ୟସୂଚୀ ବର୍ଣ୍ଣନା କରିଥିଲେ। ପରିଷଦ ବୈଠକରେ ମାନ୍ୟବର ସାଂସଦ / ବିଧାୟକ / ଅନ୍ୟମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ୧ ଡିସେମ୍ବର ୨୦୨୨ ରୁ ୩୧ ମାର୍ଚ୍ଚ ୨୦୨୩ ମଧ୍ୟରେ ୫୬୬ ଗୋଟି ପ୍ରକଳ୍ପର ୫୪.୮୧ କୋଟି ଟଙ୍କାର ଅନୁମୋଦନ କରାଯାଇଥିଲା। ଡବ୍ଲୁଓସି ଅନୁଦାନ ପ୍ରାପ୍ତ କମ୍ୟୁନିଟି ସେଣ୍ଟର୍ସ / କଲ୍ୟାଣ ମଣ୍ଡପଗୁଡିକର ୧୧୪୭ ନମ୍ବର ପୂରଣ ପାଇଁ ଗ୍ରହଣ କରାଯାଇଥିବା ପ୍ରସ୍ତାବଗୁଡିକ ୬୪.୨୪ କୋଟି ଟଙ୍କା , ବିଭିନ୍ନ ଜିଲ୍ଲାକୁ ୪ ଜଣ ବୈଷୟିକ ବ୍ୟକ୍ତିଙ୍କ ଯୋଗଦାନ, ସୋସିଆଲ୍ ମିଡିଆ ସେଲର କାର୍ଯ୍ୟକାରିତା ସ୍ପଷ୍ଟ ଭାବରେ ବିଚାରବିମର୍ଶ କରାଯାଇଥିଲା ଏବଂ ପରିଷଦରେ ଅନୁମୋଦିତ ହୋଇଥିଲା। ଦେବଗଡ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଲାଞ୍ଜିଗଡ ବିଧାୟକ ପ୍ରଦିପ କୁମାର ଦିଶାରୀ, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମଧ ଡବ୍ଲୁଓଡିସି ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। ପରିଷଦର ଅନୁଦାନ ବୃଦ୍ଧି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସେମାନେ କୃତଜ୍ଞତା ଜଣାଇଛନ୍ତି। ବୈଠକରେ ପରିଷଦର ପରାମର୍ଶଦାତା ଏବଂ ସମସ୍ତ ୯ ଜଣ ବିଶେଷଜ୍ଞ ସଦସ୍ୟ ମଧ ନିଜ ନିଜ ଜିଲ୍ଲାର ସମସ୍ୟାଗୁଡିକ ଉପସ୍ଥାପନ କରିଥିଲେ।

## ବିଏସ୍‌କେୱାଇ କାର୍ଡ ନବୀକରଣ ନାଁରେ ଠକୁଛନ୍ତି ଦଲାଲ

# ନଜର ରଖିବାକୁ ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର :** ରାଜ୍ୟର ପ୍ରତ୍ୟେକ ଗରିବ ଜନସାଧାରଣଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଭଳି ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ସେବାରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି ରାଜ୍ୟ। ତେବେ କିଛି ଅସାଧୁ ତଥା ଖଳ ପ୍ରବୃତିର ଲୋକ ଏହି ମହତ୍ୱାକାଂକ୍ଷୀ ଯୋଜନାରୁ ଅନୈତିକ ଫାଇଦା ଉଠାଇବାକୁ ପଛାଉ ନାହାନ୍ତି। ଏପରିସ୍ଥଳେ ଜନସଚେତନତା ସୃଷ୍ଟି କରି ବିଏସ୍‌କେୱାଇକୁ ଦୁର୍ନୀତି ମୁକ୍ତ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ବିଭାଗୀୟ ଶାସନ ସଚିବ ଶାଲିନି ପଣ୍ଡିତ ସବୁ ଜିଲ୍ଲାପାଳ, ମହାନଗର ନିଗମ କମିଶନର, ଆରକ୍ଷୀ ଅଧିକ୍ଷକ, ସିଡିଏମ୍‌ଓ/ପିଏଚ୍‌ଓଙ୍କୁ ପତ୍ର ଲେଖି କହିଛନ୍ତି, ବିଏସ୍‌କେୱାଇ ରାଜ୍ୟ




ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ । ଆର୍ଥିକ ସ୍ତରରେ ଦୁର୍ବଳ ପରିବାର ତଥା ମହିଳାମାନଙ୍କ ପାଇଁ ଏହା କୌଣସି ବରଦାନ ଠାରୁ କମ୍ ନୁହେଁ। ଘରୋଇ ଡାକ୍ତରଖାନାରେ ୯୬.୫ ଲକ୍ଷ ହିତାଧିକାରୀ ପରିବାରର ପୁରୁଷ ସଦସ୍ୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଏବଂ ମହିଳା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁନିଶ୍ଚିତ କରାଯାଇଛି। ତେବେ ଗତ କିଛି ଦିନ ହେଲା ବିଏସ୍‌କେୱାଇରେ ଜାଲିଆତି ନେଇ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଖବର ଆସୁଛି। ଏଥିପ୍ରତି ଆମ ସମସ୍ତଙ୍କୁ ସଜାଗ ରହିବା ଆବଶ୍ୟକ। ବିଏସ୍‌କେୱାଇ କାର୍ଡ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଗଲେ ଏପରି ଠକେଇ କାରବାରକୁ ରୋକାଯାଇ ପାରିବ। ବିଏସ୍‌କେୱାଇ କାର୍ଡ ଆପେ ଆପେ ନବୀକରଣ ହୋଇଥାଏ, ପ୍ରତିବର୍ଷ ସେପ୍ଟେମ୍ବର ୧ରେ ସ୍ୱୟଂକୃତ ଭାବେ କାର୍ଡ ନବୀକରଣ ହୁଏ। ହିତାଧିକାରୀ ଏହାକୁ ନବୀକରଣ କରିବା କିମ୍ବା ରିଚାର୍ଜ କରିବା ଆବଶ୍ୟକ ନାହିଁ। ନବୀକରଣ ପାଇଁ ହିତାଧିକାରୀଙ୍କୁ କୌଣସି କାର୍ଯ୍ୟାଳୟକୁ ଧାଇଁବା ଆବଶ୍ୟକ ନାହିଁ କିମ୍ବା ଟଙ୍କା ଦେବା ଜରୁରୀ ନୁହେଁ। ସମସ୍ତ ରାସନକାର୍ଡଧାରୀମାନଙ୍କର ବିଏସକେୱାଇ କାର୍ଡ ନଥିଲେ ମଧ ସେମାନେ ବିଏସକେୱାଇ ଯୋଜନାରେ ପଞ୍ଜିକୃତ ଘରୋଇ ହସ୍ପିଟାଲଗୁଡ଼ିକରେ ସମସ୍ତ ଚିକିତ୍ସା ସୁବିଧା ପାଇବା ପାଇଁ ଯୋଗ୍ୟ। ସମସ୍ତ ହିତାଧିକାରୀମାନଙ୍କଠାରୁ ଫୋନ୍ ମାଧ୍ୟମରେ ମତାମତ ନିଆଯାଉଥିବାରୁ ହସ୍ପିଟାଲରେ ପଞ୍ଜିକରଣ ସମୟରେ ନିଜର ସଠିକ୍ ଫୋନ୍ ନମ୍ବର ଦେବାକୁ ପରାମର୍ଶ ଦିଆଯାଇଛି। ବିଏସକେୱାଇ ଆଇଟି ପ୍ଲାଟଫର୍ମ ମାଧ୍ୟମରେ ପ୍ରତିବର୍ଷ ସେପ୍ଟେମ୍ବର ୧ ତାରିଖରେ ବିଏସକେୱାଇ କାର୍ଡ ସ୍ୱତଃ ରିଚାର୍ଜ ହୋଇଥାଏ। ତେଣୁ ଏ ସମ୍ପର୍କରେ ସମସ୍ତ ବିଏସ୍କେୱାର କ୍ଷେତ୍ର କର୍ମଚାରୀ ତଥା ହିତାଧିକାରୀଙ୍କୁ ଅବଗତ କରାଇବା ପାଇଁ ଆପଣମାନେ ପଦକ୍ଷେପ ନିଅନ୍ତୁ। ଯାହା ଫଳରେ ଅସାମାଜିକ ବ୍ୟକ୍ତି କାର୍ଡ ନବୀକରଣ ନାମରେ ହିତାଧିକାରୀଙ୍କୁ ଶୋଷଣ କରିବା ପାଇଁ ସୁଯୋଗ ପାଇବେ ନାହିଁ । ଏଥିପାଇଁ ପ୍ରଚାର ପତ୍ର ତଥା ଜନସୂଚନା ବ୍ୟବସ୍ଥା। ବ୍ୟହାର କରି ଲୋକଙ୍କୁ କାର୍ଡ ନବୀକରଣ ସମ୍ପର୍କରେ ଅବଗତ କରାଇବା ପାଇଁ ଶ୍ରୀମତି ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି।

# ହରିଶ୍ଚନ୍ଦ୍ର ସହାୟତା ରାଶି ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଗରିବ ଲୋକମାନେ ଯେପରି ତାଙ୍କ ପ୍ରିୟଜନଙ୍କ ଅନ୍ତେଷ୍ଟିକ୍ରିୟା ସଂପାଦନରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆରମ୍ଭ କରିଛନ୍ତି ହରିଶ୍ଚନ୍ଦ୍ର ସହାୟତା ଯୋଜନା। ଏହି ଯୋଜନାରେ ଅନ୍ତେଷ୍ଟି ପାଇଁ ଗ୍ରାମାଞ୍ଚଳରେ ଦୁଇ ହଜାର ଟଙ୍କା ଓ ସହରାଞ୍ଚଳରେ ତିନି ହଜାର ଟଙ୍କା ସହାୟତା ମିଳୁଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହା ସହାୟତାକୁ ଗ୍ରାମାଞ୍ଚଳ ପାଇଁ ଦୁଇ ହଜାରରୁ ତିନି ହଜାର ଟଙ୍କା ଏବଂ ସହରାଞ୍ଚଳ ଓ ପୁରୀ ସ୍ୱର୍ଗଦ୍ୱାର ପାଇଁ ତିନି ହଜାରରୁ ଚାରି ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିନିମନ୍ତେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଏକ ରିଭଲଭିଂ ଫଣ୍ଡ ଖୋଲାଯାଇ ଏଥିପାଇଁ ୧୫ ହଜାର ଟଙ୍କା ଲେଖାଏ ଅର୍ଥ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ହରିଶ୍ଚନ୍ଦ୍ର ସହାୟତା ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଭରଣା କରାଯାଉଛି। ସାରା ରାଜ୍ୟର ସମସ୍ତ ପଞ୍ଚାୟତର ରିଭଲଭିଂ ଫଣ୍ଡ ପାଇଁ ୧୦ କୋଟି ୧୯ ଲକ୍ଷ



୧୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମଞ୍ଜୁର କରାଯାଇଛି। ଏହି ନୂତନ ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ଗ୍ରାମ ପଞ୍ଚାୟତ ଏକ୍ସଟେନସନ୍ ଅଫିସର କିମ୍ବା ଅନ୍ୟ କୌଣସି ବ୍ଲକସ୍ତରୀୟ ଏକ୍ସଟେନସନ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ବର୍ଦ୍ଧିତ ସହାୟତା ପାଇଁ ଯୋଜନାର ସଫ୍ଟୱାରରେ ଆବଶ୍ୟକ ପରିବର୍ତ୍ତନ କରାଯିବା ସହିତ ଜିଲ୍ଲାୱାରୀ ଗ୍ରାମପଞ୍ଚାୟତ ତାଲିକା ମଧ ପ୍ରସ୍ତୁତ କରାଯାଇସାରିଛି।

## ରପ୍ତାନୀ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ

# ଜାତୀୟ ଅଭିବୃଦ୍ଧି ହାରକୁ ପଛରେ ପକାଇଲା ଓଡ଼ିଶା

**ଭୁବନେଶ୍ୱର :** ଗୋଟିଏ ପଟେ ଶିଳ୍ପ ସମୃଦ୍ଧି ଅଭିମୁଖେ ଓଡ଼ିଶା ଦ୍ରୁତ ଅଗ୍ରସର ହେଉଥିବା ବେଳେ ରପ୍ତାନୀ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ହାର ଜାତୀୟ ହାର ଠାରୁ ଅଧିକ ରହିଛି। ରପ୍ତାନୀ କ୍ଷେତ୍ରରେ ଓଡ଼ିଶା ପ୍ରତ୍ୟେକ ବର୍ଷ ଉତ୍କର୍ଷତା ପ୍ରତିପାଦନ କରୁଛି। ଆଲୁମିନିୟମ୍ ରପ୍ତାନୀରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଭୁବନେଶ୍ୱରରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରାଳୟ, ରାଜ୍ୟ ଏମ୍ଏସ୍ଏମ୍ଇ ବିଭାଗ ଓ ଏଫ୍ଆଇଇଓ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ଓଡ଼ିଶାରେ ରପ୍ତାନୀ କ୍ଷେତ୍ରର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ ବୋଲି ମତପ୍ରକାଶ ପାଇଛି। ଓଡ଼ିଶାର ଯୁବକ ଯୁବତୀମାନେ ଏଣିକି ଆଉ ଚାକିରୀ ଖୋଜିବେ ନାହିଁ ବରଂ ନିଜେ ଜଣେ ଜଣେ ଉଦ୍ୟୋଗୀ ହେବେ। ଓଡ଼ିଶାରୁ ବର୍ଷକୁ ୭ ବିଲିୟନ୍ ଡଲାର୍ ମୂଲ୍ୟର ଆଲୁମିନିୟମ୍ ବିଦେଶକୁ ରପ୍ତାନୀ ହେଉଛି। ଏହା ପଛକୁ ରହିଛି ଇସ୍ପାତ ଓ ଧାତବ ସାମଗ୍ରୀ। ସେହିପରି ବାର୍ଷିକ ପ୍ରାୟ ୫୦୦ ନିୟୁତ ଡାଲର୍ ମୂଲ୍ୟର ସାମୁଦ୍ରିକ ଖାଦ୍ୟ ରପ୍ତାନୀ ହେଉଛି। ସାମୁଦ୍ରିକ ଖାଦ୍ୟ ରପ୍ତାନୀରେ ଓଡ଼ିଶା ଦେଶରେ ୬ଷ୍ଠ ସ୍ଥାନରେ ଅଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶା ୧ ଲକ୍ଷ ୩୪ ହଜାର କୋଟି ଟଙ୍କାର ରପ୍ତାନୀ କରି ରେକର୍ଡ ସୃଷ୍ଟି କରିଛି। ୨୦୧୭ରୁ ୨୦୨୨ ମଧ୍ୟରେ ଜାତୀୟ ସ୍ତରରେ ଇସ୍ପାତ ରପ୍ତାନୀ ଅଭିବୃଦ୍ଧି ହାର ୮.୫% ରହିଥିଲା। ଓଡ଼ିଶାରେ ଏହି ଅଭିବୃଦ୍ଧି ହାର ୨୨.୫% ରହିଛି। ସେହିପରି ଆଇଟି ରପ୍ତାନୀ କ୍ଷେତ୍ରରେ ମଧ ଓଡ଼ିଶାର ପ୍ରଦର୍ଶନ ବଢ଼ିବାରେ ଲାଗିଛି। ରାଜ୍ୟରେ ବାଣିଜ୍ୟ ଅନୁକୂଳ ବାତାବରଣ ହେତୁ ଏହି ସଫଳତା ହାସଲ ହୋଇଛି ବୋଲି ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜାତୀୟ ସ୍ତରରେ ରପ୍ତାନୀ ଅଭିବୃଦ୍ଧି ୩୦୩ ମିଲିୟନରୁ



୪୨୨ ମିଲିୟନ୍‌ରେ ପହଞ୍ଚିଛି। ସେହିପରି ରପ୍ତାନୀ ହାରରେ ୭.୬ ବିଲିୟନ୍‌ରୁ ୧୭ ବିଲିୟନ୍ ପର୍ଯ୍ୟନ୍ତ ଲମ୍ବା ଡିଆଁ ମାରିଛି ଓଡ଼ିଶା। ଏମ୍ଏସ୍ଏମ୍ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ଓଡ଼ିଶାରେ ଦକ୍ଷ ମାନବ ସମ୍ବଳର ଅଭାବ ନାହିଁ। ପର୍ଯ୍ୟାପ୍ତ ପରିମାଣରେ ପ୍ରାକୃତିକ ସମ୍ପଦ ଏବଂ ବିସ୍ତୃତ ସମୁଦ୍ର ତଟ ରହିଛି। ଉଚ୍ଚକୋଟିର ବୈଷୟିକ ଶିକ୍ଷାନୁଷ୍ଠାନ, ମେଡିକାଲ କଲେଜ, ଆଇଟି କମ୍ପାନୀ ଓଡ଼ିଶାରେ ଅଛନ୍ତି। ରାଜ୍ୟ ସରକାର ଯେଉଁ ଭିତ୍ତିଭୂମି ଏବଂ ଅନୁକୂଳ ବାତାବରଣ ସୃଷ୍ଟି କରିଛନ୍ତି ତାହାର ପରିଣାମ ଆଜି ରପ୍ତାନୀ କ୍ଷେତ୍ରରେ ସ୍ପଷ୍ଟ ଦେଖାଯାଇ ପାରେ। ସେହିପରି ରାଜ୍ୟ ସରକାରଙ୍କର ଶିଳ୍ପ, ଏମ୍ଏସ୍ଏମ୍ଇ ନୀତି ମଧ ବହୁଳ ଭାବେ ଫଳପ୍ରଦ ହେଉଛି। ପ୍ରତ୍ୟେକ କ୍ଷେତ୍ରରେ ଉତ୍ପାଦନ ଏବଂ ରପ୍ତାନୀ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ସବୁମତେ ଉଦ୍ୟମ କରୁଛନ୍ତି। ତେଣୁ ଆଗାମୀ ଦିନରେ ଆମର ଯୁବକ ଯୁବତୀ ମାନେ ଜୀବନ ଜୀବିକା ପାଇଁ ଆଉ ଚାକିରୀ ଉପରେ ନିର୍ଭରଶୀଳ ହେବେ ନାହିଁ ବରଂ ନିଜେ ଜଣେ ଜଣେ ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କୁ କର୍ମନିଯୁକ୍ତି ପ୍ରଦାନ କରିବେ ବୋଲି ଶ୍ରୀ ଦେବ କହିଛନ୍ତି। ଭାରତ ସରକାରଙ୍କ ଡିଜିଏଫ୍ଟି ମହାନିର୍ଦ୍ଦେଶକ ସନ୍ତୋଷ ଷଡ଼ଙ୍ଗୀ କହିଛନ୍ତି, ଓଡ଼ିଶାରୁ ଆଲୁମିନିୟମ୍, ଖଣିଜ, ଇସ୍ପାତ ଓ ସାମୁଦ୍ରିକ ଖାଦ୍ୟର ରପ୍ତାନୀ ହାରରେ ଅଭିବୃଦ୍ଧି ବେଶ୍ ସନ୍ତୋଷଜନକ ରହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶା ୧.୩୪ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ରପ୍ତାନୀ କରିଛି। ମୂଲ୍ୟଯୁକ୍ତ ଉତ୍ପାଦ ରପ୍ତାନୀରେ ଓଡ଼ିଶାର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ ରହିଛି। ରପ୍ତାନୀ କ୍ଷେତ୍ରରେ ଅଭିବୃଦ୍ଧି ହାସଲ ଲକ୍ଷ୍ୟରେ ଡିଜିଏଫ୍ଟି ସବୁ ପ୍ରକାର ଉଦ୍ୟମ କରୁଛି ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ଜିଲ୍ଲା ସ୍ତରରେ ରପ୍ତାନୀ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଉଛି। ଏଥିପାଇଁ ଅନୁଗୁଳ ଓ ଝାରସୁଗୁଡ଼ାରେ ରାଜ୍ୟ ସରକାର ଦୁଇଟି ଆଲୁମିନିୟମ୍ ପାର୍କ ପ୍ରତିଷ୍ଠା କରାଯାଇଛି। ରାପ୍ତନୀରେ ଅଭିବୃଦ୍ଧି ହାର ଓଡ଼ିଶା ପାଇଁ ଅଟୋମୋବାଇଲ୍ କ୍ଷେତ୍ରରେ ସୁଯୋଗ ଆଣିଦେଇଛି। ଏଫ୍ଆଇଇଓ ମହାନିର୍ଦ୍ଦେଶକ ଡକ୍ଟର ଅଜୟ ସହାଏ କହିଛନ୍ତି, ଉତ୍ପାଦନ ଏବଂ ରପ୍ତାନୀ କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଦକ୍ଷତା ହାସଲ କରିପାରିଛି। ଇସ୍ପାତ, ଖଣିଜ, ସାମୁଦ୍ରିକ ଖାଦ୍ୟ ରପ୍ତାନୀ ପରେ ଅଟୋମୋବାଇଲ୍ କ୍ଷେତ୍ରରେ ଓଡ଼ିଶା ଭଲ ପ୍ରଦର୍ଶନ କରିପାରିବ। ଏହି ଅଭିବୃଦ୍ଧି ନା କେବଳ ରାଜ୍ୟ ବରଂ ସମଗ୍ର ଦେଶ ପାଇଁ ହିତକରୀ ହେବ ବୋଲି ସେ କହିଛନ୍ତି। ୨୦୨୧-୨୨ରେ ଦେଶରୁ ୩୨ ଲକ୍ଷ କୋଟି ଏବଂ ୨୦୨୨-୨୩ରେ ୩୬ ଲକ୍ଷ କୋଟି ଟଙ୍କାର ରପ୍ତାନୀ ହୋଇଛି। ସମ୍ପ୍ରତି ରାଜ୍ୟୱାରୀ ରପ୍ତାନୀ ତାଲିକା ପ୍ରସ୍ତୁତ ହୋଇନଥିବା ବେଳେ ଚଳିତ ମାସ ୨୦୨୨-୨୩ରେ ଓଡ଼ିଶାର ରପ୍ତାନୀ ତଥ୍ୟ ପ୍ରକାଶ ପାଇବ ବୋଲି କୁହାଯାଇଛି। ଏହି ସମ୍ମିନଳୀରେ ରାଜ୍ୟ ଏମ୍ଏସ୍ଏମ୍ଇ ବିଭାଗ ପ୍ରମୁଖ ସଚିବ ଶାସ୍ୱତ ମିଶ୍ର ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

ସୁଖ ପାଖରେ ଜ୍ଞାନ
ନଥାଏ । ଯିଏ ଜ୍ଞାନୀ
ସେ ସୁଖ ପଛରେ
ଗୋଡ଼ାଏ ନାହିଁ ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୭ - ୨୩ ଏପ୍ରିଲ, ୨୦୨୩

# ସ୍ଥିର ସରକାର ସତ୍ତ୍ୱେ ବିକାଶ ମନ୍ଥର କାହିଁକି ?

ସମ୍ବାଦକ୍ରାନ୍ତି



ତାରକ ମହାନ୍ତି

ସବୁ ଯଦି ଠିକ ଚାଲିଛି, ତେବେ ତିନୋଟି ରାଜନୈତିକ ଦଳ ଜାତୀୟ ମାନ୍ୟତା ହରାଇଲେ କିପରି ? ଏଭଳି ଏକ ନୂଆ ପ୍ରଶ୍ନ ଦେଶର ବିରୋଧୀ ରାଜନୀତିକୁ ଚିନ୍ତାରେ ପକାଇଛି । ଭାରତର ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣ ମୂଳ କଂଗ୍ରେସ ସମେତ ଶରଦ ପାୱାରଙ୍କ ଏନସିପି ଏବଂ ପୁରାତନ ରାଜନୀତିକ ଦଳ ସିପିଆଇର ଜାତୀୟ ମାନ୍ୟତାକୁ ଉଠାଇଦେଇଛନ୍ତି । ଏହି ତିନୋଟି ଦଳ ଏବେ ଆଉ ଜାତୀୟ ଦଳ ହୋଇନାହାନ୍ତି । କିନ୍ତୁ ଖୁବ ସ୍ୱଳ୍ପ ଅବଧି ମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିବାଲଙ୍କ ଆମ ଆଦମୀ ପାର୍ଟି ବା ଆପ ଜାତୀୟ ମାନ୍ୟତା ପାଇ ଦେଶର ଭବିଷ୍ୟତ ରାଜନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିନେଇଛି । ଆନ୍ନା ହଜାରେଙ୍କ ସହ ଆନ୍ଦୋଳନରେ ସାମିଲ ହୋଇ ଚର୍ଚ୍ଚାକୁ ଆସିଥିବା କେଜରିବାଲ ପରବର୍ତ୍ତୀ ସମୟରେ ଏକ ଆଞ୍ଚଳିକ ଦଳ ଭାବେ ଆପ ପ୍ରତିଷ୍ଠା କରି ପ୍ରଥମ ପାଳିରେ ଦିଲ୍ଲୀ ରାଜନୀତିକୁ ଅକ୍ତିଆର କରିପାରିଥିଲେ । ଯାହାକି ପରେ ଦିଲ୍ଲୀରୁ ପଞ୍ଜାବ ଓ ଗୁଜରାଟ ଭଳି ରାଜ୍ୟକୁ ଲମ୍ବିଗଲା । ଏବେ ଦିଲ୍ଲୀ ସମେତ ପଞ୍ଜାବରେ ଆପ ସରକାର ରହିଥିଲା ବେଳେ ଗତ ଗୁଜରାଟ ନିର୍ବାଚନରେ ମଧ୍ୟ ଆପ ନିଜର ଅସ୍ତିତ୍ୱ ଜାହିର କରିସାରିଛି । ତେବେ ପ୍ରସଙ୍ଗ ହେଉଛି ବାମପନ୍ଥୀ ଚିନ୍ତାଧାରାକୁ ନେଇ ଯେଉଁ ସିପିଏମ, ସିପିଆଇ ଦେଶରେ ବାରମ୍ବାର ଆନ୍ଦୋଳନ, ହରତାଲ ଜାରି ରଖିଥିଲେ ସେମାନେ ଦେଶବାସୀଙ୍କ ବିଶ୍ୱାସଭାଜନ ନହେବା ପଛରେ କେଉଁ କାରଣ ରହିଛି, ଯେଉଁଥିପାଇଁ ଜାତୀୟ ଦଳର ମାନ୍ୟତା ହରାଇବାକୁ ପଡିଲା । ଆଞ୍ଚଳିକ ଦଳ ଭାବେ ଉଭାହୋଇ ଆପ କିପରି ଜାତୀୟ ମାନ୍ୟତା ପାଇଲା ! ଏହାର ବିଭିନ୍ନ କାରଣ ମଧ୍ୟରୁ ଜଣାପଡେ ଯେ, କେବଳ ସାମୟିକ ହୋହଲ୍ଲା ବା ଆନ୍ଦୋଳନ କରିଦେଲେ ଏଥିରେ ଜନତାର କିଛି ଲାଭ ହୁଏନି । ଯେପରି ଜଣେ ଦୋକାନୀ ନିଜ ମୁନାଫା ପାଇଁ ବେପାର ବଣିଜ କରି ନିଜେ ଧନୀ ହୁଏ ଓ ଗ୍ରାହକ ଶୋଷଣର ଶିକାର ହୁଅନ୍ତି । ଏଭଳି ଚିନ୍ତାଧାରା କେବେ କୌଣସି ରାଜନୈତିକ ଦଳକୁ ସୁଦୃଢ଼ କରିନଥାଏ । ଦେଶର ଶାସନ କ୍ଷମତାକୁ ଆସିବାକୁ ହେଲେ ଯେଉଁ ନିଷ୍ପାପର ଉଦ୍ୟମ ଓ ଜନତାଙ୍କ ସେବା କରିବା ଆବଶ୍ୟକ ତାହା ପ୍ରମାଣିତ ନହେବା ପର୍ଯ୍ୟନ୍ତ ଏଥିରେ ସଫଳତା ମିଳିନଥାଏ । ଆପ ମୁଖ୍ୟ ଅରବିନ୍ଦ ନିଜର ଆଭିମୁଖ୍ୟରେ ଦୃଢତା ରଖି ଦଳକୁ ଆଗେନେବାର ପ୍ରଚେଷ୍ଟା ଜାରି ରଖିବା ଓ ଏହାର ପ୍ରମାଣ ଦେବା ଦ୍ୱାରା ଦଳ ଜାତୀୟ ମାନ୍ୟତା ପାଇବାର ଉପଲବ୍ଧି କରୁଛି । ସ୍ୱାଧୀନତାର ଦୀର୍ଘବର୍ଷ ପରେ ଆଞ୍ଚଳିକ ଦଳମାନେ ରାଜନୀତିରେ ତିଷ୍ଠି ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । କାରଣ ପୂର୍ବରୁ କେବଳ ଜାତୀୟ ଦଳ ଭିତରେ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲାବେଳେ ବର୍ତ୍ତମାନ ପରିସ୍ଥିତିରେ ଜାତୀୟ ବନାମ ଆଞ୍ଚଳିକ ଲଢେଇ ଦେଶର ରାଜନୀତିକୁ ଏକ ନୂଆ ଦିଗ ଦେଖାଉଛି । କେନ୍ଦ୍ର ଅବହେଳା କଲେ ବିଭିନ୍ନ ରାଜ୍ୟର ଆଞ୍ଚଳିକ ଦଳ ସ୍ୱର ତୀବ୍ର କରି ପ୍ରତିବାଦ ଜଣାଇବାକୁ ପଛଘୁଞ୍ଚା ଦେଉନାହାନ୍ତି ଆଗରୁ ସବୁ ରାଜନୈତିକ ଦଳ ଦିଲ୍ଲୀରେ ନିଜର ସ୍ଥିତିକୁ ସୁଦୃଢ଼ କରୁଥିଲାବେଳେ ସମ୍ପ୍ରତି ଏହା ରାଜ୍ୟ ରାଜଧାନୀରେ ମଜଭୁତ ହେଉଛି । ବିଜେଡି କଥା ବିଚାର କଲେ ଦୀର୍ଘ ୨୫ ବର୍ଷ ହେଲା ଓଡ଼ିଶାର ଶାସନ କ୍ଷମତା ଉପଭୋଗ କରୁଥିଲା ବେଳେ ବିକାଶ ପ୍ରସଙ୍ଗରେ ବିଳମ୍ବ ହୋଇଛି ବୋଲି ମନେହୁଏ । କାରଣ ଦ୍ରୁତ ବିକାଶ ପାଇଁ କୌଣସି ସରକାରଙ୍କୁ ଦୀର୍ଘବର୍ଷ ଲାଗିବା ଏବଂ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଲୋକଙ୍କ ମନରେ ଜାପାନରୁ ପୁଞ୍ଜି ଆସିବା ଓ ଭୁବନେଶ୍ୱରରୁ କଟକ ମେଟ୍ରୋ ରେଳ ଚଳାଚଳକୁ ନେଇ ଖବର ପ୍ରକାଶ ପାଇବା ନିଶ୍ଚୟ କେଉଁଠି ନା କେଉଁଠି ତ୍ରୁଟି ରହିଛି ବୋଲି ଅନୁଭବ ହୁଏ । ଗୋଟିଏ ସ୍ଥିର ସରକାର ଯେଭଳି ବିକାଶ କରିବା କଥା ତାହା ହୋଇଥିଲେ ଆଜି ରାଜ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀମାନେ ସ୍ୱର ଉଠାଇବାକୁ ସାହସ କରିପାରନ୍ତେ ନାହିଁ ।

# ପାକ୍‌ର ପରାଜୟରୁ ଛାୟା ସନ୍ତ୍ରାସ



ସୌମେନ୍ଦ୍ର ଜେନା

୧୯୪୭ରେ ପାକ୍ ଗଠନ ପରଠାରୁ ୧୯୭୦ ପର୍ଯ୍ୟନ୍ତ ପାକ୍ ନେତାମାନେ ସରିଆ ଆଧାରିତ ଇସଲାମିକ ରାଷ୍ଟ୍ର କିମ୍ବା ଆଧୁନିକ ବିକଶିତ ରାଷ୍ଟ୍ରଗଠନର ଦ୍ୱନ୍ଦ୍ୱରେ ରହିଆସିଥିଲେ । ଏହି ଦ୍ୱନ୍ଦ୍ୱ ଚାଲିଥିବା ମଧ୍ୟରେ ୧୯୭୧ରେ ବଙ୍ଗଳାଦେଶ ପାକିସ୍ଥାନଠାରୁ ଅଲଗା ହେଲା । ସେଥିପାଇଁ ସଂଗଠିତ ଯୁଦ୍ଧରେ ପାକ୍ ସେନା ପରାସ୍ତ ହୋଇଥିଲା । ବଙ୍ଗଳାଦେଶର ଲୋକମାନଙ୍କ ଉପରେ ପାକ୍‌ସେନା ପକ୍ଷରୁ ବର୍ବର ପ୍ରାୟ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା । ବଙ୍ଗଳାଦେଶ ସ୍ୱାଧୀନତା ପାଇଁ ସଂଗ୍ରାମରତ ଲୋକମାନଙ୍କୁ ଅମାନବୀୟ ଭାବେ ଗଣହତ୍ୟା କରାଯାଇଥିଲା । ବଙ୍ଗଳାଦେଶ ମଧ୍ୟରେ ଏଭଳି ବର୍ବରତାରୁ ମୁକ୍ତି ପାଇବା ପାଇଁ ଲକ୍ଷଲକ୍ଷ ଲୋକ ଜୀବନ ବିକଳରେ ଭାରତକୁ ଚାଲିଆସିବା ପରେ ଭାରତ ସରକାର ଶରଣାର୍ଥୀଙ୍କ ଉପରେ ପାକ୍ ସରକାରଙ୍କୁ ଉପଗ୍ରସ୍ତ କରିବା ପାଇଁ ପୂର୍ବବଙ୍ଗର ଶାନ୍ତିବାହିନୀକୁ ସମର୍ଥନ ଦେବାପରେ ପରିଦୃଶ୍ୟ ବଦଳିଥିଲା । ହେଲେ ସେ ମଧ୍ୟରେ ପାକ୍ ସେନା ଓ ଜମାତ ସଂଗଠନ ମିଶି ଦେଶବ୍ୟାପି ଗଣହତ୍ୟା ଚଳାଇଲେ । ପାକ୍ ଗଣତନ୍ତ୍ରର ଦୁଇଟି ସ୍ତମ୍ଭ ପାକ୍ ସେନା ଓ ଜମାତ ଲୋକ ହୋଇଥିଲେ । ବଙ୍ଗଳା ଦେଶରେ ଅସନ୍ତୋଷ ବୃଦ୍ଧି ପାଇ ଶେଷରେ ଯେଉଁ ଗୃହଯୁଦ୍ଧ ହୋଇଥିଲା ସେଥିରେ ଭାରତର ସେନା ହସ୍ତକ୍ଷେପ କରିବା ସହ ପାକ୍ ସେନାକୁ ବଙ୍ଗଳାଦେଶରୁ ତଡିବା ପାଇଁ ବ୍ୟବସ୍ଥା କରିଥିଲେ । ଶେଷରେ ୯୦ହଜାରରୁ ଅଧିକ ପାକଯବାନ ଆତ୍ମସମର୍ପଣ କରିବା ପରେ ବଙ୍ଗଳାଦେଶ ସ୍ୱାଧୀନତା ଲାଭ କରିଥିଲା ।

୧୯୬୫ରେ ଜାତିସଂଘର ସୁରକ୍ଷା ପରିଷଦରେ ଭାଷଣ ଦେଇ ତତ୍‌କାଳୀନ ପାକ୍ ବିଦେଶମନ୍ତ୍ରୀ ଜୁଲଫିକର ଅଲ୍ଲି ଭୁଟ୍ଟୋ ଭାରତ ବିରୁଦ୍ଧରେ ୧୦୦୦ ବର୍ଷ ପାଇଁ ଯୁଦ୍ଧ ଘୋଷଣା କରିଥିଲେ । ୧୯୭୧ ଯୁଦ୍ଧରେ ପାକ୍ ପରାସ୍ତ ହେବାପରେ ଭୁଟ୍ଟୋ ରାଷ୍ଟ୍ରପତି ହୋଇଥିଲେ । ପାକ୍ ସରକାରଙ୍କ ଆଣବିକ କାର୍ଯ୍ୟକ୍ରମ ୧୯୭୨ରେ ଇରାନ-ସାଉଦିଆରବରେ ଆର୍ଥିକ ସହଯୋଗ,ଚୀନ ଓ ଉତ୍ତର କୋରିଆର ମାର୍ଗଦର୍ଶନରେ ଆରମ୍ଭ ହୋଇଥିଲା । ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଭାରତର ଆଣବିକ ବୋମା ପରୀକ୍ଷା ପାଇଁ ଅନୁମତି ଦେଲାପରେ ୧୮ମଇ ୧୯୭୪ରେ ରାଜସ୍ଥାନର ପୋଖରାନରେ ଅପରେସନ ସ୍ମାଇଲିଂ ବୁଦ୍ଧ ପ୍ରକଳ୍ପରେ ପ୍ରଥମେ ସଫଳତାର ସହ ଆଣବିକ ପରୀକ୍ଷା ହୋଇଥିଲା । ଢେର ପୂର୍ବରୁ ଆଣବିକ କାର୍ଯ୍ୟକ୍ରମ ଘୋଷଣାକରି ୧୯୭୬ସୁଦ୍ଧା କାହୁଟାଠାରେ ଆଣବିକ ବିକାଶ କେନ୍ଦ୍ର ଖୋଲିବାକୁ ପାକ୍ ସକ୍ଷମ ହୋଇଥିଲା । ତେବେ ୧୯୭୩ ବେଳକୁ ଭୁଟ୍ଟୋ ପାକ୍‌ର ଇସଲାମୀକରଣ କରିବାକୁ ରାଜନୀତିକ ସ୍ତରରେ କାର୍ଯ୍ୟାରମ୍ଭ କଲେ । କିନ୍ତୁ ୫ ଜୁଲାଇ ୧୯୭୭ରେ ତତ୍‌କାଳୀନ ସେନାମୁଖ୍ୟ ଜେନେରାଲ ଜିଆ ଉଲ-ହକ ଭୁଟ୍ଟୋଙ୍କୁ କ୍ଷମତାରୁ ହଟାଇ ଦେଇ ତାଙ୍କ ବିଚାର ଚଳାଇଲେ । ଶେଷରେ ଭୁଟ୍ଟୋଙ୍କ ଫାସୀ ପରେ ଜିଆ ପାକ୍ ସମ୍ବିଧାନରେ ଇସଲାମିକ ଆଇନ ଭରିବା ସହ ଶିକ୍ଷାନୁଷ୍ଠାନଗୁଡିକର ଇସଲାମୀକରଣ କରିବାକୁ ଲାଗିଲେ । ପରେ ଦେଶରେ ଇସଲାମିକ ଧାର୍ମିକ ଶିକ୍ଷାକୁ ଅନୁଷ୍ଠାନ ବୋଲି ସେନା, ପ୍ରଶାସନ, ବିଚାରରେ ଏହାକୁ ପ୍ରବେଶ କରାଇଲେ । ଏହି କାର୍ଯ୍ୟକ୍ରମ ଜାରିରହିବା ପରେ ସାଧାରଣ ଲୋକେ ମୌଳବାଦୀ ହେଲେ ଏବଂ ଅଧିକ ସକ୍ରିୟ ଲୋକେ ସନ୍ତ୍ରାସବାଦୀ ହେଲେ । ଯେହେତୁ ସୋଭିଏତ ରୁଷିଆ ବିରୁଦ୍ଧରେ ଲଢିବା ପାଇଁ ଏହି ଇସଲାମିକ ସେନା ଆମେରିକାକୁ ସାହାଯ୍ୟ କରିଆସୁଥିଲା, ତେଣୁ ସେମାନେ ତାକୁ ଗୁରୁତ୍ୱ ଦେଲେ ନାହିଁ, ବରଂ ପାକ୍‌ର ସନ୍ତ୍ରାସପ୍ରତି ଆଖିବୁଜି ରହିଲେ ।

ଭୁଟ୍ଟୋ ପାକର ପରାଜୟକୁ ଆଖିରେ ଦେଖିଥିଲେ । ପାକ୍ କିପରି ଭାରତରୁ ଅଲଗା ହେଲାପରେ ବାରମ୍ବାର ପେଣ୍ଡୁଲମ୍ ଘଣ୍ଟାପରି ଅସ୍ଥିର ସରକାର ହାତକୁ ଯାଉଥିଲା ତାହା ମଧ୍ୟ ଦେଖିଥିଲେ । ତେଣୁ ସେ ଆଣବିକ କେନ୍ଦ୍ର ସ୍ଥାପନ ଚୀନ ସହ ବନ୍ଧୁତା, ମୌଳବାଦ ମାର୍ଗରେ ପାକର ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେଲେ । କାରଣ ସମ୍ମୁଖ ଯୁଦ୍ଧରେ ଭାରତକୁ ପରାସ୍ତ କରାଯାଇପାରିବ ନାହିଁ ବୋଲି ଜାଣିବା ପରେ ସେ ଅନେକ ସ୍ଥାନରେ କ୍ଷତ ସୃଷ୍ଟି ପାଇଁ ଚିନ୍ତା କଲେ, ୧୦୦୦ କ୍ଷତ ସୃଷ୍ଟି କରିବା କଥା କହିଲେ । ଜମାତେ ଇସଲାମୀକୁ ଏଥିପାଇଁ ବ୍ୟବହାର କରିବାର ଲକ୍ଷ୍ୟ ରଖିଲେ । ଭାରତ ବିରୁଦ୍ଧରେ ଛାୟାଯୁଦ୍ଧ ଜାରି ରଖିବାକୁ ଆହ୍ୱାନ ଦେଲେ । କାଶ୍ମୀର ନାମରେ ବିଶ୍ୱବ୍ୟାପି ଭାରତ ବିରୋଧୀ ପ୍ରଚାରଯୁଦ୍ଧ ପାଇଁ ବହୁ ପରିମାଣର ଅର୍ଥ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଲବିଂ ସଂସ୍ଥାମାନଙ୍କୁ ଦେବାଲାଗି ବ୍ୟବସ୍ଥା କଲେ । ଭୁଟ୍ଟୋଙ୍କ ପରେ କ୍ଷମତା ଦଖଲ କରିଥିବା ଜିଆ ଉଲହକ୍ ୧୧ବର୍ଷ ଧରି ଭୁଟ୍ଟୋଙ୍କ ଯୋଜନାକୁ ସଫଳ କରିବା ପାଇଁ ପାକ୍‌କୁ ଇସଲାମିକ ରାଷ୍ଟ୍ରରେ ପରିଣତ କରିବାକୁ ସମସ୍ତ ଉଦ୍ୟମ କଲେ । ଆଫଗାନିସ୍ଥାନରେ ସୋଭିଏତ୍ ରୁଷିଆର ଆକ୍ରମଣ ଏଥିପାଇଁ ସୁଯୋଗ ସୃଷ୍ଟିକଲା । ରୁଷିଆସେନା ସହ ଲଢିବା ପାଇଁ ଆମେରିକାର ଆଗ୍ରହରେ ଧର୍ମଯୋଦ୍ଧା ବା ମୁଜାହିଦୀନ ସୃଷ୍ଟି କରିବା ପାଇଁ ଜିଆ କାର୍ଯ୍ୟ କଲେ । ଭାରତ କୈନ୍ଦ୍ରିକ ସଂଘର୍ଷକୁ ବ୍ୟାପକ କରିବା ପାଇଁ ଏବଂ କାଶ୍ମୀରରେ ଅଶାନ୍ତି ସୃଷ୍ଟିଲାଗି ସେ 'ଅପରେସନ ଟୁପାକ' ଆରମ୍ଭ କଲେ ।

୧୯୬୦ ଦଶକରୁ ଭାରତ ବିରୋଧୀ ପାକ୍‌ର ସାମରିକ, ଗୋଇନ୍ଦା ତଥ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଜାରି ରହିଥିଲା, ଯାହା ୧୯୮୮ରେ ଅପରେସନ ଟୁପାକର ନାମ ଗ୍ରହଣ କଲା । ୧୯୬୫ରେ ପାକ୍‌ସେନାର ପରାଜୟର ପ୍ରତିଶୋଧ ନେବାକୁ ଏହାର ଉଦ୍ଦେଶ୍ୟ ତିନିପ୍ରକାର ରହିଥିଲା, (କ) ଭାରତକୁ ଚତୁର୍ଦ୍ଦିଗରୁ ଘେରିରଖିବା, (ଖ) ବିଘଟନ କାର୍ଯ୍ୟ କରିବାକୁ ଗୋଇନ୍ଦା କାର୍ଯ୍ୟ ପରିବ୍ୟାପ୍ତ କରିବା, (ଗ) ନେପାଳ ଏବଂ ବଙ୍ଗଳାଦେଶର ସୀମାରେ ସେନାର ଗତିବିଧିକୁ ବୃଦ୍ଧି କରି ଅପରେସନ ଚଳାଇବା ଏବଂ କାର୍ଯ୍ୟ କେନ୍ଦ୍ର ସ୍ଥାପନ କରିବା, (ଘ) ଭାରତରେ ସକ୍ରିୟଥିବା ସନ୍ତ୍ରାସବାଦୀ, ବିଚ୍ଛିନ୍ନତାବାଦୀ ଏବଂ ଇସଲାମିକ ସଂଗଠନଗୁଡିକୁ ଅର୍ଥ ଓ ଶସ୍ତ୍ର ଯୋଗାଇଦେବା ।

ଅପରେସନ ଟୁପାକକୁ ସ୍ୱୀକୃତି ମିଳିବା ପରେ ପରେ ଆମେରିକା ଏବଂ ଭାରତର କାଶ୍ମୀରରେ ଅନେକ ଉଗ୍ରବାଦୀ ସଂଗଠନ ମୁଣ୍ଡ ଟେକିଲେ । ଜମାତେ ଇସଲାମୀର ଉଗ୍ରବାଦୀ ଶାଖା ହିଜବୁଲ ମୁଜାହିଦ୍ଦୀନ (୧୯୮୦) ଓ ଲସ୍କର ଇ ତୈବା (୧୯୯୦) ଗଠନ ହେଲା । ଠିକ ସେହି ସମୟରେ ଅନେକଗୁଡିଏ ସମାନ୍ତରାଳ ସଂଗଠନ ଭାରତ ବାହାରେ ଆମେରିକା, ବ୍ରିଟେନ ଏବଂ କାନାଡାରେ ମଧ୍ୟ ମୁଣ୍ଡ ଟେକିଲେ । ଜମାତର ସଂଗଠନ ଇସଲାମିକ ସର୍କଲ ଅଫ ନର୍ଥ ଆମେରିକା (ଇସନା) ଏହାର ଆନ୍ତର୍ଜାତିକ ପତ୍ରିକା 'ଦି ମେସେଜ୍ ଇଣ୍ଟରନେସନାଲ' (୧୯୯୦) ପ୍ରକାଶ କଲା । ଛତୁ ଫୁଟିଲା ପରି ଅନେକ ସଂଗଠନ ଆମେରିକା ଏବଂ ବ୍ରିଟେନରେ ଗଢି ଉଠିଲା । ୧୯୯୦ରେ ଦୁଇଟି ପ୍ରମୁଖ ସଂଗଠନ ୱାର୍ଲଡ କାଶ୍ମୀର ଫ୍ରିଡମ୍ ମୁଭମେଣ୍ଟ ଆଇଏସ୍ଆଇର ଏଜେଣ୍ଟ ମୁହମ୍ମଦ ଅୟୁବ ଠାକୁର ଏବଂ କାଶ୍ମୀର ଆମେରିକାନ କାଉନସିଲ ଘୁଲାମ ନବି ଫାୟି ଦ୍ୱାରା ପଞ୍ଜିକୃତ ହେଲା । ଜିଆ ଉଲ୍ ହକ୍ ଠିକ୍ ସେହି ସମୟରେ କେ-୨ ନାମରେ ଉଭୟ କାଶ୍ମୀର ଏବଂ ଖଲିସ୍ଥାନ ଆନ୍ଦୋଳନକୁ ବ୍ୟାପକ କରି ପଞ୍ଜାବ ସହ କାଶ୍ମୀରକୁ ଅସ୍ଥିର କରିବା ଉଦ୍ଦେଶ୍ୟରେ ପ୍ରୟାସ କଲେ । ଖାଲିସ୍ଥାନ ସମର୍ଥନକାରୀ ସଂଗଠନ ଭାରତ ବାହାରେ ଛତୁ ଫୁଟିଲା ପରି ଗଢି ଉଠିଲେ । ୧୯୮୯ରେ ଆମେରିକାରେ ଏକ ସଂଗଠନ ଶିଖ୍ ୟୁଥ ଅଫ୍ ଆମେରିକା ମୁଣ୍ଡ ଟେକିଲା । ତାର ଦାୟିତ୍ୱରେ ଆଇଏସ୍ଆଇର ଜମାତ ସଂଗଠନ ଇସନାର ଭଜନସିଂହ ଭିଣ୍ଡର ରହିଲା । କାର୍ଯ୍ୟକୁ ସହଯୋଗ କରିବା, କୌଶଳ ଅନୁଯାୟୀ ଦୁଇଟି ସଂଗଠନ ମଧ୍ୟରେ ତାଳମେଳ ରଖିବା ପାଇଁ ଜଷ୍ଟିସ ଫର ଅଲ୍ ନାମକ ଅନ୍ୟ ଏକ ସଂଗଠନ ଗଠନ କରାଗଲା । ଏସବୁର ମୂଳଲକ୍ଷ୍ୟ ରହିଲା ଭାରତକୁ ବିରୋଧ କରିବା । ପାକ୍‌ର ମୋଟ ଘରୋଇ ଉତ୍ପାଦ (ଜିଡିପି) ୧୯୮୦ ପରଠାରୁ ହ୍ରାସ ପାଇବାରେ ଲାଗିଥିଲା । ଏହି ସମୟରେ ଅପରେସନ ଟୁପାକ ସମେତ ତିନୋଟି ଅପରେସନ ପାକିସ୍ଥାନ ଆରମ୍ଭ କରିଥିଲା, ପାକ୍‌ର ଭାରତ ବିରୋଧୀ ଷଡଯନ୍ତ୍ର ଏହି ସମୟରେ ଥିଲା ସର୍ବାଧିକ । ଅପରେସନ ଟୁପାକ ଦୁଇଟି କ୍ଷେତ୍ରରେ ଲଢୁଥିଲା । ସୀମାପାର ଆତଙ୍କବାଦ ଏବଂ ଭାରତରେ ସନ୍ତ୍ରାସବାଦ । ଏହି ଦ୍ୱିମୁଖୀ ସନ୍ତ୍ରାସବାଦ ଗୋଟିଏ ସମୟରେ ଭାରତକୁ ସଣ୍ଢୁଆସୀ ଆକ୍ରମଣ କଲେ । ଦେଶ ଭିତରେ ଥିବା ଟୋପିବାଜ୍- ପଗଡିବାଜ୍ ମେଣ୍ଟ ଏବଂ ଦେଶ ବାହାରେ ଥିବା ପାକ୍‌ର ଚରଣଚଟା ପଗଡିବାଜୀ ଗୋଷ୍ଠୀ ଏବଂ ସନ୍ତ୍ରାସବାଦୀମାନେ ଭିନ୍ନ ଭିନ୍ନ ସ୍ଥାନରେ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇ ରହିଲେ । ସେଥିପାଇଁ ସ୍ୱତନ୍ତ୍ର ସନ୍ତ୍ରାସୀ ପ୍ରଶିକ୍ଷଣ ଶିବିରରେ ସେନାଧିକାରୀମାନେ ପ୍ରଶିକ୍ଷଣ ଦେଲେ । ବିଦେଶର ଅନେକ ଗୁରୁଦ୍ୱାର ମଧ୍ୟରେ ସନ୍ତ୍ରାସବାଦୀମାନେ ପ୍ରବନ୍ଧକ କମିଟିର ସମର୍ଥନ,ସହଯୋଗ, ପାକ୍‌ର ଯୋଜନାରେ ଭାରତ ବିରୋଧୀ ଷଡଯନ୍ତ୍ରର ଜାଲ ବୁଣିଲେ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ହାଇକୋର୍ଟରେ ଫଇସଲା ହାର ୧୩୩%

## ସୌର ଚନ୍ଦ୍ର ମହାପାତ୍ର

ସାଧାରଣ ଲୋକଙ୍କ ପାଇଁ ଥିଲା ଅପହଞ୍ଚ, ଅଭେଦ୍ୟ । ଦଣ୍ଡବିଧିର ଭୟ ରହିଥିଲା ମନରେ । ବିଚାର ପ୍ରକ୍ରିୟା ଥିଲା ଲୋକଙ୍କ ପାଇଁ ଦୁର୍ବୋଧ ଓ ଅଜ୍ଞାତ । ଏବେ ସବୁ କିଛି ମୁକ୍ତ ଓ ସହଜ ହେବାରେ ଲାଗିଛି । ନାଲିକୋଠା ଭୟ, ଆଶଙ୍କା କି ଉଦବେଗର ଜାଗା ନୁହେଁ ଏଭଳି ବିଶ୍ୱାସ ତିଆରି ହେଉଛି ସାଧାରଣ ଲୋକଙ୍କ ମନରେ । କଟକଣାର କବାଟ ନିଜ ଆଡୁ ଖୋଲି ଦେଇଛନ୍ତି ଓଡ଼ିଶା ହାଇକୋର୍ଟ । ନ୍ୟାୟିକ ବ୍ୟବସ୍ଥାକୁ ସହଜ, ସରଳ ଓ ସଂପ୍ରସାରିତ କରାଯାଉଛି ସବୁଠାରୁ ଦୁର୍ବଳ ଲୋକଟି ପାଖରେ ପହଞ୍ଚିବା ପାଇଁ । ପିଲାମାନେ ବୁଲି ଦେଖୁଛନ୍ତି ହାଇକୋର୍ଟ । ଯାଉଛନ୍ତି ବିଚାରପତିଙ୍କ କକ୍ଷକୁ । ଜାଣୁଛନ୍ତି ନ୍ୟାୟ ପ୍ରକ୍ରିୟାକୁ । ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ପ୍ରୟୋଗ ଫଳରେ ଆଜି ପ୍ରତି ଜିଲ୍ଲା ଯୋଡ଼ି ହେଉଛି ହାଇକୋର୍ଟଙ୍କ ସହ । ତ୍ୱରିତ ଶୁଣାଣି ହୋଇ ଫଇସଲା ହେଉଛି ମାମଲା । ଜେଲରେ ଶଢୁଥିବା କଏଦୀଙ୍କ ପାଇଁ ମୁକ୍ତିର ବାଟ ପ୍ରଶସ୍ତ ହେଉଛି । ୨୦୨୨ରେ ହାଇକୋର୍ଟଙ୍କ ଏକ ଉଦାର ପରିବର୍ତ୍ତିତ ରୂପ ମୁଗ୍ଧ କରିଛନ୍ତି ସମସ୍ତଙ୍କୁ । ଆହୁରି ଆଶ୍ୱସ୍ତ ହୋଇଛନ୍ତି ନିର୍ଯାତିତ, ନିଷ୍ପେସିତ ଲୋକ । ଏଇ ଭରସାରେ ଯେ ସେମାନଙ୍କ ପାଇଁ କେହି ଅଛି । ରାଜ୍ୟ ବିଚାର ବ୍ୟବସ୍ଥା ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନୂଆ ରେକର୍ଡ କରିବାରେ ଲାଗିଛି । ଭିଡିଭୂମି ଓ ଶୁଣାଣି ବ୍ୟବସ୍ଥାରେ ଗତିଶୀଳତା କାରଣରୁ କେବଳ ହାଇକୋର୍ଟ ନୁହେଁ, ଜିଲ୍ଲାଜଜ କୋର୍ଟ ଠାରୁ ଆରମ୍ଭ କରି ଫାଷ୍ଟଟ୍ରାକ କୋର୍ଟ ସବୁଠି ମାମଲା ଫଇସଲା କ୍ଷେତ୍ରରେ ରେକର୍ଡ଼ ସଫଳତା ମିଳିଛି । ଗତବର୍ଷ ଏକ ନୂଆ ଇତିହାସ ସୃଷ୍ଟି ହୋଇଛି ଓଡ଼ିଶା ହାଇକୋର୍ଟରେ । ଏଥର ହାଇକୋର୍ଟରେ ରେକର୍ଡ଼ ୧୩୩ ପ୍ରତିଶତ ମାମଲାର ଫଇସଲା ହୋଇଛି । ଅର୍ଥାତ୍ ଗତବର୍ଷ ଯେତିକି ମାମଲା ରୁଜୁ ହୋଇଛି ତା'ଠାରୁ ଯଥେଷ୍ଟ ଅଧିକ ମାମଲାର ସମାଧାନ ହୋଇଛି । ପୂର୍ବବର୍ଷ ଅପେକ୍ଷା ଗତବର୍ଷ ଜିଲ୍ଲା କୋର୍ଟରେ ମାମଲା ସମାଧାନ ହାର ୫୩% ଅଧିକ ରହିଥିବାବେଳେ ତ୍ୱରିତ ମାମଲା ଶୁଣାଣି କ୍ଷେତ୍ରରେ ଫାଷ୍ଟଟ୍ରାକ କୋର୍ଟ ମାମଲା ସଫଳତା ହାସଲ କରିଛି । ହାଇକୋର୍ଟଙ୍କ ପକ୍ଷରୁ ଜାରି ଏକ ବିଜ୍ଞପ୍ତି ଅନୁସାରେ, ମାମଲା ସମାଧାନ କ୍ଷେତ୍ରରେ ଗତବର୍ଷ ଏହି ଅଦାଲତ ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରିଛି । ୨୦୧୮ରେ ୬୨ ହଜାର ୫୬୬ଟି ମାମଲା ରୁଜୁ ହୋଇଥିଲା ଓ ୬୩ ହଜାର ୨୩୬ଟି ମାମଲା ସମାଧାନ ହୋଇଥିଲା । ୨୦୧୯ରେ ୮୧ ହଜାର ୧୨୧ଟି ମାମଲା ରୁଜୁ , ୯୩ ହଜାର ୨୨୪ଟି ମାମଲାର ସମାଧାନ, ୨୦୨୦ରେ ୮୩ ହଜାର ୪୯୯ଟି ମାମଲା ରୁଜୁ, ୬୧ ହଜାର ୩୩୫ଟି ମମଲା ସମାଧାନ ହୋଇଥିଲା । ତେବେ ୨୦୨୧ରେ କରୋନା ସତ୍ତ୍ୱେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ, ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶୁଣାଣି, ଇ-ଫାଇଲିଂ ଆଦି ବ୍ୟବସ୍ଥା କାରଣରୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମାମଲା ଶୁଣାଣି ତ୍ୱରାନ୍ୱିତ ହୋଇଥିଲା । ୨୦୨୧ରେ ହାଇକୋର୍ଟରେ ଲକ୍ଷ ୨୮ ହଜାର ୭୮୬ଟି ମାମଲା ରୁଜୁ ହୋଇଥିଲାବେଳେ ୧ଲକ୍ଷ ୫ହଜାର ୧୮୨ଟି ମାମଲାର ସମାଧାନ ହୋଇଥିଲା । କିନ୍ତୁ ଗତବର୍ଷ ଏହି ରେକର୍ଡ଼ ବି ଭାଙ୍ଗିଯାଇଛି । ଚଳିତ ବର୍ଷ ଶୀତ ଅବକାଶ ଭିତରେ ହାଇକୋର୍ଟରେ ୧ ଲକ୍ଷ ୨ ହଜାର ୨୪୭ଟି ମାମଲା ରୁଜୁ ହୋଇଥିଲାବେଳେ ୧ଲକ୍ଷ ୩୬ ହଜାର ୫୯୯ଟି ମାମଲାର ଫଇସଲା ହୋଇପାରିଛି । ରାଜ୍ୟର ବିଭିନ୍ନ ଜିଲ୍ଲା ଜଜକୋର୍ଟରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୫୩.୨୮% ଅଧିକ ମାମଲା ସମାଧାନ ହୋଇଛି । ୨୦୨୧ରେ ଅନୁମୋଦିତ ବିଚାରପତିଙ୍କ ସ୍ଥାନ ୯୬୨ ଥିଲାବେଳେ ସେହି ସ୍ଥାନରେ ୭୬୬ଜଣ କାର୍ଯ୍ୟ କରୁଥିଲେ । ସେହିପରି ୨୦୨୨ରେ ଅନୁମୋଦିତ ବିଚାରପତିଙ୍କ ସଂଖ୍ୟା ୯୭୭ ଥିଲାବେଳେ ଏହି ସ୍ଥାନରେ ୭୭୬ଜଣ କାର୍ଯ୍ୟ କରୁଛନ୍ତି । ୨୦୨୧ରେ ଜଣେ ବିଚାରପତି ମୁଣ୍ଡ ପିଛା ୩୧୧ଟି ମାମଲାର ଫଇସଲା କରୁଥିବାବେଳେ ୨୦୨୨ରେ ତାହା ୫୭୭ରେ ପହଞ୍ଚିଛି । ଅନ୍ୟପକ୍ଷରେ ବଳାତ୍କାର ଏବଂ ପୋକସୋ ମାମଲା ଗୁଡ଼ିକର ବିଚାର ଫାଷ୍ଟଟ୍ରାକ କୋର୍ଟରେ କରାଯାଇଥାଏ । ଗତବର୍ଷ ଜାନୁଆରୀ ଗତ ୨୬ ତାରିଖ ମଧ୍ୟରେ ଏହିସବୁ କୋର୍ଟରେ ୧୦୪୨ଟି ବଳାତ୍କାର ମାମଲା ରୁଜୁ କରାଯାଇଛି । ସେଥିରୁ ୧୨୫ଟି ମାମଲାର ସମାଧାନ କରାଯାଇଛି । ପୋକସୋ ଆଇନ ଅଧୀନରେ ବିଚାର ବ୍ୟବସ୍ଥା ପାଇଁ ୮ଟି ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରାଯାଇଛି । ଭୁବନେଶ୍ୱରରେ ଗୋଟେ ପରିବାର ଅଦାଲତ ପ୍ରତିଷ୍ଠା ଓ ୨ଟି ମହିଳା କୋର୍ଟ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଓଡ଼ିଶାରେ ବିଚାର ବ୍ୟବସ୍ଥା ଅତ୍ୟନ୍ତ ଗତିଶୀଳ ଓ ସୁଦୃଢ଼ ହେବା ସହ ଜନାଭିମୁଖୀ ହୋଇ ଲୋକଙ୍କ ବିଶ୍ୱାସଭାଜନ ହେଉଛି ଓ ଲୋକମାନଙ୍କର ଆଇନ ବ୍ୟବସ୍ଥା ଉପରେ ଅଖଣ୍ଡ ବିଶ୍ୱାସ ବଢ଼ିଛି ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*

# ବୀର ଓଡ଼ିଆଙ୍କ ଉତ୍ତର ପୁରୁଷଙ୍କୁ ଦୂରେଇ ନିଜେ ଶ୍ମଶାନ ପୂଜାରୀ ସାଜିଛି ଝାଡ଼ଖଣ୍ଡର ଅଣ ଓଡ଼ିଆ ପ୍ରଶାସନ

## କାର୍ତ୍ତିକ ପରିଛା

ପୂର୍ବ ଦିଗ ଶ୍ମଶାନରେ ସ୍ଥିତ ଆଖଡ଼ା ଶାଳ ଷଢେଇକଳା, ଅଧାବଧି ଭୈରବ ପୀଠରେ ଓଡ଼ିଆର ନିଜ ଐତିହକୁ ନେଇ ଖଣ୍ଡାୟତଙ୍କର ସେହି ଫରିଖଣ୍ଡା ଧାରଣ କରି ବାର୍ଷିକ ପୂଜା ବେଳ ସମୟ ବୀର ଜୀବନର ସମ୍ବଳ ତାର ଢାଲ ତରବାରୀକୁ ସମ୍ମାନ ଜଣାଇବା । ହୁଏତ ଅନେକେ ଏହାକୁ ଆଧୁନିକ ଛଉ ନୃତ୍ୟ କଳାର ଏକ ଆୟୋଜନ ମନେ କରନ୍ତି ହେଲେ ବାସ୍ତବରେ ଏହା ଯୁଦ୍ଧାଗମନ ପୂର୍ବରୁ ବୀର ଓଡ଼ିଆ ଶ୍ମଶାନ ପୂଜାରୀଙ୍କର ପୂଜା ଥିଲା ଉତ୍କଳରେ । ଯେଉଁ ତରବାରୀ ସେ ଶତ୍ରୁ ରକ୍ତ ପାନ କରାଇବାକୁ ଭୈରବ ଭୈରବୀ ଗଣଙ୍କୁ ସ୍ଥାନ ଦେବାକୁ ଉଦ୍ୟମ କରାଉଥିଲା ନିଛାଟିଆ ମାନବ ସଭ୍ୟତା ଠାରୁ ଦୂର ଭୂଇଁରେ ତରବାରୀ ପିଠିରେ ଯୁଦ୍ଧ ଦେବତା ଆବାହନ କରାଇ । ଯାହାର ସାଙ୍କେତିକ ଆୟୋଜନ ଏହି ଅଣ ଓଡ଼ିଆ ବିଡ଼ିଓ ଷଢେଇକଳା ଶ୍ରୀ ମୃତ୍ୟୁଞ୍ଜୟ କୁମାର ଦ୍ୱାରା କରାଯାଇ ଥିଲା ଗତକାଲି ସେହି ପୂର୍ବ ଶ୍ମଶାନ ଭୂମିରେ ଠିକ୍ ଛଉର ଚୈତ୍ର ପର୍ବ ପୂର୍ବରୁ ଯାହା ଛଉ ଏକ ନିୟମ ବୋଲି ରହିଛି ଏ ମାଟିରେ । ବିହାର ଠାରୁ ନେଇ ଝାଡ଼ଖଣ୍ଡ ସରକାର ପର୍ଯ୍ୟନ୍ତ ସମସ୍ତେ ବାସ୍ତବିକ ସ୍ତରରେ ଏ ପୂଜା କର୍ମୀ /କର୍ତ୍ତା ସାଜିବାରେ ବ୍ୟସ୍ତ । ଆଉ ବୀର ପରିବାର ଲୋକ ମାନଙ୍କୁ କୁ ରଖାଇ ଦେବାକୁ ନାରାଜ ଯେଉଁମାନେ ଆଗରୁ ରାଜ ରାଜମହଲ ରେ ଗଡବିଷେଇ ଭାବେ ଥିଲେ ଏପରିକି ବ୍ରିଟିଶ ସାମ୍ରାଜ୍ୟୀ ସରକାର ବିଲାତରେ ଥାଇ ଜାଣୁଥିଲେ ତାଙ୍କୁ -ଦ ଡୋମେଷ୍ଟିକ ଅଫିସର ଅଫ୍ ସରେଇକଳା ଷ୍ଟେଟ୍ ଭାବେ । ଷଢେଇକଳାର ଗଡବିଷେଇ ମାନେ ସମଗ୍ର ଓଡ଼ିଶାର ଓଡ଼ିଆ ଗଡ଼ଜାତ ଇଲାକାର ଖଣ୍ଡାୟତ ସର୍ଦ୍ଦାର (ମୂଖ୍ୟ ବେହେରା /ଦଳବେହେରା/ ପାଇକରାୟ ଯାହା ପାଇକ ବୀରଙ୍କ ସାଙ୍ଗିଆ ରହି ଆସିଛି ଓଡ଼ିଶାରେ ମଧ୍ୟ ।) ନେଇ କରାଇ ଆସୁଥିଲେ ଏ ଆୟୋଜନ ,ଏହା ଉତ୍କଳୀୟ ବୀର ସଂସ୍କୃତି ପରିଚୟ । ଗତ ୧୯୯୦ ପୂର୍ବ ପର୍ଯ୍ୟନ୍ତ ଅନେକ ଲୋକେ ଏହା ଦେଖିବାକୁ ସର୍ବଦା ଆଗଭର ରହୁଥିଲେ, ସାତ ସମୁଦ୍ର ତେର ନଈ ଡେଇଁ ବିଦେଶରୁ ଷଢେଇକଳାକୁ ଛୁଟି ଆସୁଥିଲେ ଅନେକ ବିଦେଶୀ ପୁରୁଷ, ମହିଳା, ପର୍ଯ୍ୟଟକ, କଳାପ୍ରେମୀ । ଆଜି ଏ ବୀର ଗଣଙ୍କ ଶ୍ମଶାନ ପୂଜାର ମହତ୍ୱ ଓ ପୂଜାରୀ ବିଶେଷତ୍ୱ ବଦଳି ଯାଇଛନ୍ତି । ଛଉ କେବଳ ଏକ ଅଣ ଓଡ଼ିଆ ମାନଙ୍କ ମନୋରଞ୍ଜନ ବ୍ୟତିତ ଆଉ କିଛି ନାହିଁ ଏ ଉତ୍ତର କଳିଙ୍ଗ ମାଟିରେ ଓଡ଼ିଆ ନିଜକୁ ହରାଇ ବସିଛି ତାର ଐତିହ ସଂସ୍କୃତି ।

ରାଜ ରାଜୁଡା ନାହାନ୍ତି କି ସୈନ୍ୟ ସାମନ୍ତ ମାନେ ମଧ୍ୟ ନାହାନ୍ତି । ଛାଉଣୀ ନାହିଁ ଏ ମାଟିରେ ଐତିହ୍ୟ ତାର ମାନବ ରକ୍ତରେ ଗଢା ହୋଇ ଛଉ ମାତ୍ର ନୃତ୍ୟ ଟି ହୋଇ ରହି ଯାଇଛି ନିଜ ସ୍ୱର୍ଣ୍ଣିମ ଓତୀତ କୁ ହରାଇ ବସିଛି ।

ଯେଉଁଥିରେ ତାର ଅତୀତ ର ଜଣେ ଭୂ ସୀମା ବିସ୍ତାରକ ଓ ସୁରକ୍ଷା କାରୀର ଗୌରବ ପୁରି ରହିଛି ଏ ଜାତିର । ଏ ନୃତ୍ୟ ସେହି ସ୍ୱର୍ଗାଗାମୀ ବୀର ମାନଙ୍କ ପାଇଁ ଏବଂ ତା ପୂର୍ବ ପୁରୁଷଙ୍କ ପାଇଁ ସାମରିକ ଜୀବନର ଗାଥା ମଧ୍ୟ ଗାଏ, ଯିଏ ଶ୍ମଶାନ ଭୂମିରେ ପୂଜାରି ସାଜି ମୃତ ଗଣଙ୍କ କଙ୍କାଳକୁ ଉଠାଉ ଥିଲା ଦିନେ, ସେହି ଗଣଙ୍କୁ ନିମନ୍ତଣ କରି ଯୁଦ୍ଧରେ ଯିବା ପୂର୍ବରୁ ।

ଓଡ଼ିଆ ଜାତିର ଗୋଦାବରୀଶ ମହାପାତ୍ରଙ୍କ ଓଡ଼ିଆ ସାହିତ୍ୟ କବିତା କୁ ତାଙ୍କ ବିଶାଳ ପରିଚୟ ହେଲା ସେ ହେଉଛନ୍ତି କାଳଜୟୀ 'ଉଠ କଂକାଳ' କବିତାର କବି । ସେତେବେଳ ଭଳି ଆଜି ମଧ୍ୟ ଏହି କବିତାର ଆବୃତ୍ତି ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ତଡିତ୍ ପ୍ରବାହ ସୃଷ୍ଟିକରେ । ଗୋଦାବରୀଶ ଏହି କବିତାଟିକୁ ୧୯୩୧ ମସିହାରେ ରଚନା କରିଥିଲେ ଆସନ୍ତୁ ଷଢେଇକଳାରୁ ଜାଣିବା ଏହାର ଯଥାର୍ଥକୁ ।

ସେତେବେଳେ ଓଡିଶା ବିଖଣ୍ଡିତ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ପାଇଁ ଓଡ଼ିଆମାନେ ସଂଘର୍ଷ କରୁଥାନ୍ତି । ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଦେହାନ୍ତ ହୋଇସାରିଥାଏ । କୁଳବୃଦ୍ଧ ମଧୁସୂଦନ ଦାସଙ୍କର ଅତ୍ୟନ୍ତ ବୃଦ୍ଧାବସ୍ଥା । କଂଗ୍ରେସର ଜାତୀୟ ସ୍ତରର ନେତାମାନେ ଓଡିଶାର ଅବସ୍ଥା ଓ ଓଡ଼ିଆମାନଙ୍କର ଦାବି ପ୍ରତି ଚରମ ଉଦାସୀନତା ପ୍ରଦର୍ଶନ କରୁଥାନ୍ତି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇପାରିବ କି ନାହିଁ, କିଛି ସ୍ପଷ୍ଟ ଦିଶୁ ନଥାଏ । ଓଡିଆ ଭାଷା ଓ ଓଡିଆ ଜାତିର ଭାଗ୍ୟ ସୂତାଖିଅରେ ଝୁଲୁଥାଏ । ଏହି ସମୟରେ ମେଦିନୀପୁରରେ (ବର୍ତ୍ତମାନ ତାହା ଓଡିଶାର ବିଛିନ୍ନାଞ୍ଚଳ ଭାବେ ପଶ୍ଚିମବଙ୍ଗରେ ରହିଯାଇଛି, ଖଡଗପୁରରୁ ଏହି ସିଂହଭୂମି ଷଢେଇକଳା ଅଞ୍ଚଳର ସମସ୍ୟାକୁ ଜାଣି ବୁଝି ପାରନ୍ତି ଗୋଦାବରୀଶ)

ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ (ସତ୍ୟବାଦୀର ପଂଚସଖାଙ୍କ ମଧ୍ୟରୁ ଜଣେ) ନେତୃତ୍ୱରେ ଏକ ଓଡିଆ-ଜାଗରଣ ସଭା ହେଲା । ଏଥିରେ କର୍ମୀ ଭାବେ ଗୋଦାବରୀଶ ମହାପାତ୍ର ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ସମୟରେ ଗୋଦାବରୀଶ (ମହାପାତ୍ର) ଉକ୍ତ ବିଛିନ୍ନାଂଚଳର କିଛି ପୁରୁଖା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ । ତାଙ୍କ ଠାରୁ ସେ ଅତୀତର ଓଡିଆମାନଙ୍କର ସମୃଦ୍ଧି, ପ୍ରତିପତ୍ତି ଓ ଶୌର୍ଯ୍ୟ ବିଷୟରେ କିଛି ପ୍ରତ୍ୟକ୍ଷ ତଥ୍ୟ ପାଇଥିଲେ । ଏସବୁ ବୁଝି ଓ ଶୁଣି ମହାପାତ୍ର ଅସ୍ଥିର ହୋଇଉଠିଲେ । ତାଙ୍କର ମନେହେଲା, ଅତୀତର ସେହି ବୀର ଓଡିଆର ମୃତ୍ୟୁ ଘଟିଛି ଓ ତା'ର କଂକାଳ ମାଟିଭିତରେ ପୋତିହୋଇପଡିଛି । ସେହି କଙ୍କାଳକୁ ଜୀବନ୍ୟାସ ଦେଇ ପୁଣି ଜାତୀୟ ସଂଗ୍ରାମରେ ଯୋଦ୍ଧା ଭାବେ ଅବତୀର୍ଣ୍ଣ କରାଇବାକୁ ସେ ସେହି ମେଦିନୀପୁରରେ ରାତିରେ ନ ଶୋଇ ଲେଖିଲେ- 'ଉଠ କଂକାଳ' କବିତା । ଆମ ଷଢେଇକଳାର ବୀର ମାନେ ମଧ୍ୟ ଅନେକ ପୂର୍ବରୁ ଏହି ଶ୍ମଶାନରେ ଚିର ନିଦ୍ରିତ । ଭୈରବ ଗଣ, ଭୈରବୀ ଗଣଙ୍କ ତାଙ୍କ ଦେବା ଦେବୀ । ପଶ୍ଚିମରେ ଥିବା ମାଁ ଶ୍ମଶାନ କାଳୀ, ଧୂମାବତୀ (ଝୁମକେଶ୍ୱରୀ) ଯାହାଙ୍କ ରକ୍ଷଣାବେକ୍ଷଣା କରନ୍ତି । ଦିନେ ଖଣ୍ଡାୟତ, ପାଇକ ପୁଅ ଏହି ଦେବୀ ଗଣଙ୍କର ସାମ୍ନାରେ ନିଜ ତରବାରୀ ରେ ଶ୍ମଶାନ କାଳୀ,ଭଦ୍ର କାଳୀ, ଭୈରବୀ, ଭୈରବ, ଉଗ୍ର ନରସିଂହ ଆଦି ଦକ୍ଷିଣା ମୁଖି ଦେବତାଙ୍କୁ ସ୍ଥାନ ଦେଇ ଏହି ଫରିଖଣ୍ଡା ପିନ୍ଧି ଯୁଦ୍ଧକୁ ଯାତ୍ରା କରୁଥିଲା । ଏମାନଙ୍କୁ ସାଙ୍ଗରେ ଧରି ଶତ୍ରୁର ରକ୍ତ ପିଇବା ପାଇଁ ଏଇଠି ପୂଜାର୍ଚ୍ଚନା କରୁଥିଲା ନିଜ ତରବାରୀକୁ । ଚୈତ୍ର ପର୍ବ ଶ୍ରୀ ଜଗନ୍ନାଥ ସଂସ୍କୃତି ରେ ଗଜପତିଙ୍କ ନୂତନ ବର୍ଷର ଆଗମନର ଉତ୍ସାହ ସାତ ଦିନିଆ ଉତ୍ସବ ଷଢେଇକଳା ମାଟିରେ, ଯେଉଁଠି ଓଡ଼ିଆ ରଣ ହୁଙ୍କାର ଦିଏ ଆଖଡ଼ାଶାଳରେ ଯାଇ ସେହି ଭୈରବ, ଭୈରବୀ ସାମ୍ନାରେ ପୂଜେ ଢାଲ ତରବାରୀକୁ ତାର । ଅଦ୍ୟାବଧି ଷଢେଇକଳା ସମାଜରେ ଏ ଦେବା ଦେବୀ ଗଣ ନମସ୍ୟ ଭାବେ ପୂଜିତା, ପ୍ରତ୍ୟହ ମାନସିକ ହୁଏ, ପୁରଣ ମଧ୍ୟ ହୁଏ ଅନେକ ସମସ୍ୟାର ।

ଯାହା ହଉ ଭାରତ ବର୍ଷରେ ଗୋଦାବରୀଶ ମହାପାତ୍ରଙ୍କ ଏହି କବିତାଟି ୧୯୩୨ ମସିହାରେ ଜନପ୍ରିୟ ସାହିତ୍ୟ ପତ୍ରିକା 'ସହକାର'ରେ ପ୍ରଥମେ ପ୍ରକାଶିତ ହୋଇଥିଲା ଓ ପ୍ରଥମେ ସେଥିରେ ଏହାର ଶୀର୍ଷକ ଥିଲା- 'ଶ୍ମଶାନ ପୂଜାରୀର ଆହ୍ୱାନ' । ପରବର୍ତ୍ତୀ କାଳରେ ଲୋକମୁଖରେ ଏହା 'ଉଠ କଙ୍କାଳ' ନାମରେ ପ୍ରଚଣ୍ଡ ପାଠକୀୟ ଆଦୃତି ଲାଭକଲା ।

ସଠିକ୍ ଲୋକଙ୍କ ଅଭାବରୁ ଷଢେଇକଳାରେ ଏହାର ମର୍ଯ୍ୟାକୁ ଲୋପ କରା ଯାଉଛି, ଛଉ ଏବଂ ତତ୍ ସମ୍ବନ୍ଧୀୟ କର୍ମକାଣ୍ଡ ବୀର ଓଡ଼ିଆ ଜାତିର ଏକ ମହତ୍ତ୍ୱପୂର୍ଣ୍ଣ ପୂଜା ମନୋରଞ୍ଜନ ନିମିତ୍ତ ନୃତ୍ୟ ନୁହଁ ଯାହାକୁ ଓଣ ଓଡ଼ିଆ ଶାସନ ପାଲଟିଛି । ଯେଉଁଠି ଜଗା ଭାଇ ଦ୍ୱୟ ମଧ୍ୟ ପାଇକ ସାଜି ରଣ କ୍ଷେତ୍ରକୁ ଯାଆନ୍ତି, କାଞ୍ଚି ଅଭିଯାନ ରେ ଯାନ୍ତି ଗଜପତି କପିଳେନ୍ଦ୍ର ଦେବ ରାଉତରାୟ ପୁତ୍ର ଗଜପତି ପୁରୁଷୋତ୍ତମ ଦେବ ରାଉତରାୟଙ୍କ ପାଇଁ କାଞ୍ଚି କାବେରୀର ନାୟକ ହୋଇ । ତାଙ୍କ ସହିତ ଆମ ଅଞ୍ଚଳରେ ଏକ ଦକ୍ଷିଣଦୂର୍ଗା ଆସନ୍ତି ଆନ୍ଧ୍ରରୁ । କେନ୍ଦୁଝରେ ରାଜକୁମାର କାଞ୍ଚି କାବେରୀର ଯୁଦ୍ଧର ସେନାପତି ସିଏ ହେଲେ ଗୋବିନ୍ଦ ଚନ୍ଦ୍ର ଭଞ୍ଜଙ୍କ ଦେବୀ ମାତା ଘଟଗାଁ ବାସିନୀ ସଙ୍କଟ ତାରିଣୀ । ତାଙ୍କ ଚୟିତି ମେଳା ଉତ୍ସବ କାହିଁକି ଏହି ସମୟରେ, ଅଭିପ୍ରାୟ କଣ ? ଶ୍ରୀ ଜଗନ୍ନାଥଙ୍କ ମୁଖ୍ୟ ସେବକ ରାଜାଙ୍କ ନୂଆ ବର୍ଷ ଏହି ନା । ତାଙ୍କ ସହିତ ଆସିଥିବା ସିଦ୍ଧ ତନ୍ତ୍ର ଗଣେଶ ରହିଲେ ପୁରୀ ମନ୍ଦିର ବେଢାରେ । ଏହା ଏହି ଗଡ଼ଜାତ ରାଜ୍ୟ ମାନଙ୍କର ଅଙ୍ଗେ ଲିଭାଇ ଥିବା ଐତିହ ସଂସ୍କୃତି ଓଡ଼ିଆର ଜୀବନ ଯାତ୍ରାରେ ପରିବେଷ୍ଟିତ । ଆପଣ ଯାଆନ୍ତୁ ମୟୁରଭଞ୍ଜ ସେଠି ଭୈରବ ପୂଜା ଠିକ୍ ତା ପରକୁ ମୟୁରଭଞ୍ଜ ଛଉ ଦେଖିବେ ।

ଆଜି ଷଢେଇକଳାରେ ଛଉ ଲୋପ ହେବାକୁ ବସିଛି, ପୂଜାରୁ ପବିତ୍ରତା ଦୂରେଇ ସାରିଛି । ଅଜାଗା ଘା ଦେଖି ହୁଏ ନାହିଁ କି ଦେଖାଇ ହୁଏ ନାହିଁ ଭଳି ଓଡ଼ିଆଙ୍କ ସ୍ଥିତି ଏଠି । ଓଡ଼ିଶା ସରକାରଙ୍କ ନିଷ୍କ୍ରିୟତା ଯୋଗୁଁ ଅଲଗା ଅଲଗା ପଡ଼ିଥିବା ଅଂଚଳ ରେ ନୈରାଶ୍ୟଜନକ ପଦକ୍ଷେପ ଷଢେଇକଳା ବିଛିନ୍ନାଞ୍ଚଳ ପ୍ରତି ଆଜିଯାଏଁ । ଓଡ଼ିଶା ସହିତ ସବୁ ସମ ସାମୟିକ ସମର ସଂସ୍କୃତି କାହିଁକି ଏ ଉତ୍ତର ଅଞ୍ଚଳରେ ?

ମୁଁ ଜଣେ ଓଡ଼ିଆ ପୂର୍ବପୁରୁଷ ମାନଙ୍କ କାର୍ଯ୍ୟକୁ ନେଇ ମୋର କର୍ତ୍ତବ୍ୟ ସମ୍ପାଦନ ପାଇଁ ମୁଁ ପ୍ରତିବର୍ଷ ଯାଏ ଖଣ୍ଡା, ତରବାରୀକୁ ଭୈରବ ସାମ୍ନାରେ ପ୍ରଣାମ ଜଣାଏ, ନିଜ ପୂର୍ବପୁରୁଷଙ୍କ କର୍ତ୍ତବ୍ୟ ଭାବି ଖଣ୍ଡାଟି ବୁଲାଏ । ହେଲେ ସରକାର ଦ୍ୱାରା ଭୈରବ ଗଣଙ୍କ ଶ୍ୱାନ ଗଣଙ୍କୁ ଭୋଜନ ଦେବା ଦେଖା ଯାଇ ନଥାଏ । ଗତ ଅନେକ ସମୟରୁ ବୀର ଓଡ଼ିଆ ମାନଙ୍କୁ ଶାସନ ଭୂଲି ସାରିଛି, ଯେଉଁମାନେ ଦିନେ ସେଠାରେ ରୁଣ୍ଡ ହେଇ ନିଜ ପୂର୍ବପୁରୁଷଙ୍କ ଇତିହାସକୁ ଜୀବିତ ରଖୁଥିଲେ । ଆଜି ସର୍ବତ୍ର ଦଲାଲ ବିରାଜମାନ, ଏହା ମୋର ଓ ଏ ଓଡ଼ିଆ ଜାତିର ଘୋର ଦୁର୍ଭାଗ୍ୟ ।

ଏହା ଓଡ଼ିଆ ଜାତିର ବାସ୍ତବିକ ଇତିହାସକୁ ଭାରତ ସରକାରଙ୍କ ଦ୍ୱାରା ମଧ୍ୟ ଲୁଚାଇ ରଖି ଏଭଳି ଲୋକଙ୍କୁ ନେଇ ରିସର୍ଚ୍ଚ କରାଯାଏ ଯେଉଁମାନେ ଆଜି ପର୍ଯ୍ୟନ୍ତ ଏ ସବୁ ତଥ୍ୟକୁ ଜାଣନ୍ତି, ନାହିଁ ଜାଣନ୍ତି ନାହିଁ ଶ୍ରୀ ଜଗନ୍ନାଥଙ୍କ ସୀମା ସୁରକ୍ଷା ପ୍ରହରୀ ଭାବେ ଓଡ଼ିଆ ଜାତିର ଗର୍ବ ଗୌରବ ବୀର ଗାଥାକୁ । ଏସବୁ କରାଇବାରେ କିଛି ସଂସ୍କୃତି ମାଫିଆ କାମ କରନ୍ତି ଏ ମାଟିରେ । ଫେଲୋସିପ ରିସର୍ଚ୍ଚ କଲା ବାଲା ଅନେକ । ଶତାଧିକ ପରେ ଆଜି ମଧ୍ୟ ଆଠ ଆଠ ଜଣ ତାହା କରୁଛନ୍ତି । କେନ୍ଦ୍ର ସରକାର ଦିଅନ୍ତି ଲକ୍ଷ ଲକ୍ଷ ଟଙ୍କା ସେମାନଙ୍କୁ । ହେଲେ ବାଦ ପଡୁଛି ବୀର ମାନଙ୍କ ସଂସ୍କୃତି ଇତିହାସ । ଦଲାଲ ଯାହାକୁ ଚାହିଁବେ ସିଏ କରିବେ ରିସର୍ଚ୍ଚ ବୀର ଓଡ଼ିଆ ଉପରେ ରିସର୍ଚ୍ଚ ଆଜି ଯାଏଁ ହୁଏନାହିଁ । ବିଭିନ୍ନ ଗଡ଼ଜାତ ରେ ଏହି ସତ୍ୟତା ରହିଛି । ଏସବୁ ଥିବା ସତ୍ତ୍ୱେ କାହିଁକି ବୈମାତୃକ ବ୍ୟବହାର ଏହାର ସଂସ୍କୃତି ରକ୍ଷଣ ବେକ୍ଷଣ ଦିଗରେ ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

## ଧାରାବାହିକ ଉପନ୍ୟାସ

### ବିଷ୍ଣୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୫୫




*(ପୂର୍ବପ୍ରକାଶ ଉତ୍ତାରୁ)*

ଗଗନ ଅଜା ବୁଝାଇଲା ପରେ ଥମିଥିଲା ତାଙ୍କ କାନ୍ଦ। କାହିଁକି ସେ ଏତେ ଅଧୈର୍ଯ୍ୟ ହୋଇପଡିଥିଲେ ତା ଅବସ୍ଥାେ ଦଖି। ସେ ଜୀବନ ଓ ମୃତ୍ୟୁ ସହିତ ଲଢୁଛି ବୋଲି ଡାକ୍ତର କହିବା ପରେ ସେ କାହିଁକି ମନ୍ଦିରକୁ ଧାଇଁ ଯାଇଥିଲେ ଲୀନା ନାଁରେ ଦୀପଟିଏ ଜାଳିବାକୁ। ଠାକୁରଙ୍କୁ ତା ଜୀବନ ପାଇଁ ମିନତି କରିବାକୁ? ଏକଥା କେହି ନଜାଣିଲେ ବି ଗଗନଅଜା ଜାଣନ୍ତି ଭଲ ଭାବେ। ତାଙ୍କ ପାଇଁ ଲୀନା କଣ..ଖାଲି ଗୋଟାଏ ଆଟାଚ୍‌ମେଂଟ୍? ଆଉ ଅଧିକ କିଛି ନୁହଁ? ମୁଣ୍ଡଟା ଭାରିଭାରି ଲାଗିଲା। ସଂସାରଟା ଆଖି ଆଗେ ଚକ୍କରଖାଇ ଘୂରିବାକୁ ଲାଗିଲା। କିଛି ସମାଧାନର ସୂତ୍ର ନାହିଁ ସମସ୍ୟାମାନଙ୍କର। ଜୀବନରେ ସବୁକିଛି ଅନ୍‌ସଲ୍ଭଡ। ଏମିତି ଭାବୁଭାବୁ ଆଖିକୁ ନିଦ ଆସିଯାଇଥିଲା।

ବଗିଚାରେ ଆଜିକାଲି ଆଉ ଫୁଲ ଫୁଟେନି। ଠାକୁରପୂଜାଟା ଯେନତେନ ପ୍ରକାରେ ଖାଲି ଚଳିଯାଏ। ବାକି ଫୁଲତକ ସେମିତି ଗଛରେ ମଉଳି ଯାଆନ୍ତି। ଲାଗେ ସେମାନେ କୋଉ ଗୋଟେ ଅକୁହା ବେଦନାରେ ବ୍ୟଥିତ ହୋଇପଡୁଛନ୍ତି! ଅଭିମାନରେ ଜର୍ଜରି ଉଠୁଛନ୍ତି! ସେମାନଙ୍କର ତ ପୁଣି ଗୋଟେ ଜୀବନ ଅଛି ସ୍ୱଳ୍ପ ସମୟ ପାଇଁ ହେଉ ପଛେ! ଗୋଲାପଗଛ କେଇଟା ମରିଗଲେଣି। ସାନବାବୁଙ୍କ କିମ୍ବା ଲୀନା ମୁହଁରେ ଖୁସି ନାହିଁ ଆଗଭଳି। ଦୁହେଁ ଦୁହିଁଙ୍କ ଦୁଃଖରେ ଗୁମୁରି କାନ୍ଦୁଛନ୍ତି ନୀରବରେ। ସତେଯେପରି ଦୁଇଟି ସମାନ୍ତରାଳ ସରଳରେଖା, ଆଖପାଖରେ ଥାଇ ବି କେହି କାହାରିକୁ ଛୁଇଁ ପାରୁନାହାନ୍ତି।

ଅନେକ ସାହସ ସଂଚୟ କରି ଲୀନା ସେଦିନ ଖାଇବାବେଳେ ପୁଣି ଥରେ ସାନ ମାଲିକାଣୀଙ୍କୁ ଫେରାଇ ଆଣିବାକୁ ଅନୁରୋଧ କଲା। ତାଙ୍କ ସହିତ ଓ ପିଲାମାନଂକ ସହିତ ସୁଖରେ ସଂସାର ରଚିବାକୁ ପୁନଃ ପ୍ରସ୍ତାବ ଦେଲା। ଏ ଘର ଏମିତି ଭାଙ୍ଗିଯାଉ ବୋଲି ସେ କେବେ ବି ଚାହୁଁନଥିଲା। ନହେଲେ ସେ ମାଲିକାଣୀ ଓ ପିଲାମାନଙ୍କ ପାଖକୁ ଚାଲିଯାଆନ୍ତୁ। କାହାକୁ ତ ଅଧିକ ଆଡଜଷ୍ଟ୍ କରିବାକୁ ପଡିବ! ନହେଲେ ସଂସାର ଚଳିବା କଷ୍ଟ ହୋଇଯିବ। ପିଲା ଦି'ଟା ତ ଅନ୍ତତଃ ପିତୃସ୍ନେହରୁ ବଂଚିତ ହୁଅନ୍ତେନି। ହେଲେ ସାନବାବୁ ଉଠିକି ଚାଲିଗଲେ ଅପ୍ରକାଶ୍ୟ ବିରକ୍ତିରେ।

ଲୀନା କାହିଁକି ବାରଂବାର ସେ କ୍ଷତ ଉଖାରି ଚାଲିଛି ବେଳ ଅବେଳରେ? କାହିଁକି ସେ ପଢିପାରୁନି ତା ମନତଳର ବିବର୍ଣ୍ଣ ଅତୀତର ପୃଷ୍ଠା! ସେ ସବୁକଥା ଜାଣିନି ବୋଲି ହୁଏତ ସେମାନଙ୍କୁ ମିଶାଇବାକୁ ଚେଷ୍ଟା କରୁଛି। ଏତେବଡ ମହଲକୁ ପିଲାମାନଙ୍କ ମିଠା ଗୋଳରେ ଭରିଦେବାକୁ ଚାହୁଁଛି। ଏଥିରେ ତାଙ୍କର ଭୁଲ୍ ନାହିଁ। ହେଲେ ସେ ମର୍ମାହତ ହେଉଛନ୍ତି ବାରଂବାର। ତାର ବି ଜୀବନର ପ୍ରତ୍ୟେକ ପୃଷ୍ଠାକୁ ପଢିବା ଓ ବୁଝିବା ଦରକାର। ନହେଲେ ଏମିତି ସମୟ ଅସମୟରେ ସେ ମନିଷା ଓ ପିଲାମାନଙ୍କ କଥା କହୁଥିବ। ଲାଗୁଛି ସମୟ ଯେପରି ଅଟକିଯାଇଛି ସେଇ ତଥାକଥିତ ଜାଗାରେ। ଆଉ ଆଗକୁ ବଢୁ ନାହିଁ। ହେଲେ ସେମାନେ କାହିଁ ଏ ଦୁଃଖ ଭୋଗିବେ?

*(କ୍ରମଶଃ)*

## କବିତା



### ଅଳସ ସଂଜର ରାଗ



ଉମାକାନ୍ତ ମହାପାତ୍ର

ନଈକୂଳ ପବନରେ ଅମୃତର ରାଗ
ପ୍ରଣୟ ବିଧୁର ମନ ମିଠା ଅନୁରାଗ
ସରମୀଲତାର ଛାତି କରାଟରେ ଶଙ୍କା
ମେଘର ପଣତେ ଝୁଲେ ତୁଷାର ଚନ୍ଦ୍ରିକା।
ବାସନ୍ତୀ ରାତିରେ ଦେଖି ରକତ ଗୋଲାପ
ଅଳସ ଆତୁର ଓଠେ ବଢେ ରକ୍ତଚାପ
ଉଷୁମ ଧାରାରେ ଭରି କଦମ୍ବ ରୋମାଞ୍ଚ
ପାଣିର ଖରାରେ ଖୋଷ ଆପଣାର କୁଞ୍ଚ।
ନୀଳ ଆକାଶରେ ତୁମେ ବଉଦର ତରୀ
କନକ ଖିଆଲି ମନ ଚଞ୍ଚଳ ଚାତୁରୀ
ଆଖିରେ ମିଟିକା ମାରି କୁହୁକ ଆଚରି
ଖସି ଚାଲିଯାଅ ଧୀରେ ମନ ଚୋରି କରି।
ପଲକରେ ବୁଣି ତୁମେ ପ୍ରୀତି ଅପାସୋରା
ଜୀବନରେ ଲୋଭଦିଅ ମରଣରେ ପରା।

*ଉଦୟରାଗ କମ୍ପ୍ଲେକ୍ସ*
*ସିପସରୁବାଲି, ବଳିଆପଣ୍ଡା, ପୁରୀ*
*ଦୂରଭାଷ : ୯୨୩୮୫୯୨୪୯୨*

### କିଛି କହିବି



ଅନସୂୟା ପଣ୍ଡା

କିଛି ସମ୍ପର୍କ ମନର ଆଉ କିଛି ସଂସାରର
କିଛି ବୟସ ସାଥେ ଆଗକୁ ଯାଏ
କିଛି ମନରେ ଘର କରି ରୁହେ
ଅଭିମାନରେ ଛଳନାରେ ସମୟ ସରିଲାଯାଏ।

ଆଖିରେ କିଛି ଅପ୍ରକାଶ୍ୟ ଦୁଃଖର ବନ୍ୟା ଆସେ
ମନ ଜଳେ ନୀରବ ଆତ୍ମା ବିଳାପରେ
କିନ୍ତୁ ମୁହଁରେ କିଛି ମିଛ ହସଟା ଭରି ସବୁକୁ
ସାଧାରଣ କରିବାର ଆପ୍ରାଣ ଚେଷ୍ଟା
ଚାଲେ ପଥ ସରିଲାଯାଏ।

କିଛି କହିବି କହିବି ବୋଲି କହୁଥିଲି ସିନା
କିଛି ବି କହି ପାରିଲିନି
ଭୁଲିଗଲି ଅନେକ କିଛି
ପରେ କିଛି ହିସାବ ଦେବାକୁ
ଲୋକଟେ ପାଇଲିନାହିଁ
ଅବସୋସରେ ଜଳୁଛି ମୁଁ ପାଉଛି କିଛି ଲାଞ୍ଛନା
ହାରିକି ବି ଜିତିବାରେ
ଜୀବନ ଆଗେଇ ନେଉଥାଏ।

ଶେଷ ସମୟରେ କିଛି ଆତ୍ମୀୟ
କଲେଣି କିଛି ଦୂରତ୍ୱ
ଅନାଥାଶ୍ରମରୁ ଆଣିଲି ଚାରାକୁ,
ପଠୋଉଛି ମତେ ଜରାଶ୍ରମ
ବିନା ଯୌତୁକେ ବୋହୁ କରିଥିଲି,
ମସୁଧା କରୁଛି ଦେବ କାରାଦଣ୍ଡ
ଆବେଗତାଡିତ, ଅଯତ୍ନପାଳିତ
ବାକି ଅଛି କିଛି ଆୟୁଷ
ଭାବୁଛି ହୁଏ ତ ମୋ ପ୍ରାରବ୍ଧ
ଜମାଖାତାର କିଛି ଉପାର୍ଜନ।

*ବୁର୍ଲା, ସମ୍ବଲପୁର*
*ଦୂରଭାଷ: ୯୪୩୯୨୧୧୯୭୧*

### ବଉଳର ବାସ୍ନା



ରାହାସ କୁମାର ବେହେରା

ରଙ୍ଗହୀନ ମନେ ଫଗୁଣର ରଙ୍ଗ
ଲାଗିଲା ଯେବଠୁ ସହଳ
ବଦଳି ଯାଇଛି ମୋ ପାଖ ପୃଥିବୀ
ଫୁଟି ବାସିଲାଣି ବଉଳ।
ବଉଳର ରଙ୍ଗ ହୃଦୟ ଦହୁଛି
ମହକେ କରୁଛି ପାଗଳ
ବିରହୀ ଭଅଁର ଆତ୍ମହରା ମନ
ଉଡେ ହୋଇ ଭାବ ବିହ୍ୱଳ।
କୁହୁଡ଼ିରେ ହଜି ଆତ୍ମା ମୋ ଖୋଜୁଛି
ସୁନ୍ଦରୀ ପୀୟସୀ ନାୟିକା
ଲୁଚୁକାଳି ଖେଳି ପ୍ରେମ ରଙ୍ଗ ବୋଳି
ଜୋଖୁଛି ପୀରତି ନଉକା।
ସେଇ ନଉକାରେ ଆହ୍ଲାଦ ମିଳନ
ସଙ୍ଗୀତର ବଂଶୀ ବାଜୁଛି
ଝୁମୁର ଝୁମୁର ପାଉଁଜି ଶୁଭୁଛି
ପ୍ରୀତି ନିଶା ସୁଧା ଝରୁଛି।
ଏସନ ଫଗୁଣେ ବଉଳ ପ୍ରେମରେ
କୋଇଲି ଗାଉଛି ସଙ୍ଗୀତ
ଆନନ୍ଦେ ଖୋଜୁଛି କୁହୁ କୁହୁ ତାନେ
ସପନରେ ସହୀ ସଙ୍ଗାତ।
ବଉଳ ଫୁଟୁଛି ଆମ୍ବ କଷି ଧରି
ଜହ୍ନ ତାରା ହସେ ମରତେ
ଦୁନିଆ ଲାଗୁଛି ନିଆରା ନିଆରା
ବିଶ୍ୱାସ ହେଉନି ପରତେ।
ନେନ୍ଥା ବଉଳରେ ଗଜରା ଭରୁଛି
ସଜଉଛି ପାଟ ପତନୀ
ଅବିରର ରଙ୍ଗେ ପ୍ରୀତି ସୁହାଗରେ
ଲେଖୁଛି ଖୁସିର କାହାଣୀ।
ଆଗୋ ପ୍ରୀତି ପ୍ରିୟା ବଉଳ ବଉଳ
ବାସୁଛି ତୋ ଦେହ ବୟସ
ମଧୁ ବସନ୍ତରେ ବାଜିବ ଲୋ ବାଜା
ମିଳନେ ପାଇବୁ ସର୍ବସ୍ୱ।

*ବାଲ୍ୟମ୍ବା, ଭାପୁର*
*ଢେଙ୍କାନାଳ : ୭୫୯୦୧୫*
*ଦୂରଭାଷ : ୯୪୩୮୧୧୪୩୬୮*

## ଧନୁଯାତ୍ରା

ଅନନ୍ତ ବାଗ



ଅଶୋକ କେବେବି ଭାବି ନ ଥିଲେ ଯେ ଦିନେ ତା' ଜୀବନରେ ମଧ ଜଣେ ତରୁଣୀ ଆସିବ ଓ ତାକୁ ଅସ୍ତ ବ୍ୟସ୍ତ କରି ଚାଲିଯିବ! ଏବେ ତା' ବିନା ସେଏକା ହେଇ ଯାଇଚି। ଏବେ ବଞ୍ଚିଚି ତ ତା' ସହ ବିତେଇଥିବା କିଛି ମଧୁର ସ୍ମୃତିକୁ ସାଉଁଟି ହିଁ ସେ ବଞ୍ଚିଚି। ଆଜିକୁ ଠିକ୍ ଗୋଟିଏ ବର୍ଷ ପୂର୍ବରୁ ଅଶୋକ ଜଣେ ତରୁଣୀକୁ ଦେଖିଥିଲେ 'ଧନୁଯାତ୍ରାରେ'। ସେ ଦିନ ଧନୁଯାତ୍ରାରେ କେତେଜଣ ବାଲୁଙ୍ଗା ଟୋକା ତା' ସହ ଖରାପ ବ୍ୟବହାର କରୁଥିଲେ। ସେତେବେଳେ ଅଶୋକ ଯେମିତି ସେ ଆଡ଼କୁ ଗଲା ସେମତି ତାକୁ ଦେଖି ସେ ଦୁଷ୍ଟମାନେ ଭୟଭୀତ ହେଇ ପଳାଇ ଗଲେ! କାହିଁକିନା ସେତେବେଳେ ଅଶୋକ ପୋଲିସ୍ ଡ୍ୟୁଟିରେ ଥିଲା। ସେ ତରୁଣୀ ଅଶୋକଙ୍କୁ ଧନ୍ୟବାଦ ଦେଲେ। ଅଶୋକ ସେ ତରୁଣୀର ପରିଚୟ ମାଗିଲେ। ତରୁଣୀ କହିଲେ, 'ମୋ ନାଁ ସେବତୀ ଓ ଏଇ ବରଗଡ଼ରେ ମୋ ଘର।' ପରେ ସେ ମଧ ଅଶୋକରପରିଚୟ ପଚାରିଲେ। ଅଶୋକ କହିଲି, 'ମୋ ନାଁ ଅଶୋକ, ଦି' ବର୍ଷ ହେବ ପୋଲିସ୍ ଚାକିରୀରେ ଜୟନ କରିଚି। ଘର ପୁରୀରେ।' ଏବେ ଅଶୋକ ଓ ସେବତୀ ଧନୁଯାତ୍ରା ଏକା ସାଙ୍ଗେ ଉପଭୋଗ କରିବାକୁ ଲାଗିଲେ। ପ୍ରଥମେ ପ୍ରଥମେ ସେବତୀ ଅଶୋକଙ୍କୁ ଡରୁଥିଲେ କିନ୍ତୁ ପର ମୁହୂର୍ତ୍ତରେ ଖୁସି ଖୁସିରେ ଦୁହେଁ ବୁଲିବାକୁ ଲାଗିଲେ। ସେତେବେଳକୁ ଗପସପ କରୁ କରୁ ଅଶୋକ ଓ ସେବତୀ ପରସ୍ପର ପ୍ରତି ଆକୃଷ୍ଟ ହେଇ ସାରିଥିଲେ। କିନ୍ତୁ ଧନୁଯାତ୍ରାର ଶେଷ ପରେ ଉଭୟେ ବିଦାୟ ନେଲେ। ସେବତୀ ଅଶୋକଙ୍କୁ ନିଜ ମୋବାଇଲ ନମ୍ବର ଦେଲେ। ଧନୁଯାତ୍ରାର ଶେଷ ହେବା ପରେ ପ୍ରାୟତଃ ସେବତୀ ଓ ଅଶୋକର ଭେଟ ହେଇ ପାରି ନ ଥିଲା। ଅବଶ୍ୟ ଯାହା ଫୋନରେ ଦି' ଜଣଙ୍କ କଥା ବାର୍ତ୍ତା ଚାଲିଥାଏ। ସେ ବେଳକୁ ଅଶୋକ ସେବତୀକୁ ବହୁତ ମିସ୍ କରୁଥାଏ। ଦିନେ ଫୋନରେ ସେବତୀକୁ ଅଶୋକ ଭେଟିବା ପାଇଁ କହିଲା। କିନ୍ତୁ ସେବତୀ ତା'ଙ୍କ ଘରକୁ ଆସିବାକୁ କହିଲେ। ସେବତୀର ଘରକୁ ଯିବା କଥା ଶୁଣି ଅଶୋକ ଟିକେ ଥତମତ ହେଇ ପଡ଼ିଲେ...

-'ଘରକୁ ନ ଯାଇ ଅନ୍ୟ କୋଉଠି ଦେଖା ହେଲେ ହୁଅନ୍ତାନି?' ଅଶୋକ କହିଲେ।

-'ଏମିତି ଲୁଚାଛପା ମିଳୁଥିଲେ ଲୋକେ କ'ଣ କହିବେ? ସେମିତିବି ଆମ ଘର ଲୋକେ ଏଆଡ଼େ ସେଆଡ଼େ ଯିବାକୁ ଏବେ ମନା କରୁଛନ୍ତି।' ସେବତୀ ଧିର ସ୍ୱରରେ ଉତ୍ତର ଦେଲେ।

-'ତମ କଥାବି ଠିକ୍? କଥା, କିନ୍ତୁ ଘରକୁ ଗଲେ ତମ ଘର ଲୋକେ କ'ଣ କହିବେ?'

- 'ସେମିତି କିଛି କହିବେନି, ତମକୁ ମୋ 'କ୍ଲାସମେଟ୍' ବୋଲି କହିଦେବି। କିନ୍ତୁ ପୋଲିସ୍ ଡ୍ରେସରେ ଆସିବନି।' ସେବତୀ ଓ ଅଶୋକ ଦିହେଁ ଖୁବ୍ ହସିଲେ।

କିଛି ଦିନର ବ୍ୟବଧାନ ପରେ ସେବତୀର ଘରକୁ ଯିବାକୁ ଅଶୋକ ନିଷ୍ପତ୍ତି ନେଲେ। ସେଥିପାଇଁ ପ୍ରଥମେ ସେବତୀକୁ ଫୋନରେ ଜଣେଇ ଦବାକୁ ଚାହିଁଲେ, କିନ୍ତୁ ତା' ଫୋନ୍ ସ୍ୱିଚଡ଼ ଅଫ୍ ବତାଇଲା। ଆଉଥରେ ଫୋନ୍ ଟ୍ରାଇ କଲେ, ପୁଣିଥରେ ସ୍ୱିଚଡ଼ ଅଫ୍ ଥିବା ସଂକେତ ଆସିଲା। ଏଥର ବାରମ୍ବାର ସେବତୀକୁ ଅଶୋକ ଫୋନ୍ କଲେ କିନ୍ତୁ ତା' ଫୋନ୍ ଖୋଲିଲାଣି। ଅଶୋକ ଟେନସନ୍ ହେଇ ବସି ପଡ଼ିଲେ। ବିନା ସୂଚନାରେ ତା' ଘରକୁ ଯିବାକୁ ସେ ଉଚିତ ମନେ କଲେନି। ଆରଦିନ ସକାଳେ ପୁଣି ଫୋନ୍ ଲଗାଇଲେ, ପୂର୍ବବତ୍ତ ସ୍ୱିଚଡ଼ ଅଫ୍ ଅଛି ବୋଲି କଅଁଳ ସ୍ୱର ମୋବାଇଲରୁ ଭାସି ଆସିଲା! ବାରମ୍ବାର ଫୋନ୍ ଲଗାଇଲେ ଲାଗିଲାନି! ଏବେ କୌଣସି ଅଘଟଣ ଜନିତ ଆଶଙ୍କାରେ ଅଶୋକ ବ୍ୟତିଥ ହେଇ ପଡ଼ିଲେ। ଆଉ କିଛିରେ ତା' ମନ ଲାଗିଲାନି। ଶେଷରେ ସେ ଉପାୟ ଶୂନ୍ୟ ହେଇ ସେବତୀର ଘରକୁ ଯିବା ପାଇଁ ବାହାରି ପଡ଼ିଲି। ଅଶୋକ ସେବତୀର ଠିକଣା ଓ ତା' ଘର ଖୋଜୁ ଖୋଜୁ ସନ୍ଧ୍ୟା ହେଇ ଆସିଲା, ଶେଷରେ ସେ ସେବତୀର ଘର ପାଖକୁ ପହଞ୍ଚିଗଲେ କିନ୍ତୁ ସେତେବେଳକୁ ବହୁତ ଡେରି ହେଇ ସାରିଥିଲା। ଅଶୋକ ଦେଖିଲେ ପାଖେ ଅନେକ ସାଜ,ସଜ୍ଜା ସହ ଆଲୁଅରେ ଅନେକ ଲୋକଙ୍କ ଭିଡ଼ ଜମି ଯାଇଛି। ଅଶୋକ କାନରେ ବାଜା ଶବ୍ଦ ଶୁଣାଗଲା। ସେ ସମୟରେ କେଜାଣି କିଛି ଗୋଟେ ହଜାଇ ଦେବାର ଆଶଙ୍କା ସେ ଅନୁଭବ କରିବାକୁ ଲାଗିଲେ। ସେତ ବେଳକୁ ହଠାତ୍ ତା' ଆଖି ଯାଇ କାନ୍ଥରେ କଟା ଯାଇଥିବା ତୂଳୀ ଉପରେ ପଡ଼ିଲା। ଲେଖାଯାଇଥିଲା 'ଶୁଭ ବିବାହ- ରାଧବ ସହିତ ସେବତୀ!' ଏସବୁ ଦେଖି କ୍ଷଣକ ପାଇଁ ଅଶୋକ ମୂକ ପାଲଟି ଗଲେ! ସେ କିଛିବି ଭାବି ପାରିଲେନି। କେବଳ ତା' ହୃଦୟ ତରଳିବାକୁ ଲାଗିଲା। କେଇ ସମୟ ପରେ ଅଶୋକ ନିଜକୁ ସମ୍ଭାଳିଲେ! ଏବେ ସବୁ ଜଳ ଜଳ କରି ଅଶୋକଙ୍କ ଆଖିରେ ଦିଶି ଯାଉଥିଲା। ଅଶୋକ ଚିନ୍ତା କରିବାକୁ ଲାଗିଲେ।' ଆଜି ତା' ହେଲେ ସେବତୀର ବାହା ଘର, କାହିଁକି ସେବତୀ ମୋ ସହ ଏମିତି କଲେ। କେବଳ ଥରେ ମାତ୍ର ଏ ବିଷୟରେ ଫୋନ୍‌ରେ କହିଥାନ୍ତେ।' ଏସବୁ ଭାବି ଅଶୋକଙ୍କ ଆଖିରୁ ସ୍ୱତଃ ଲୁହ ଜକେଇ ଆସିଲା। ଆଖି ସାମ୍ନାରେ ନିଜ ହୃଦୟ ରାଣୀ ଆଉ କାହାର ହେଇଯିବ। ଏସବୁ ଭାବି ତା' ପାଦରୁ ମାଟି ଖସି ପଡୁଥିଲା! ଏ ସମୟରେ ବର ଘର ଲୋକେ ଆସିକି ପହଞ୍ଚି ସାରିଥିଲେ, ଅଶୋକ ଥରୁଟିଏ ସେବତୀକୁ ଭେଟିବାକୁ ଚାହିଁଲେ। କିନ୍ତୁ ଏତେ ଲୋକଙ୍କ ଗହଣରେ ତା' ପାଶକୁ ଯାଇ ପାରିଲେ ନାହିଁ। ଖାଲି ନିରବ ଦର୍ଶକ ସାଜି ଦେଖିବା ଛଡ଼ା ତାଙ୍କ ପାଖରେ ଆଉ କିଛି ଉପାୟ ନ ଥିଲା। ସେବତୀକୁ ବଧୂ ବେଶରେ ବାହା ବେଦୀକୁ ଅଣାଗଲା। ଯୋଉ ସେବତୀକୁ ଅଶୋକ ଦିନେ ବଧୂ ବେଶରେ ନିଜର କରିବାକୁ ଚାହିଁଥିଲେ ଆଜି ସେଇ ସେବତୀକୁ ବଧୂ ବେଶରେ ଆଉ କାହାର ହେଇ ଯାଉଥିବା ଦେଖିଲେ! ଅଶୋକ ଏ ସବୁ ଦେଖି ଭାବୁକ ହେଇ ପଡ଼ି ଗୋଟିଏ କୋଣକୁ ଯାଇ କାନ୍ଦିବାକୁ ଲାଗିଲେ.... କିନ୍ତୁ ବାହ୍ମଣର ବେଦମନ୍ତ୍ର ଧ୍ୱନିରେ ତା' କୋହ ଅସ୍ୱିତ୍ୱ ବିହୀନ ହେଇ ଯାଉଥିଲା! ଯୋଉ ଆଶାନେଇ ସେବତୀ ପାଶକୁ ଅଶୋକ ଯାଇଥିଲା ସେଇ ଆଶା ସବୁ ଖାଲି ଆଶାରେ ହିଁ ତାର ରହି ଯାଇଥିଲା। କିନ୍ତୁ ଆଜି ମଧ ଅଶୋକର ମନରେ ସେବତୀ ପ୍ରତି ଦୁର୍ବଳତା କମି ନାହିଁ କି' ତାକୁ ଭୁଲାଇ ପାରିନି। ଯେତେବେଳେ ବି ତା' କଥା ମନେପଡ଼ି ଯାଉଚି ତ ଅଜାଣତରେ ତା' ଆଖିରୁ ଲୁହ ଜକେଇ ଆସୁଛି। ହେଲେ ଆଜି ମଧ ଅଶୋକ ପ୍ରତି ବର୍ଷ ଧନୁଯାତ୍ରାରେ ସେବତୀ ପାଇଁ ଅପେକ୍ଷା କରିଛି ଓ ଖୋଜି ବୁଲୁଛି...!

*ପିତାମହୁଲ, ଅଲଣ୍ଡା, ବଲାଙ୍ଗିର*
*ଦୂରଭାଷ : ୭୮୯୪୮୧୭୧୫୬*

## ମହାବିଷୁବ ସଂକ୍ରାନ୍ତି



ଡକ୍ଟର ରାଜକିଶୋର ମିଶ୍ର

ଓଡ଼ିଶାବାସୀଙ୍କ ପାଇଁ ପଣା ସଂକ୍ରାନ୍ତି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପର୍ବ । ଏହି ଦିନ ଠାରୁ ଓଡ଼ିଆ ନବବର୍ଷ ଆରମ୍ଭ ହୋଇଥାଏ । ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥାଏ । ଚଉଁରା ଓ ବେଲଗଛ ମୂଳେ ବେଲପଣା ଭୋଗ ଲଗାଯାଇଥାଏ । ବସୁନ୍ଧରା ଠେକିରେ ଏକ କଣା କରି ସେଥିରେ ଛତୁଆ, ଦହି, ଗୁଡ଼ ମିଶା ବେଲପଣା ରଖି ଚଉଁରାରେ ଟଙ୍ଗା ଯାଇଥାଏ । ଏହି ଅବସରରେ ଦକ୍ଷିଣ ଓଡ଼ିଶାରେ ଝାମୁଜାତ, ଦଣ୍ଡ ନାଚ ଓ ଉତ୍ତର ଓଡ଼ିଶାରେ ଚଡ଼କ ପର୍ବ ବେଶ୍ ଧୂମଧାମରେ ପାଳିତ ହୋଇଥାଏ । ଦଣ୍ଡପାଟୁଆମାନେ ଠାକୁରାଣୀଙ୍କ ମନ୍ଦିର ଆଗରେ ନିଆଁରେ ଚାଲିଥାନ୍ତି । ମହାବିଷୁବ ସଂକ୍ରାନ୍ତି ଠାରୁ ଓଡ଼ିଆ ନୂଆବର୍ଷ ଆରମ୍ଭ ହେଉଥିବାରୁ ଘରେ ଘରେ ଦେବାଦେବୀଙ୍କ ସ୍ଥାନାନ୍ତର ପୂଜା, ଭୋଗ, ହୋମ ଆଦି ଅନୁଷ୍ଠିତ ହୋଇଥାଏ । ନୂଆ ଓଡ଼ିଆ ପଞ୍ଜିକା ପ୍ରଚଳିତ ହୋଇଥାଏ । ପଣା ସଂକ୍ରାନ୍ତିରେ ଲୋକମାନେ ବ୍ରତ ଧାରଣ କରିଥାନ୍ତି । ଏହି ଦିନ ହନୁମାନଙ୍କ ଜୟନ୍ତୀ ହୋଇଥିବାରୁ ହନୁମାନଙ୍କ ପୂଜା ମଧ୍ୟ କରାଯାଇଥାଏ । ଅଗ୍ନି ଓ ବାୟୁଙ୍କ କୋପରୁ ରକ୍ଷା ନିମନ୍ତେ ହନୁମାନଙ୍କ ପୂଜା ଅନୁଷ୍ଠିତ ହୋଇଥାଏ ।

ଓଡ଼ିଆ ଜନଜୀବନରେ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସଂକ୍ରାନ୍ତି ଦିନ ଠାରୁ ବୃକ୍ଷ ଜଗତ ଓ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହାକୁ ଅନ୍ୟ ଭାବରେ କେହି କେହି ଜଳ ସଂକ୍ରାନ୍ତି ବୋଲି କହିଥାନ୍ତି। ଏହି ଦିନରୁ ବାୟୁର ଗତି ପ୍ରଖର ହୋଇଥାଏ ଏବଂ କିଛି ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ବ୍ରାହ୍ମଣ ବା ଯାଚକ ମାନଙ୍କୁ ସୂର୍ଯ୍ୟଦେବଙ୍କ କୋପରୁ ରକ୍ଷା କରିବା ପାଇଁ ସେମାନଙ୍କୁ ତାଳପତ୍ରରେ ତିଆରି ଛତ୍ର ବା କଠଉ ପାଦୁକା ପ୍ରଦାନ କରାଯାଇଥାଏ। ଏହି ସଂକ୍ରାନ୍ତିର ଆଉ ଏକ ବଶେଷତ୍ୱ ହେଉଛି ଆମ ରାଜ୍ୟରେ ପବିତ୍ର ଝାମୁବ୍ରତର ଉଦ୍‌ଯାପନ ହୋଇଥାଏ ଯାହାକି ଏକ ମାସ ପୂର୍ବରୁ ବ୍ରତଚାରୀମାନେ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରିଥାନ୍ତି। କେବଳ ଓଡ଼ିଶା ନୁହେଁ ଭାରତର ଉତ୍ତର ଭାଗରେ ମହାବିଷୁବ ସଂକ୍ରାନ୍ତିକୁ ଭିନ୍ନ ଭିନ୍ନ ଆଧ୍ୟାତ୍ମିକ ଭାବନାରେ ପାଳନ କରାଯାଇଥାଏ। ମହାବିଷୁବ ସଂକ୍ରାନ୍ତି ଠାରୁ ଧାନ୍ୟ, ଲବଣ, ଭୋଗ, ରୂପ, ତେଜ, ସୌଭାଗ୍ୟ, ତାମ୍ବୁଳ, ମନୋରଥ, ଅଶୋକ, ଆୟୁ ଏବଂ ଧନ ସଂକ୍ରାନ୍ତି ବ୍ରତ ସେମାନେ ଆରମ୍ଭ କରନ୍ତି। ଏହି ବ୍ରତ ଯେଉଁମାନେ ପାଳନ କରନ୍ତି ସେମାନେ ମହାବିଷୁବ ସଂକ୍ରାନ୍ତି ଠାରୁ ନିଜର ମନୋମତ ବ୍ରତ ଆରମ୍ଭ କରି ପୁଣି ବର୍ଷକ ପରେ ମହାବିଷୁବ ସଂକ୍ରାନ୍ତି ଦିନ ଏହି ବ୍ରତକୁ ଉଦ୍‌ଯାପନ କରନ୍ତି। ମାର୍ଚ୍ଚ ମାସ ୨୩ ତାରିଖ ଏବଂ ସେପ୍ଟେମ୍ବର ମାସ ୨୧ ତାରିଖ ଦିନ ସୂର୍ଯ୍ୟ ବିଷୁବରେଖାରେ ରହୁଥିବାରୁ ସେ ଦିନ ଦିନରାତି ସମାନ ହୁଏ। ମାର୍ଚ୍ଚ ୨୩ ତାରିଖ ଠାରୁ ସୂର୍ଯ୍ୟ କର୍କଟକ୍ରାନ୍ତି ଯାଉଥିବାରୁ ସେହିଦିନଠାରୁ ଭାରତବର୍ଷରେ ସୂର୍ଯ୍ୟତାପ ପ୍ରଖର ହୁଏ। ପଣା ସଂକ୍ରାନ୍ତି ସମୟକୁ ସୂର୍ଯ୍ୟଙ୍କ କିରଣ ବୃଦ୍ଧି ପାଇଥାଏ। ତେଣୁ ଏ ସମୟରେ ହଜମ ଶକ୍ତି ବୃଦ୍ଧି ପାଏ। ଗରିଷ୍ଠ ଖାଦ୍ୟ ସହଜରେ ହଜମ ହେଉଥିବାରୁ ଏହି ସଂକ୍ରାନ୍ତିରେ ବୁଟଛତୁ ପରି ଗରିଷ୍ଠ ଖାଦ୍ୟପଦାର୍ଥ ଗ୍ରହଣ କରିବା ପାଇଁ ଆୟୋଜନ ହୋଇଥାଏ। ଦେହର ଅତ୍ୟଧିକ ତାପଶକ୍ତି ସମ ଅବସ୍ଥାକୁ ଆଣିବା ପାଇଁ ପଣା ପାନ କରିବାର ବ୍ୟବସ୍ଥା ମଧ ଖଞ୍ଜି ଦିଆଯାଇଛି। ତେଣୁ ମହାବିଷୁବ ସଂକ୍ରାନ୍ତି ଦିନ ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ଛତୁ ଓ ପଣା ଭାବରେ ବିଧି ରହିଛି। ତେଣୁ ମହାବିଷୁବ ସଂକ୍ରାନ୍ତିକୁ ପଣା ସଂକ୍ରାନ୍ତି ବୋଲି କୁହାଯାଏ।

ମହାବିଷୁବ ସଂକ୍ରାନ୍ତି କେବଳ ଓଡ଼ିଶାର ଜନଜୀବନ ମଧ୍ୟରେ ସୀମିତ ନାହିଁ, ଦେଶବିଦେଶରେ ଏହା ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ପଞ୍ଜାବରେ ବୈଶାଖୀ, ଆସାମରେ ବିହୁ, ମିଥିଳାରେ ଜୁଇର ଶିତଲ, ବଙ୍ଗଳାରେ ନବବର୍ଷ, କର୍ଣ୍ଣାଟକରେ ବିଷୁ ପର୍ବ, କେରଳରେ ବିଷୁ ଏବଂ ତାମିଲନାଡୁରେ ପୁଥାଣ୍ଡୁ ନାମରେ ଏହି ଦିନଟିକୁ ପାଳନ କରାଯାଏ। ଓଡ଼ିଶାରେ ଏହି ଦିନଟିକୁ ଲୋକମାନେ ଧୁମ୍‌ଦାମ ସହକାରେ ପାଳନ କରିଥାନ୍ତି। ବ୍ରାହ୍ମଣ, ଗରିବ ଲୋକମାନଙ୍କୁ ଏହିଦିନ ଛତୁଆ, ପଣା, ଛତା ଓ ତାଳପତ୍ରରେ ପ୍ରସ୍ତୁତ ପଙ୍ଖା ଦାନ କରିବାର ପରମ୍ପରା ରହିଛି। ପ୍ରତ୍ୟେକ ହିନ୍ଦୁ ପରିବାରରେ ଏହି ଦିନ ତୁଳସୀ ଚଉରାରେ ମାଟିରେ ତିଆରି ଠେକି ବସାହୁଏ। ଠେକିରେ ସରୁ କଣା କରି ଦୁବ ଲଗାଯାଇଥାଏ। ଚୈତ୍ର ପର୍ବ ନାମରେ ପରିଚିତ ଝାମୁଝାତ୍ରା, ହିଙ୍ଗୁଳା ଯାତ୍ରା ବା ପଟୁଆ ଯାତ୍ରା, ଦଣ୍ଡଯାତ୍ରା, ଉଡା ଯାତ୍ରା ଆଦି ମହାବିଷୁବ ସଂକ୍ରାନ୍ତି ପୂର୍ବରୁ ଶେଷ ହୋଇଥାଏ। ଏହି ଅବସରରେ ଓଡ଼ିଶାର ଛୋଟବଡ଼ ଦେବାଳୟଗୁଡ଼ିକ ଉତ୍ସବମୁଖର ହୋଇଉଠେ। ବିଭିନ୍ନ ସ୍ଥାନରେ ମେଳା, ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। କଟକର କଟକ ଚଣ୍ଡୀ, ଯାଜପୁରର ବିରଜା, ଝଙ୍କଡ଼ର ଶାରଳା, କାକଟପୁରର ମଙ୍ଗଳା, ସମ୍ବଲପୁରର ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପାଇଁ ବହୁ ଜନସମାଗମ ହୁଏ। ସେଠାରେ ଝାମୁଯାତ୍ରା ଅନୁଷ୍ଠିତ ହୁଏ। ଉତ୍ତର ଓଡ଼ିଶାରେ ଏହାକୁ ଚଡ଼କ ପର୍ବ ଏବଂ ଦକ୍ଷିଣ ଓଡ଼ିଶାରେ ମେରୁଯାତ୍ରା ବୋଲି କୁହାଯାଏ। ନବବର୍ଷକୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ସ୍ଥାନରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥାଏ। ପୃଥିବୀର ବିଭିନ୍ନ ସଂସ୍କୃତି ଏବଂ ପରମ୍ପରାଗୁଡ଼ିକ ମଧ୍ୟରେ ଭାରତୀୟ ହିନ୍ଦୁଧର୍ମ, ସଂସ୍କୃତି ଓ ପରମ୍ପରାର ସ୍ଥାନ ସ୍ୱତନ୍ତ୍ର। ସନାତନ ଧର୍ମର ଅବଶିଷ୍ଟାଂଶ ହିଁ ପରବର୍ତ୍ତୀ ସମୟରେ ବା ଆଧୁନିକ ସମାଜରେ ହିନ୍ଦୁଧର୍ମ ନାମ ବହନ କରିଛି। ଏହି ଧର୍ମ ଯାହା କହେ, ତାହା ହିଁ କାର୍ଯ୍ୟରେ ପରିଣତ କରେ। ଏହା ବିଜ୍ଞାନସମ୍ମତ ଭିତ୍ତିଭୂମି ଉପରେ ଆଧାରିତ। ହିନ୍ଦୁ ଧର୍ମରେ ସମସ୍ତ କଳ୍ପନା ହିଁ ବାସ୍ତବ ରୂପ ବହନ କରିଛି। ତେଣୁ କୁହାଯାଇଛି ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ। କାଳ୍ପନିକ ମୂର୍ତ୍ତି, ଚିତ୍ରକଳା ଓ ଭାବନା ହିଁ ଈଶ୍ୱର ସତ୍ତାର ଅନୁଭବ ପ୍ରଦାନ କରିଥାଏ। କଳ୍ପନା ବିନା ବାସ୍ତବତା ପ୍ରାପ୍ତି ଅସମ୍ଭବ। ମାଧ୍ୟମ ବିନା ଈଶ୍ୱର ସତ୍ତାକୁ ଅନୁଭବ କରିବା ମଧ୍ୟ ଅସମ୍ଭବ। ଏହି ମୂର୍ତ୍ତି ପୂଜା, ଗୁରୁପୂଜା ଇତ୍ୟାଦି ମାଧ୍ୟମ ଆମ ଧର୍ମ ପରମ୍ପରାରେ ରହିଛି।

ଆଧ୍ୟାତ୍ମିକ ଚେତନାରେ ମହାବିଷୁବ ସଂକ୍ରାନ୍ତିର ଏକ ସ୍ୱତନ୍ତ୍ରତା ରହିଥାଏ। ମକର ସଂକ୍ରାନ୍ତି, ଫେବୃଆରୀ ମାସର କୁମ୍ଭ ସଂକ୍ରାନ୍ତି, ମାର୍ଚ୍ଚ ମାସର ମୀନ ସଂକ୍ରାନ୍ତି, ମଇ ମାସର ବୃଷ ସଂକ୍ରାନ୍ତି, ଜୁନ୍ ମାସର ରଜ ସଂକ୍ରାନ୍ତି, ଜୁଲାଇର କର୍କଟ ସଂକ୍ରାନ୍ତି, ଅଗଷ୍ଟର ସିଂହ ସଂକ୍ରାନ୍ତି, ସେପ୍ଟେମ୍ବରର କନ୍ୟା ସଂକ୍ରାନ୍ତି, ଅକ୍ଟୋବରର ତୁଳା ବା ଗର୍ଭଣା ସଂକ୍ରାନ୍ତି, ନଭେମ୍ବରର ବିଛା ସଂକ୍ରାନ୍ତି ପରି ବା ଧନୁ ମୁଆଁର ଅବକାଶ ରଖୁଥିବା ଧନୁ ସଂକ୍ରାନ୍ତି ବର୍ଷ ତମାମର ବିଭିନ୍ନ ସଂକ୍ରାନ୍ତି ଭିତରେ ଏହି ସଂକ୍ରାନ୍ତିର ସ୍ଥାନର ଏକ ସ୍ୱତନ୍ତ୍ରତା ଥାଏ। ଓଡ଼ିଆଙ୍କ ନିତିଦିନିଆ ଜୀବନରେ ମହାବିଷୁବର ପବିତ୍ର ପାର୍ବଣ ଆମର ସାମାଜିକ, ଆଧ୍ୟାତ୍ମିକ ଓ ପାରିବାରିକ ଅପୂର୍ବ ସମ୍ପର୍କର ଭିତ୍ତିଭୂମିକୁ ସୁଦୃଢ଼ କରିଛି ନିଶ୍ଚୟ।

*ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ*
*ଦୂରଭାଷ : ୭୦୦୮୧୮୧୮୨୦*




# ବର୍ତ୍ତୀ ଗ୍ରାମରେ ରାମଲୀଳା ଉତ୍ସବ ପାଳିତ

**ଜଗତ୍‌ସିଂହପୁର :** ପୁରୁଣା ସଂସ୍କୃତି ଓ ପରମ୍ପରାକୁ ମନେପକାଇବା ପାଇଁ ରଘୁନାଥପୁର ବ୍ଲକର ଗୁଆଲିପୁର ଗ୍ରା.ପ ଅନ୍ତର୍ଗତ ବର୍ତ୍ତୀ ଗ୍ରାମବାସୀଙ୍କ ମିଳିତ ଉଦ୍ୟମ କ୍ରମେ ଏହି ଅନୁଷ୍ଠାନଟି ଦୀର୍ଘ ୮୦ବର୍ଷରୁ ଊର୍ଦ୍ଧ୍ୱ ଧରି ପାଳିତ ହୋଇଆସୁଅଛି । ଚୈତ୍ରମାସରେ ଏହି ଉତ୍ସବଟି ପାଳନ କରାଯାଉଥିବା ବେଳେ ହଜାର ହଜାର ସଂଖ୍ୟାର ଜନସାଧାରଣମାନେ ବିଭିନ୍ନ ସ୍ଥାନରୁ ଆସି ରାମଲୀଳା ଉତ୍ସବଟିକୁ ଆନନ୍ଦ ଉଲ୍ଲାସରେ ଉପଭୋଗ କରିଥାନ୍ତି । ବର୍ତ୍ତୀ ମୌଜାର ଗ୍ରାମଦେବତୀଙ୍କ ପୀଠ ସ୍ଥଳୀରେ ଏହି ରାମଲୀଳା ଉତ୍ସବ ପାଳନ କରାଯାଉଥିବା ବେଳେ ଜନସାଧାରଣଙ୍କ ଭିଡ ବି ଦେଖିବାକୁ ମିଳିଥାଏ । ଗ୍ରାମବାସୀମାନଙ୍କ ମଧ୍ୟରେ ଆଗରୁ ଯେତେପ୍ରକାର ମତାନ୍ତର ବା ଝଡଝଞ୍ଜା ଥିଲେ ବି ଏହି ରାମଲୀଳା ଉତ୍ସବରେ ସମସ୍ତ ପ୍ରକାର ଭେଦଭାବକୁ ଭୁଲି ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି । ୩ଦିନ ଦରି ଏହି ରାମଲୀଳା ଉତ୍ସବ ପାଳନ କରାଯାଉଥିବା ବେଳେ ତିର୍ତ୍ତୋଲ ଅଞ୍ଚଳର ଅରିଲୋ ଠାରୁ ଶ୍ରୀ ଶ୍ରୀ ଶିଶୁ ଅନନ୍ତ



ରାମ ନାଟ୍ୟ କଳାକାର ପ୍ରତିବର୍ଷ ଏଠାକୁ ଆସି ଖୁବ୍ ସୁନ୍ଦର ଭାବେ ରାମଲୀଳା ଉତ୍ସବକୁ ଜନସାଧାରଣଙ୍କ ନିକଟରେ ଆକର୍ଷିତ କରିପାରିଥାନ୍ତି । ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିବା ବହୁ ବ୍ୟକ୍ତିମାନଙ୍କ ଦେହାନ୍ତ ହୋଇଯାଇଥିଲେ ବି ସେମାନଙ୍କ ପୁଅ, ଝିଅ ଓ ବୋହୂମାନେ ଏହି ସଂସ୍କୃତିକୁ ବଞ୍ଚାଇରଖି ପାରିଛନ୍ତି । ଏହି କଳାକାରମାନେ ବିଭିନ୍ନ ପୋଷାକ ପତ୍ର ପରିଧାନ କରି ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ସୀତା ଓ ହନୁମାନ ରୂପ ଧାରଣ କରି ତାଙ୍କର ବକ୍ତବ୍ୟ ରଖିପାରିଥିବା ବେଳେ ଅନ୍ୟ ପଟେ ରାବଣ, କୁମ୍ଭକନ, ରାବଣ ପୁଅ ଇନ୍ଦ୍ରଜିତ୍ ଆସି ତାଙ୍କର ଭାବଭଙ୍ଗୀ ପ୍ରଦର୍ଶନ କରି ବେଶ୍ ଆକର୍ଷଣ କରୁଥିବାର ଦେଖିବାକୁ ମିଳିଥିଲା । ସବୁଠାରୁ ଆକର୍ଷଣ ଥିଲା ରାବଣର କଟୁଆଳ ଭାବେ ଦାୟିତ୍ୱ ଲିଭାଇଥିବା କଳାକାରଜଣକର ଭାବଭଙ୍ଗୀ ବେଶ୍ ଆକର୍ଷଣୀୟ ଥିଲା ଓ ତାହାରି ଭାବଭଙ୍ଗୀ ଦେଖି ଜନସାଧାରଣଙ୍କ ପକ୍ଷରୁ ପୁରସ୍କାର ରାଶି ମଧ୍ୟ ପ୍ରଦାନ କରାଯାଇଥିଲା । ଠିକ୍ ସେହିଭଳି ହନୁମାନ ବେଶରେ ଥିବା କଳାକାରଜଣକ ଉପସ୍ଥିତ ଥିବା ଦର୍ଶକ ଓ ପିଲାଛୁଆମାନଙ୍କୁ କଦଳୀ, ସେ. ଅଙ୍ଗୁର ଓ ଚକୋଲେଟ ସବୁ ଛିଣ୍ଡାଇ ଆଣି ଜନସାଧାରଣଙ୍କ ନିକଟକୁ ଫୋପାଡୁଥିଲା । ସୀତାଙ୍କ ହରଣ ପାଇଁ ଲଙ୍କାନଗରୀ ଧ୍ୱଂସ ପାଇଲା ବୋଲି କଳାକାରମାନେ ସେମାନଙ୍କର କଳାପ୍ରଦର୍ଶନ କରୁଥିବା ବେଳେ ଜନସାଧାରଣଙ୍କ ପାଇଁ ଏହା ଆକର୍ଷଣ ଲାଗୁଥିଲା । ଆମ ପିତୃ ପୁରୁଷମାନଙ୍କ ଉଦ୍ୟମ ପାଇଁ ଆଜି ଏ ରାମଲୀଳା ଉତ୍ସବ ଦୀର୍ଘ ବର୍ଷ ଧରି ପାଳନ ହୋଇ ଆସୁଥିବା ବେଳେ ଖୁବ୍ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଆସୁଅଛି । ଏଥିପାଇଁ ଆମ ସମସ୍ତ କଳାକାର ଓ ଗ୍ରାମବାସୀମାନଙ୍କ ନିକଟରେ ଋଣୀ ବୋଲି ଏହି କାର୍ଯ୍ୟକ୍ରମ ପରିଚାଳନା କରୁଥିବା ନୃସିଂହ ବେହେରା, ରାଜେନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ, ଧିରେନ୍ଦ୍ର ଖୁଣ୍ଟିଆ, ସୁଦାମ ପ୍ରଧାନ, ମହେନ୍ଦ୍ର ସ୍ୱାଇଁ, ସନ୍ତୋଷ ବାରିକ, ପୂର୍ଣ୍ଣଚନ୍ଦ୍ର ରାଉତ, ଦିପ୍ତୀରଞ୍ଜନ ସ୍ୱାଇଁ, ହରେକୃଷ୍ଣ ସ୍ୱାଇଁ, ରାମଚନ୍ଦ୍ର ସ୍ୱାଇଁ ଓ ବାବୁନା ସେଠୀ ପ୍ରମୁଖ କହିଥିବା ବେଳେ ସେଠାରେ ଉପସ୍ଥିତ ଥିବା ଗୁଆଲିପୁର ଗ୍ରା.ପ. ସରପଞ୍ଚ ମନୋଜିନି ସାହୁ ଓ ପୂର୍ବତନ ସରପଞ୍ଚ ନିହାରିକା ମାହାଳି ଏହି ରାମଲୀଳା ଉତ୍ସବଟିର ଭୂୟଶୀ ପ୍ରଂଶସା କରିବା ସହିତ କହିଥିଲେ ଯେ ଏହି କଳିଯୁଗରେ ବର୍ତ୍ତମାନ ଯାତ୍ରା ଜଗତ ହେଉ ବା ଚଳଚିତ୍ର ଜଗତ ହେଉ ସବୁଠାରେ ଅତ୍ୟନ୍ତ ଅଶ୍ଳୀଳ ନାଚଗୀତର ପରିବେଶ ଦୁନିଆକୁ କଳୁଷିତ କରିଦେଉଥିବା ବେଳେ ଏହି ରାମଲୀଳା ଉତ୍ସବରେ ତାହାର କାଣିଚାଏବି ଦେଖିବାକୁ ମିଳିନଥିଲା । ତେଣୁ ଏହି ରାମଲୀଳା ଟିର ଉତ୍ତୋରତ୍ତର କାମନା କରିବା ସହିତ ଗ୍ରାମବାସୀମାନଙ୍କର ଭୂୟଶୀ ପ୍ରଂଶସା କରିଥିଲେ ।

## ଖୋଲିଲା ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ବିକ୍ରୟ କାଉଣ୍ଟର

***ଜଗତ୍‌ସିଂହପୁର:*** *ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଉତ୍କଳ ପ୍ରସଙ୍ଗ, ଓଡିଶା ରିଭ୍ୟୁ ଓ ଜଗନ୍ନାଥ ଜଣାଣ ବହି ଗୁଡିକର ପ୍ରଚାର ଓ ପ୍ରସାର ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ନିକଟରେ ଉପଲବ୍ଧି ହେଉଛି । ଏଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ କାଉଣ୍ଟର ଖୋଲାଯାଇ ବହି ସୁବିଧା ମୂଲ୍ୟରେ ବିକ୍ରୟ କରାଯାଉଛି । ଆଗ୍ରହୀ ବ୍ୟକ୍ତି ବିଶେଷ, ଗ୍ରାହକମାନେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ନିକଟରେ ଥିବା କାଉଣ୍ଟରରୁ ବହି ସଂଗ୍ରହ କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ନିବେଦନ କରିଛନ୍ତି । ଏହି କାଉଣ୍ଟର ଛୁଟି ଦିନ ବ୍ୟତୀତ ଅନ୍ୟ ସମସ୍ତ ସରକାରୀ କାର୍ଯ୍ୟ ଦିବସ ମାନଙ୍କରେ ମିଳିପାରିବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି ।*




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜନୀତିକ ବନ୍ଦୀଙ୍କୁ ...

ରାଜ୍ୟ ସରକାରଙ୍କୁ ମଗା ଯାଇଥିଲେ ମଧ ଏପର୍ଯ୍ୟନ୍ତ ତାହା ଓଡ଼ିଶା ସରକାର ଦେବାରେ ସକ୍ଷମ ହୋଇନଥିବା ଜଣାପଡ଼ିଛି । ଚଳିତ ଷୋଡ଼ଶ ବିଧାନସଭାରେ ଏନେଇ ଦଳମତ ନିର୍ବିଶେଷରେ ଉଦବେଗ ପ୍ରକାଶ ପାଇବା ସହ ମିସା ଆଇନ ବଳରେ ଗିରଫ ହୋଇଥିବା ରାଜନୀତିକ ବନ୍ଦୀମାନଙ୍କୁ ଚିହ୍ନଟ କରି ରାଜ୍ୟ ସରକାର ସେମାନଙ୍କୁ ଆଖିଦୃଶିଆ ପରିମାଣର ଆର୍ଥିକ ସହାୟତା ଦେବାକୁ ଦାବି ହୋଇଥିଲା । ଅନ୍ୟ ରାଜ୍ୟଗୁଡ଼ିକରେ ମିସା ଆଇନ ବଳରେ ଗିରଫ ରାଜନୀତିକ ବନ୍ଦୀମାନଙ୍କୁ ଉପଯୁକ୍ତ ସମ୍ମାନ ଦେଇ ୧୦ହଜାରରୁ ୨୫ହଜାର ଟଙ୍କାର ଆର୍ଥିକ ସହାୟତା ଦେଉଛନ୍ତି । ତେଣୁ ଏହି ରାଜନୀତିକ ବନ୍ଦୀମାନଙ୍କୁ ମଧୁବାବୁ ପେନସନ ସ୍କିମରେ ସାମିଲ ନକରି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସ୍କିମ୍ ଅବା ଆର୍ଥିକ ସହାୟତା ପ୍ରଦାନ କରିବାକୁ ବିଧାୟକମାନେ ସେତେବେଳେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ବିଧାୟକମାନଙ୍କର ଏଭଳି ପ୍ରସ୍ତାବ, ଦାବି ଓ ଉଦବେଗକୁ ଅଣଦେଖା କରି ରାଜ୍ୟ ସରକାର ଗତକାଲି ମଧୁବାବୁ ପେନସନ ଯୋଜନାର ନିୟମାବଳୀରେ ସଂଶୋଧନ କରି ରାଜନୀତିକ ବନ୍ଦୀମାନଙ୍କୁ ମାସିକ ୫୦୦ରୁ ୯୦୦ଟଙ୍କା (ବୟସ ଅନୁସାରେ) ଦେବା ଭଳି ନିଷ୍ପତ୍ତି ନେଇଛନ୍ତି । ଏଭଳି ନିଷ୍ପତ୍ତି କିଏ ନେଲା ଓ କାହା ନିର୍ଦ୍ଦେଶରେ ରାଜନୀତିକ ବନ୍ଦୀମାନଙ୍କୁ ଅସମ୍ମାନ ପାଇଁ ବିଭାଗ ସାହାସ କଲା, ତାକୁ ନେଇ ପ୍ରଶ୍ନ ଉଠିଛି । ତେବେ ସରକାରଙ୍କ ଏଭଳି ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ରାଜନୀତିକ ବନ୍ଦୀମାନଙ୍କ ପ୍ରତି ସିଧାସଳଖ ଅସମ୍ମାନ ବୋଲି ଚର୍ଚ୍ଚା ହେଉଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ପ୍ରମୁଖଙ୍କ ଭଳି ବ୍ୟକ୍ତିମାନେ ସେତେବେଳେ ରାଜନୀତିକ ବନ୍ଦୀ ଥିଲେ । ଆଉ ରାଜନୀତିକ ବନ୍ଦୀ ଥିବା ଏଭଳି ଉତ୍ତୁଙ୍ଗ ବ୍ୟକ୍ତିମାନଙ୍କୁ ସରକାର ମାସିକ ୫୦୦ଟଙ୍କା ପେନସନ୍ ଦେବାକୁ ନିଷ୍ପତ୍ତି ନେବା ସେମାନଙ୍କ ପ୍ରତି ସମ୍ମାନ ଓ ଅସମ୍ମାନ ତାହା ଏବେ ସବୁଠୁ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନାଯୋଗ୍ୟ, ଆଡଭୋକେଟ୍ ଚିତ୍ତରଞ୍ଜନ ମହାନ୍ତିଙ୍କ ଦ୍ୱାରା ଦାଏର ଆବେଦନ ଉପରେ ଗତ ଫେବୃୟାରୀ ୨୦ତାରିଖରେ ଓଡ଼ିଶା ହାଇକୋର୍ଟ ଶୁଣାଣି କରିବାବେଳେ ସ୍ୱାଧୀନତା ସଂଗ୍ରାମୀଙ୍କ ଭଳି ଜରୁରୀକାଳୀନ ପରିସ୍ଥିତିରେ ଗିରଫ ହୋଇଥିବା ରାଜନୀତିକ ବନ୍ଦୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାର କୌଣସି ପ୍ରାବଧାନ ଅବା ଯୋଜନା ଅର୍ଥ ବିଭାଗର ନାହିଁ ବୋଲି ଓଡ଼ିଶା ହାଇକୋର୍ଟଙ୍କୁ ରାଜ୍ୟ ସରକାର ଅବଗତ କରିବା ସହ କେତେ ଜଣ ଏଭଳି ରାଜନୀତିକ ବନ୍ଦୀ ଅଛନ୍ତି ତାହା ମଧ ସରକାରଙ୍କ ପାଖରେ ନଥିବା ସ୍ପଷ୍ଟ କରିଥିଲେ । ଦେଶରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ପାଇଁ ସ୍ୱର ଉଠାଇ ଜରୁରୀକାଳୀନ ପରିସ୍ଥିତିବେଳେ ଜେଲ ଦଣ୍ଡ ଭୋଗିଥିବା ରାଜ୍ୟର ମହାନ ବ୍ୟକ୍ତିମାନଙ୍କୁ ସମ୍ମାନ ଦେବା ପରିବର୍ତ୍ତେ ସେମାନଙ୍କୁ ମାସିକ ୫୦୦ଟଙ୍କା ପେନସନ୍ ଦେଇ ରାଜ୍ୟ ସରକାର ବାସ୍ତବରେ ସମ୍ମାନ ଦେଉଛନ୍ତି ନା ଅସମ୍ମାନ କରୁଛନ୍ତି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

### ମରଣଯନ୍ତା ପାଲଟିଛି ...

ସ୍କୁଲ ଛୋଟ ପିଲା ପଡି ଖଣ୍ଡିଆ ଖବରା ହେଉଥିବା ଦେଖାଯାଉଛି । ସେହିପରି ଗାଙ୍ଗୋତ୍ରୀନଗରରେ(ଲିଙ୍ଗିପୁର ପଞ୍ଚାୟତ ଭୁବନେଶ୍ୱର) ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ରାଜ୍ୟ ସରକାର ତହସିଲଦାର ପତ୍ର ସଂଖ୍ୟା-୯୨୩୪ ତାରିଖ ୩୧.୦୫.୨୦୨୨୨୦୦ଡିସିମିଲି ଜମି ଆବଟଣ୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ସେ ଜମିରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ପଣ୍ଡାଙ୍କର ଫଳକ ଉଦଘାଟନରେ ରହିଯାଇଛି । ଗତ ୮ସେପ୍ଟେମ୍ବରରେ ଫଳକୁ ଶିଳାନ୍ୟାସ କରିଥିଲେ । ଅଙ୍ଗନବାଡି କେନ୍ଦ୍ରକୁ ନେଇ ବିଧାୟକ ସାଲୁଗା ପ୍ରଧାନ, ବିଧାନସଭାରେ ଏକ ମୌଖିକ ପ୍ରଶ୍ନ ପଚାରିଥିଲେ । ବିଭାଗୀୟ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ୦୨.୦୭.୨୦୨୨ର ମୌଖିକ ପ୍ରଶ୍ନର ଉତର ଦେଇ କହିଥିଲେ ଯେ ଅଙ୍ଗନବାଡି କେନ୍ଦ ପାଇଁ ଭୁବନେଶ୍ୱର ତହସିଲଦାର ପତ୍ର ସଂଖ୍ୟା ୯୨୩୪, ତାରିଖ-୩୧.୦୫.୨୦୨୨ରେ ଇ୦-୨୦୦ , ପ୍ଲଟ ନଂ-୯୧, ଖାତା ନଂ-୭୬୧ ବିଡିଓଙ୍କୁ ଯାଗା ବଣ୍ଟନ ପାଇଁ କୁହାଯାଇଥିବା କହିଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ଉକ୍ତ ଯାଗା ନିଜ ଅକ୍ତିଆରକୁ ନେଇଥିଲେ ମଧ ଏବଂ ବିଡମ୍ବନା ମନ୍ତ୍ରୀ ଫଳକ ଶିଳାନ୍ୟାସ କଲେ ମଧ ଆଜକୁ ୮ମାସ ହେଲାଣି ନିର୍ମାଣ କାର୍ଯ୍ୟ ଶୀତଳ ଭଣ୍ଡାରେରେ ରହିଯାଇଛି । ସ୍ଥାନୀୟ ସରପଂଚ ହାତ ଟେକିଦେଇଥିବା ସାଧାରଣରେ ଆଲୋଚନା ହୋଇଛି । ଏଠାରେ ପ୍ରଶ୍ନ ଉଠୁଛି ଯେ ବିଡିଓ କଣ ପାଇଁ ଆଜି ପର୍ଯ୍ୟନ୍ତ ଚୁପ୍ ହୋଇ ବସିଛନ୍ତି । ତାହା ତଦନ୍ତ ସାପେକ୍ଷ । ପୂର୍ବରୁ ଅଙ୍ଗନବାଡି କେନ୍ଦ୍ରଟି ଗାଙ୍ଗୋତ୍ରୀ ନଗର ରୋଡନଂ-୩ରେ ଭଡାରେ ଚାଲୁଥିଲା ଏବେ ବି ଚାଲୁଛି । ନିରୀହ ଶିଶୁ ଖରାରେ ବସି ପଢୁଥିବା ଦେଖାଦେଇଛି ଯାହା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ । ସାଧାରଣ ଲୋକମାନେ ମୁଖ୍ୟ ଶାସନ ସଚିବ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଯେତେ ଶୀଘ୍ର କାର୍ଯ୍ୟ ସାରିବା ପାଇଁ ଅନୁରୋଧ କରିଛନ୍ତି ।

### ସରକାରୀ ନିଯୁକ୍ତି ...

ତେବେ ପ୍ରଶ୍ନ ଉଠୁଛି, ରାଜ୍ୟରେ ଲକ୍ଷ ଲକ୍ଷ ବେକାର ଯୁବକଯୁବତୀ ଏବେ ସରକାରୀ ଚାକିରି ଆଶାରେ ରହିଥିବାବେଳେ ରାଜ୍ୟ ସରକାରଙ୍କ ଅଧୀନରେ ପ୍ରାୟ ୨.୨୬ଲକ୍ଷ ପଦବୀ ଖାଲି ପଡ଼ିଛି । ରାଜ୍ୟ ସରକାର ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ପାଇଁ ଫାଇଭ-ଟି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରୁଛନ୍ତି । ସରକାରୀ ଏଜେନ୍ସୀଗୁଡ଼ିକ ମାଧମରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଉଥିବାବେଳେ ନିଯୁକ୍ତି ଆଇନରେ ମଧ ସଂଶୋଧନ କରିଛନ୍ତି । ଗ୍ରୁପ-ଏ ବର୍ଗର ଟେକନିକାଲ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଓପିଏସସିଙ୍କ ଦ୍ୱାରା କରାଯାଉଥିବାବେଳେ ଗ୍ରୁପ-ବି ବର୍ଗର ଟେକନିକାଲ ପଦବୀ ପାଇଁ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନଙ୍କ ଦ୍ୱାରା କମ୍ବାଇନଡ୍ ଟେକନିକାଲ ସର୍ଭିସ ନାଁରେ ପରୀକ୍ଷା କରାଯାଉଛି । ସରକାରୀ ନିଯୁକ୍ତି ଏଜେନ୍ସୀଗୁଡ଼ିକ ବିଭିନ୍ନ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା କରିବା ନିମନ୍ତେ ଅଭିଜ୍ଞତା ସହ ପାରଦର୍ଶିତା ମଧ ରହିଛି । ଏସବୁ ସରକାରୀ ନିଯୁକ୍ତି ସଂସ୍ଥା ପ୍ରତିଯୋଗିତା ପରୀକ୍ଷା ମାଧମରେ ପ୍ରାର୍ଥୀ ଚୟନ କରି ସେମାନଙ୍କ ତାଲିକା ସରକାରଙ୍କୁ ସୁପାରିଶ କରିଥାନ୍ତି । ସରକାରୀସ୍ତରରେ ଏଭଳି ବ୍ୟବସ୍ଥା ଥିବା ସତ୍ତ୍ୱେ ଓଡ଼ିଶା ଉଠାଜଳସେଚନ ନିଗମ କିଭଳି ଓ କାହା ଇଙ୍ଗିତରେ ନିଜେ ଏତେ ସଂଖ୍ୟକ ନିୟମିତ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନେଲା ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଓଏଲଆଇସି ମ୍ୟାନେଜମେଣ୍ଟ ଚାହିଁଥିଲେ ରାଜ୍ୟ ସରକାରଙ୍କ ମାଧମରେ ହେଉ ଅବା ସରକାରୀ ନିଯୁକ୍ତି ଏଜେନ୍ସୀଗୁଡ଼ିକୁ ଏହି ୧୦୮ଟି ନିୟମିତ ପଦବୀ ପୂରଣ ନିମନ୍ତେ ଚିଠି ଲେଖି ଅନୁରୋଧ କରିପାରିଥାନ୍ତା । ମାତ୍ର ତାହା ନକରି ଓଏଲଆଇସି ମ୍ୟାନେଜମେଣ୍ଟ ବିନା ଅଭିଜ୍ଞତାରେ ସିଧାସଳଖ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ପାଇଁ ନିଷ୍ପତ୍ତି ନେଇଛି । ରାଜ୍ୟରେ ଲକ୍ଷ ଲକ୍ଷ ବେକାର ଯୁବକଯୁବତୀ ଚାକିରି ଅନ୍ୱେଷଣରେ ରହିଥିବାବେଳେ ଓଏଲଆଇସି କର୍ତ୍ତୃପକ୍ଷ କାହା ସ୍ୱାର୍ଥରେ ମୋଟା ଅଙ୍କର ଦରମାରେ ଏତେ ସଂଖ୍ୟକ ନିୟମିତ ପଦବୀ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ନିଜେ କରିବାକୁ ନିଷ୍ପତ୍ତି ନେଲେ ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ପାଲଟିଛି ।

### ଓଡ଼ିଶା ‘ନ୍ୟାୟ’ ...

ଏହି ରିପୋର୍ଟ ପ୍ରସ୍ତୁତ ହୁଏ । ୧୦୦ଟି ଇଣ୍ଡିକେଟର ସହିତ ପ୍ରତ୍ୟେକ ରାଜ୍ୟରେ ବାସ୍ତବ ସ୍ଥିତି ଯାଞ୍ଚ କରି କ୍ୟୁରେଟର ସର୍ଭେ କରିଥାନ୍ତି । ଏଥିରେ କୌଣସି ତ୍ରୁଟି ନ ଥାଏ ବୋଲି ସ୍ପଷ୍ଟ କରିଛନ୍ତି ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ । ତହସିଲଠାରୁ ଓ କୋର୍ଟ ସବୁ କାର୍ଯ୍ୟ ଯେପରି ଅନଲାଇନ୍ ହେବ ସେ ନେଇ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ଭିତ୍ତିଭୂମି । ସବୁ ପଞ୍ଚାୟତ ହେବ ସ୍ମାର୍ଟ । ଆଗାମୀ ଦିନରେ ନ୍ୟାୟ ପ୍ରଦାନରେ ଏକ ନମ୍ବର ରାଜ୍ୟ ହେବାକୁ ସରକାର ପ୍ରସ୍ତୁତ କରୁଛନ୍ତି ରୋଡ୍ ମ୍ୟାପ୍ ।

### ତାଳଦଣ୍ଡା ...

ସଂଗ୍ରହ କରାଯାଇ ପରୀକ୍ଷାନିରୀକ୍ଷା କରାଯାଇଥିଲା । ଏହି ପରୀକ୍ଷା ପରେ ଜଣାପଡ଼ିଛି ଯେ, ଏହି କେନାଲଗୁଡ଼ିକର ଜଳରେ କୋଲିଫର୍ମ ଓ ଫିକଲ କୋଲିଫର୍ମ ପରିମାଣ ରହୁଛି ଯାହାକି ଗାଧୋଇବା ଓ ପାନୀୟ ଜଳ(କୀଟାଣୁଶୋଧନ ପରେ ପାରମ୍ପରିକ ବିଶୋଧନ ପରେ ପିଇବା ଯୋଗ୍ୟ) ନିମନ୍ତେ ଶରୀରର ସହନଶୀଳତାର ପରିମାଣଠୁ ଢ଼େର ଅଧିକ । ସେହିପରି ଅଠରବାଙ୍କିଠାରେ ତାଳଦଣ୍ଡା କେନାଲ ଜଳରେ ବାୟୋକେମିକାଲ ପରିମାଣ ମଧ ମିଳିଛି । ତେବେ ସମସ୍ତ ସ୍ଥାନରେ ସଂଗୃହୀତ ଜଳକୁ ଚାଷ କାର୍ଯ୍ୟ ପାଇଁ ଜଳସେଚନ ନିମନ୍ତେ ଉପଯୋଗ କରିବାରେ କୌଣସି ସମସ୍ୟା ନାହିଁ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି । ସେହିପରି ଦୟା ୱେଷ୍ଟ କେନାଲର ୮ଟି ସ୍ଥାନ ଯଥା- କେନ୍ଦୁପାଟଣାସ୍ଥିତ କୁଞ୍ଜବିହାରୀ କଲେଜ ନିକଟ, କେନ୍ଦୁପାଟଣା ଗାଁ, କାଳିଖମା ବ୍ରିଜ, ଭେଟପଡ଼ା, ମୁଣ୍ଡାସାହି ନିକଟ ଗଙ୍ଗୁଆ ନାଳ, ବିମଖାଲ ନିକଟ ଜଗନ୍ନାଥ ଏଭିନ୍ୟୁ, ଗ୍ୟାରେଜ ଛକ-ସାମନ୍ତରାପୁର ଓ କୋଚିଲାପୁଟଠାରେ କେନାଲ ଜଳର ନମୂନାକୁ ୨୦୨୨ ମେ’ ମାସରୁ ସଂଗ୍ରହ କରାଯାଇ ନିୟମିତ ଭାବେ ପରୀକ୍ଷାନିରୀକ୍ଷା କରାଯାଉଛି । ଦୟା ୱେଷ୍ଟ କେନାଲର ଜଳର ଅଧିକାଂଶ ସ୍ଥାନରେ ଟୋଟାଲ କୋଲିଫର୍ମ, ଫିକଲ କୋଲିଫର୍ମ, ବାୟୋକେମିକାଲ ଅକ୍ସିଜେନ୍ ଡିମାଣ୍ଡ (ବିଓଡି) ଆଦି ପ୍ରଦୂଷିତ ମାତ୍ରା ରହୁଥିବାରୁ ଏହି କେନାଲଗୁଡ଼ିକ ସାଧାରଣ ଲୋକଙ୍କ ଉପଯୋଗ କରିବା ଉଚିତ୍ ନୁହେଁ । ସୂଚନାଯୋଗ୍ୟ, ବର୍ଜ୍ୟବସ୍ତୁ ଓ ଆବର୍ଜନା ଯୋଗୁ କେନାଲ ଜଳଗୁଡ଼ିକ ପ୍ରଦୂଷିତ ହେବାରେ ଲାଗିଛି । ଆଉ କଟକ ଓ ଭୁବନେଶ୍ୱର ଭଳି ସହରର କେନାଲ କୂଳରେ ରହୁଥିବା ଗରିବ ଲୋକମାନେ ଏହା ଉପରେ ନିର୍ଭରଶୀଳ ରହି କେବଳ ରୋଗକୁ ଆମନ୍ତ୍ରଣ କରୁଥିବା ଜଣାପଡ଼ିଛି ।

### ଯାଇପାରେ ...

ଯୁଦ୍ଧ ସଙ୍କଟ ଓ ପ୍ରାକୃତିକ ବିପର୍ଯ୍ୟର ଆଶଙ୍କା ରହିଛି । ବିଶ୍ୱସ୍ତରରେ ଉଚ୍ଚପଦସ୍ଥ ନେତୃତ୍ୱଙ୍କ ନିଧନ ହେବ । ତେବେ ଭାରତ ପାଇଁ ବର୍ଷଟି ଅତି ଶୁଭଙ୍କର ହେବା ଅନୁମାନ କରାଯାଇଛି । ଭାରତର ଯିଏ ମୁଖିଆ ହେବେ, ତାଙ୍କୁ ସାରା ବିଶ୍ୱ ସମ୍ମାନ କରିବା ସହ ତାଙ୍କ ପରାମର୍ଶକୁ ବିଶ୍ୱ ଗ୍ରହଣ କରିବ । ତା’ ଭିତରେ ଦେଶରେ ରାଜନୈତିକ ହଟଚମଟ ହେବାର ଆଶଙ୍କା ମଧ ରହିଛି । ଏପଟେ ଶୁକ୍ର ଓ ବୃହସ୍ପତିଙ୍କ ପାଇଁ ଓଡ଼ିଶା ଉନ୍ନତି କରିବାର ଯଥେଷ୍ଟ ସମ୍ଭାବନା ରହିଛି । ବିଶେଷକରି ଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି, ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରଗତି ଓ ଏ ବର୍ଷ ଭଲ ବର୍ଷା କାରଣରୁ ରାଜ୍ୟର କୃଷିକ୍ଷେତ୍ର ସମୃଦ୍ଧ ହେବାର ସମ୍ଭାବନା ରହିଛି । ତେବେ ରାଜନୈତିକ ଦୃଷ୍ଟିକୋଣରୁ ବର୍ଷଟି ବିବାଦମୟ ରହିବ ବୋଲି ପଂଜିକା ଗଣନା କହୁଥିବା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ ଏବଂ ଜ୍ୟୋତିର୍ବିଦ୍ ଡକ୍ଟର ମନୋଜ ଲେଙ୍କା କହିଛନ୍ତି । ଗ୍ରହ ଚଳନ ସ୍ଥିତି ଦୃଷ୍ଟିରୁ ଏ ବର୍ଷ ବିଶ୍ୱବାସୀ ୪ଟି ଗ୍ରହଣ ଦେଖିବେ । ତା’ ଭିତରେ ଗୋଟିଏ ଚନ୍ଦ୍ରଗ୍ରହଣ ଓ ୩ଟି ସୂର୍ଯ୍ୟୋପରାଗ ସଂଘଠିତ ହେବ । ସେହିଭଳି ରାଶି ଚଳନ ଦୃଷ୍ଟିରୁ କେଉଁ ରାଶି ଶୁଭ ଓ କେଉଁ ରାଶି ଅଶୁଭ ଫଳ ପ୍ରଦାନ କରିବେ, ତାର ମଧ ଗଣନା କରିଛନ୍ତି ଜ୍ୟୋତିର୍ବିଦ୍ । ଉତ୍କଳୀୟ ନବବର୍ଷ ଅବସରରେ ବିରଜା ମଣ୍ଡଳରେ ବିରଜା ପଞ୍ଜିକା ମଧ ପ୍ରଚଳନ ଆରମ୍ଭ କରାଯାଇଛି । ପାଞ୍ଜି ଦେଖି ବହୁ ଲୋକେ ଭାଗ୍ୟ ଭବିଷ୍ୟତ ଜାଣିବା ନିମନ୍ତେ ଜ୍ୟୋତିର୍ବିଦ୍‌ଙ୍କ ସହାୟତା ନେବା ସହ ବିଘ୍ନ ଖଣ୍ଡନ ନିମନ୍ତେ ପରାମର୍ଶ ମୁତାବକ ଠାକୁରଙ୍କୁ ପୂଜା ଆରମ୍ଭ କରିଛନ୍ତି ।

### ବିଭିନ୍ନ ବିଭାଗରେ ...

ତେଣୁ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ବିତ୍ତୀୟ ସ୍ଥିତି ଉପରେ ଆଲୋଚନା କରାଯିବ । ଏଥିପାଇଁ ଆସନ୍ତା ୧୭ ତାରିଖରେ ସଚିବସ୍ତରରେ ଏକ ବୈଠକ ଆହ୍ୱାନ କରାଯାଇଛି । ବୈଠକରେ ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟରୁ ଯେପରି ଅଧିକ ରାଜସ୍ୱ ସଂଗ୍ରହ ହୋଇପାରିବ ସେନେଇ ଆଲୋଚନା ହେବା ସହ ଯୁବକମାନଙ୍କ ଦକ୍ଷତା ବିକାଶ ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସମ୍ପର୍କରେ ଆଲୋଚନା ହେବ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ ମୋ ସରକାର ଅଧୀନରେ ସାଧାରଣ ଲୋକଙ୍କଠାରୁ ଫିଡବ୍ୟାକ୍ ସଂଗ୍ରହ କରାଯାଇ ସେହି ଅନୁଯାୟୀ ରାଜ୍ୟ ପ୍ରଶାସନର ବିଭିନ୍ନ ଅଙ୍ଗକୁ କ୍ରିୟାଶୀଳ କରାଯାଇପାରୁଛି । ଅତଏବ ମୋ ସରକାରର ଏହି ଫିଡବ୍ୟାକ୍ ପ୍ରକ୍ରିୟାକୁ ଅଧିକ କିପରି ତ୍ୱରାନ୍ୱିତ କରାଯାଇପାରିବ ସେନେଇ ବୈଠକରେ ଆଲୋଚନା ହେବା ନେଇ ଧାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ମୋ ସେବା କେନ୍ଦ୍ର ସହ ଅଧିକରୁ ଅଧିକ ଜନସେବାକୁ ଯୋଡ଼ିବା ପାଇଁ ବୈଠକରେ ଆଲୋଚନା ହେବ । ସାଧାରଣ ଲୋକଙ୍କ ଦୁଆରେ ଯେପରି ଅଧିକରୁ ଅଧିକ ମାତ୍ରାରେ ସରକାରୀ ସେବା ପହଞ୍ଚିପାରିବ ସେନେଇ ତାହା ବୈଠକର ଏଜେଣ୍ଡାରେ ସ୍ଥାନ ପାଇଛି । ଅନ୍ୟପକ୍ଷରେ ରାଜ୍ୟର ସଚିବମାନଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ନିକଟରେ ପରାମର୍ଶ ଦିଆଯାଇଥିବା ବେଳେ ଏନେଇ ମଧ ବୈଠକରେ ଆଲୋଚନା ହେବ ବୋଲି ସୂଚନା ମିଳିଛି ।

## ଭଦ୍ରକ ଜିଲ୍ଲାରେ ମାଳମାଳ ଶିକ୍ଷକ ସଂଘ

# ଚାନ୍ଦା ଆଦାୟ ମୂଳ ଲକ୍ଷ୍ୟ

**ଭଦ୍ରକ :** ଭଦ୍ରକ ଜିଲ୍ଲାରେ ୨୦୧୫ ମସିହାରେ ନିଯୁକ୍ତି ପାଇଥିବା ପ୍ରାଇମେରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରୁ ଅଧିକାଂଶ ସରକାରୀ ଗାଇଡଲାଇନ ଜରିଆରେ ସିଲେକ୍ସନ ହୋଇନଥିବା ବେଳେ ସଂଘ ଜରିଆରେ କେତେକ ନିଯୁକ୍ତି ପାଇଛନ୍ତି । ଜନୈକ ପିତାମ୍ବର ମିଶ୍ର ନିଜକୁ ସଭାପତି ବୋଲାଇ ଜିଲ୍ଲାର ୬ଶହରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ଠାରୁ ଜଣକ ପିଛା ବାର୍ଷିକ ହଜାରେ ଟଙ୍କା ଲେଖାଏଁ ଚାନ୍ଦା ଅସୁଲ କରୁଛନ୍ତି । ଏ ବାବଦରେ ସୂଚନା ଅଧିକାର କର୍ମୀ ତଥା ସାମ୍ବାଦିକ ବିକାଶ କୁମାର ଧଳ ତାଙ୍କୁ ପଚାରିବାରୁ ସେ ଯାହା କହିଥିଲେ ସେଥିରେ ଯେକୌଣସି ବ୍ୟକ୍ତି ଆଶ୍ଚର୍ଯ୍ୟ ହେବ । କାରଣ ଶ୍ରୀ ମିଶ୍ର କହିଥିଲେ ଯେ, ବର୍ଷକୁ ଯେଉଁ ୬ଲକ୍ଷ ଟଙ୍କା ଆଦାୟ ହେଉଛି ସେଥିରୁ ଅଧା ଭାଗ ଜିଲ୍ଲା ଶିକ୍ଷା ଅଫିସକୁ ଦିଆଯାଉଛି । ତେବେ କେଉଁ କାରଣ ପାଇଁ ଏଭଳି ଚାନ୍ଦା ଆଦାୟ ହେଉଛି ସେ ସମ୍ପର୍କରେ ଶ୍ରୀ ମିଶ୍ର କିଛି ନକହି କଥା ମଝିରୁ ଆଡେଇ ଯାଇଥିଲେ । ଯାହାର ଭିଡିଓ ରେକର୍ଡିଂ ଶ୍ରୀ ଧଳଙ୍କ ନିକଟରେ ରହିଛି । ଏହା କେବଳ ଗୋଟିଏ ଘଟଣା ନୁହେଁ, ଭଦ୍ରକ ଜିଲ୍ଲାରେ ମାଳମାଳ ଶିକ୍ଷକ ସଂଘ ଏଭଳି ନିରୀହ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ଲୁଟ୍ କରି ଚାଲିଥିଲେ ବି ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ନଦେବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ।

# ବଜ୍ରପାତ ଜନିତ ମୃତ୍ୟୁ ହ୍ରାସ ପାଇଁ ଜିଲ୍ଲାସ୍ତରୀୟ ବୈଠକ

**ଜଗତ୍‌ସିଂହପୁର :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଏନଆଇସି ଭିଡିଓ କନ୍‌ଫେରନ୍ସ ହଲ୍‌ରେ ଜିଲ୍ଲାରେ ବଜ୍ରପାତ ଜନିତ ଦୁର୍ଘଟଣା ହ୍ରାସ କରିବାକୁ ଏକ ଜିଲ୍ଲାସ୍ତରୀୟ ବୈଠକ ଆଭାସୀ ମାଧ୍ୟମରେ ଜିଲ୍ଲାପାଳ ପାରୁଲ ପଟ୍ଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲାପାଳ କହିଥିଲେ ଯେ ରାଜ୍ୟରେ ବଜ୍ରପାତ ଜନିତ ମୃତ୍ୟୁସଂଖ୍ୟା ବଢ଼ି ବଢ଼ି ଚାଲିଛି । ଏହାକୁ ହ୍ରାସ କରିବାପାଇଁ ତୃଣମୂଳ ସ୍ତରରେ ସଚେତନାର ଆବଶ୍ୟକତା ରହିଛି । ଏଥିରେ ପଞ୍ଚାୟତ ରାଜ ପ୍ରତିନିଧୀମାନଙ୍କର ପ୍ରମୁଖ ଭୂମିକା ରହିଛି । ବନ୍ୟା ପବନ ହେଲାମାତ୍ରେ ବଜ୍ରପାତ ପ୍ରାୟତଃ ଅପରାହ୍ନ ୨ଟାରୁ ରାତି ୮ଘଟିକା ମଧ୍ୟରେ ହୋଇଥାଏ । ଏହି ସମୟ ମଧ୍ୟରେ ଜନସାଧାରଣ ବାହାରେ ବୁଲାବୁଲି ନକରି ଘରେ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏପରିକି ଚାଷୀ ଓ ଶ୍ରମିକମାନେ ଯେପରି ବିଲବାଡିକୁ ଯିବେ ସେ ସମ୍ପର୍କରେ ସଚେତନ କରିବାକୁ ପଡିବ । ବିଲ ବାଡି ମାନଙ୍କରେ କାର୍ଯ୍ୟ କରୁଥିବା ଲୋକମାନେ ନିରାପଦ ସ୍ଥାନରେ ଆଶ୍ରୟ ନେଇପାରିଲେ ଏପରି ଏକ ଦୁର୍ଘଟଣାରୁ ରକ୍ଷା ପାଇଯାଇପାରନ୍ତେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ସମସ୍ତ ବ୍ଲକର ମୁଣ୍ଡାଳୋ ଉନ୍ନୟନ ଅଧିକାରୀ, ତହସିଲଦାର, ପଞ୍ଚାୟତରାଜ ପ୍ରତିନିଧୀ ଗଣ, ଜିଲ୍ଲା ଜରୁରୀ ବିଭାଗ ଅଧିକାରୀ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।



ଏହି ବଜ୍ରପାତ ଜନିତ ଦୁର୍ଘଟଣା ରକ୍ଷା ପାଇବା ପାଇଁ ବାହାରେ ବୃକ୍ଷରୋପଣ କରିବା ଓ ଜନସାଧାରଣଙ୍କୁ ସୂଚନା ଦେବା ନିମନ୍ତେ ସ୍ଥାନୀୟ ଗଣମାଧ୍ୟମ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ପଞ୍ଚାୟତସ୍ତରୀୟ ଅଧିକାରୀମାନେ ସଚେତନ କରିପାରିଲେ ମୂଲ୍ୟବାନ ଜୀବନଗୁଡିକ ଏବାବଦରେ ରକ୍ଷା କରାଯାଇ ପାରିବ । ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ସମସ୍ତ ପଞ୍ଚାୟତରାଜ ସଦସ୍ୟ ମାନଙ୍କୁ ସତର୍କ ଆପ୍ ବିଷୟରେ ସଚେତନ କରାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶପ୍ରଦାନ କରିଥିଲେ । ବିଭିନ୍ନ ତହସିଲମାନଙ୍କରେ ବାକି ରହିଥିବା ବଜ୍ରପାତ, ସାପକାମୁଡା, ପାଣିରେ ବୁଡିବା ଓ ଅଗ୍ନିରେ ପୋଡି ହୋଇ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କୁ ସହାୟତା ରାଶି ମିଳିବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସେହିପରି ଏସଡିଆରଏଫ ଓ ଏନଡିଆରଏଫ ପାଣ୍ଠିର ବିନିଯୋଗ ପ୍ରମାଣପତ୍ର ୩ଦିନ ମଧ୍ୟରେ ଦାଖଲ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

# ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାରୁଲ ପଟ୍ଟୱାରୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିବା ସହିତ ୭ଟି ଅଭିଯୋଗର ତତ୍କାଳନ ଫଇସଲା କରିଥିଲେ । ମୋଟ ୭୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ଆବାସ ଯୋଜନା ସମ୍ପର୍କିତ ୩୦ଟି, ରାସନକାର୍ଡ ସମସ୍ୟା ସମ୍ପର୍କିତ ୮ଟି, ଜମିଜମା ସମସ୍ୟା ସମ୍ପର୍କିତ ୮ଟି, ଭତ୍ତା ସମସ୍ୟା ସମ୍ପର୍କିତ ୫ଟି, ପୋଲିସ ସମସ୍ୟା ସମ୍ପର୍କିତ ୨ଟି ଏବଂ ଅନ୍ୟାନ୍ୟ ୧୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଏହି ଜନଅଭିଯୋଗ ଶୁଣାଣି



ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ, ଉପଜିଲ୍ଲାପାଳ ଧମେନ୍ଦ୍ର ମଲ୍ଲିକ, ତିର୍ତ୍ତୋଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଟଳ ବିହାରି ସ୍ୱାଇଁ, ତହସିଲଦାର ଅମୂଲ୍ୟ କୁମାର ସାହୁ, ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ ।

## ‘ପ୍ରାରମ୍ଭ’ ପ୍ରଶିକ୍ଷଣ ନେଲେ ୩୫୦ ଶିକ୍ଷକ

# ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତା ହାସଲ ମୂଳ ଲକ୍ଷ୍ୟ



**କୋଣାର୍କ :** ଜାତୀୟ ଶିକ୍ଷା ନୀତି - ୨୦୨୦ ଆଧାରରେ ପ୍ରଣୀତ ‘ନିପୁଣ ଭାରତ’ର ମୂଳ ଲକ୍ଷ୍ୟ ଶିଶୁମାନଙ୍କ ପ୍ରାଥମିକ ଶିକ୍ଷା ପରିପ୍ରେକ୍ଷୀରେ ତୃତୀୟ ଶ୍ରେଣୀ ମଧରେ ପ୍ରତ୍ୟେକ ଶିଶୁ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତା ହାସଲ କରିବେ । ଏଥିପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ‘ପ୍ରାରମ୍ଭ’ ଶୀର୍ଷକ ଏକ ସ୍ୱତନ୍ତ୍ର ମଡ୍ୟୁଲ ମାଧମରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ସମଗ୍ର ଶିକ୍ଷା, ପୁରୀ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗୋପ ବ୍ଲକର ୩୫୦ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଆଉ ୫୦ଜଣ ଶିକ୍ଷକଙ୍କୁ ଆସନ୍ତା ସପ୍ତାହରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ପ୍ରକାଶ କରିଛନ୍ତି । ଗୋପ ବ୍ଲକର ସାରଡା ୟୁଜିୟୁପି, ନୟାହାଟ ହାଇସ୍କୁଲ, ନିଗମାନନ୍ଦ ହାଇସ୍କୁଲ, ଗଣେଶ୍ୱରପୁର ଏନୟୁପିଏସ୍ ଓ ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲରେ ୭ଟି ପର୍ଯ୍ୟାୟରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମିଲ୍ ହୋଇଥିଲେ । ବିଇଓ ଶ୍ରୀ ବ୍ରହ୍ମାଙ୍କ ସମେତ ବିଆରସିସି ବେଣୁଧର ମଲ୍ଲିକ, ଏବିଇଓ ଅଶୋକ କୁମାର ବେହେରା ଓ ଏବିଇଓ ବିଳାସିନୀ ମଲ୍ଲ ପ୍ରଶିକ୍ଷଣ ଶିବିର ପରିଦର୍ଶନ କରି ପରିଚାଳନାଗତ ସଫଳତାକୁ ସୁନିଶ୍ଚିତ କରିଥିଲେ । ସାରଡା ୟୁଜିୟୁପି ସ୍କୁଲରେ ବରିଷ୍ଠ ସାଧନକର୍ମୀ ମହେନ୍ଦ୍ର କୁମାର ଦାଶ, କଳ୍ପନା ମିଶ୍ର, ରାଜେଶ ନାୟକ ଓ ବିଦ୍ୟାଧର ମିଶ୍ର ଏବଂ ନୟାହାଟ ହାଇସ୍କୁଲରେ ସାଧନକର୍ମୀ ଲଲାଟ ବେହେରା, ବିନୋଦ ମିଶ୍ର, ତାପସ ନାୟକ ଓ ସିଆରସିସି ସୁଚରିତା ପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ନିଗମାନନ୍ଦ ହାଇସ୍କୁଲ ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, ଗଣେଶ୍ୱରପୁର ସ୍କୁଲ ପ୍ରଧାନଶିକ୍ଷକ ସୁବ୍ରତ ରଞ୍ଜନ ନାୟକ, ନୟାହାଟ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ରମାକାନ୍ତ ସେଠୀ, ସାରଡା ୟୁଜିୟୁପି ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଦାସ, ସିଆରସିସି ସ୍ମୃତିରେଖା ବରାଳ ଓ ସିଆରସିସି ଦେବାଶିଷ ପ୍ରଧାନ ପ୍ରଶିକ୍ଷଣ ଶିବିରର ପରିଚାଳନା କରିଥିଲେ ।



ଇଂ.ସଚ୍ଚିଦାନନ୍ଦ ନନ୍ଦ

# ରାମାୟଣର କେତୋଟି ସ୍ୱଳ୍ପଜ୍ଞାତ ବିଷୟ



ମନ୍ଥରାର ଶିକ୍ଷାର ଫଳସ୍ୱରୂପ କୈକେୟୀ ଦଶରଥଙ୍କ ଠାରୁ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଦୁଇଟି ବର ମାଗିନେଲେ ଯେ ଭରତ ରାଜା ହେବ ଓ ଦ୍ୱିତୀୟରେ ରାମ ଚଉଦ ବର୍ଷ ଲାଗି ବନବାସ କରିବ। ପୂର୍ବ ଦିନର ବ୍ୟବସ୍ଥା ଅନୁସାରେ ସେ ଦିନ ପ୍ରତ୍ୟୁଷରୁ ରାମ ନିଜର ପବିତ୍ର ସ୍ନାନାଦି କର୍ମ ସାରି ଅଭିଷେକ ପାଇଁ ପ୍ରସ୍ତୁତ ଥିଲେ। ଡାକରା ପାଇ କୈକେୟୀ ଓ ଦଶରଥଙ୍କ ପାଖେ ପହଞ୍ଚି ଯାହା ଦେଖିଲେ ଓ ଶୁଣିଲେ, ସେଥିରେ ତିଳେମାତ୍ର ବ୍ୟଥିତ ନହୋଇ, ତତ୍‌କ୍ଷଣାତ ବନକୁ ଯିବା ଲାଗି ବାହାରି ପଡ଼ିଲେ। ସୀତା ଏହାଶୁଣି ପଚାରିଲେ, 'ସ୍ୱାମୀ! ଆପଣ ନିଜକୁ ଯେତେ ଲୁଚାଇଲେ ମଧ ମୋ ଆଖିରୁ ଖସି ଯାଇ ପାରିବେ ନାହିଁ। ଗତକାଲି ଠାରୁ କାହିଁକି ମୋତେ ଏ କଥା କହି ନଥିଲେ ଯେ ଆପଣ ଜାଣନ୍ତି ଯେ ଆପଣ ଆଜି ରାଜା ହେବାକୁ ଯାଉ ନାହାନ୍ତି ବୋଲି। ରାମଚନ୍ଦ୍ରଙ୍କ ଉତ୍ତର ଥିଲା, ଏ ନାଟକଟି ତ ଗତକାଲି ଠାରୁ ଅଭିନୀତ ହୋଇ ନଥିଲା, କିପରି କହିଥାନ୍ତି ଓ ପିତାଙ୍କ ଆଦେଶକୁ ଅବଜ୍ଞା କରିଥାନ୍ତି?' ସୀତା କହିଲେ, ଗତ କାଲିଠାରୁ ଆଜି ଭିତରେ ଯାହା ଘଟିଗଲା, ତାହା ମଧ ଆପଣଙ୍କ ଇଚ୍ଛାରେ ହେଲା। ହେଲେ, ଆପଣ କାହିଁକି ରାଜା ହେବାକୁ ମନ କଲେନାହିଁ? ରାମଚନ୍ଦ୍ର ଯେଉଁ ଉତ୍ତର ଦେଲେ ତାହା ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ। ରାମଚନ୍ଦ୍ର କହିଲେ, 'ଆମେ ଚାରିଭାଇ ଏକା ଦିନକେ ଜନ୍ମ ହେଲୁ, ଏକା ସାଙ୍ଗରେ ଏକ ଗୁରୁଙ୍କ ପାଖରେ ରହି ପାଠ ପଢ଼ିଲୁ, ଚାରି ଜଣ ଯାକ ଏକ ସାଙ୍ଗେ ଗୁରୁକୁଳରୁ ଆସିଲୁ, ଏକ ସଙ୍ଗେ ଆମର ବିବାହ ସମ୍ପନ୍ନ ହେଲା। ସେହିପରି ଏକ ସଙ୍ଗେ ଚାରିଜଣ ଯାକ ରାଜା ହୋଇଥିଲେ ମୁଁ ରାଜା ହେବାକୁ ଇଚ୍ଛା କରିଥାଆନ୍ତି। ଯେହେତୁ କେବଳ ମୋତେ ରାଜା କରିବାକୁ ପିତା ଆଦେଶ କଲେ ମୁଁ ମୋ ଅନ୍ତରତମ ପ୍ରଦେଶରୁ ଏହା ଚାହିଁ ନଥିଲି। ତେଣୁ ଏ ନାଟକ ପରିବେଷଣ କରାଇଲି।'

ସୀତା ଠାବ କରିବାକୁ ହନୁମାନ ଯାଇ ଲଙ୍କାରେ ପହଞ୍ଚିଲା। ସେ ତ ସୀତାଙ୍କୁ ଦେଖି ନଥିଲା। କେମିତି ସୀତାଙ୍କୁ ପାଇବ, କେଉଁଠି ପାଇବ, ଏହାଭାବି ଭାବି ଯାଉ ଯାଉ ଗୋଟିଏ ଘରୁ ହରି ଶବ୍ଦ ଶୁଣାଗଲା। ଲଙ୍କାରେ ହରି ଶବ୍ଦ ତାହେଲେ ଅଛି। ସେଠାରେ ଅଟକି ଭଲ ଭାବେ ଶୁଣିଲା। ହରିନାମ ସହ ରାମ ନାମ ମଧ ଶୁଣିଲା, ତା ଆଗ୍ରହ ଆହୁରି ବଢ଼ିଲା। ଗୃହକର୍ତ୍ତା କିଏ ବୋଲି ଜାଣିବାକୁ ଇଚ୍ଛା କଲା, କାରଣ ତାଙ୍କରି ମାଧ୍ୟମରେ ସୀତା କେଉଁଠି ଅଛନ୍ତି ଜାଣିହେବ। ଦେଖିଲାବେଳକୁ ସେ ଘରଟି ବିଭୀଷଣର ଘର। ଦୁହେଁ କଥାବାର୍ତ୍ତା ହେଲେ। ବିଭୀଷଣ କହିଲା, ହେ ରାମଭକ୍ତ ହନୁମାନ, ମୁଁ ବହୁ ଦିନ ଧରି ରାମ ନାମ କରି ଆସୁଅଛି, କିନ୍ତୁ ରାମଙ୍କର ମୋ ଉପରେ କୃପା ନାହିଁ। ମୁଁ ତ ଅସୁର ବଂଶରେ ଜନ୍ମ। ମୁଁ କ'ଣ ତାଙ୍କ କୃପା ଲାଭ କରି ପାରିବି?



ହନୁମାନ କହିଲା, ହେ ବିଭୀଷଣ, ତୁମେ ତ ଅସୁର ଘରେ ଜନ୍ମ, ମୋତେ ଦେଖ, ମୁଁ ପରା ମାଙ୍କଡ଼ ଓ ମୁଁ ଯଦି ରାମକୃପା ଲାଭ କରିପାରିଲି ତୁମେ କାହିଁକି ନପାରିବ? କିନ୍ତୁ ଗୋଟିଏ କଥା ମନେରଖ, କେବଳ ରାମ ନାମ କଲେ କୃପା ବିଳମ୍ବିତ ହୋଇଯାଇପାରେ, ଯଦି ଶୀଘ୍ର କୃପା ପାଇବାକୁ ଚାହୁଁଛ ତେବେ ରାମ ନାମ ସହ ରାମ କାମ ମଧ କରିବାକୁ ହେବ। ସୀତା କେତେ ଦିନ ହେଲା ଏଠାକୁ ଆସିଲେଣି, ତୁମେ କେବେ ତାଙ୍କୁ ଭେଟିଲଣି, ଆଶ୍ୱାସନା ଦେଲଣି, ତାଙ୍କ ଦର୍ଶନ ଲାଭ କଲଣି କି? ବିଭୀଷଣକୁ ଭଲ ଶିକ୍ଷାଟିଏ ହେଲା। ସେ କହିଲା, 'ହନୁମାନ ପ୍ରକୃତରେ ମୁଁ ଏସବୁ କିଛି କରିନାହିଁ ଖାଲି ଘରେ ବସି ତାଙ୍କ ନାମ କରୁଛି। ଏବେ ଠାରୁ ତୁମ କଥା ମାନି ତାଙ୍କ ନାମ ସହ ତାଙ୍କ କାମ କରିବାରେ ଲାଗିବି। ମୋର ରାମ କୃପା ଆବଶ୍ୟକ।' ରାମ ରାବଣ ଯୁଦ୍ଧ ଚାଲିଥିବା ସମୟର କଥା। ପ୍ରତିଦିନ ସଂଧ୍ୟା ହେଲେ ଯୁଦ୍ଧ ବନ୍ଦ ହୁଏ, ପରଦିନ ସୂର୍ଯ୍ୟୋଦୟରେ ପୁନଶ୍ଚ ଯୁଦ୍ଧ ଆରମ୍ଭ ହୁଏ। ସଂଧ୍ୟା ସମୟରେ ସେନାମୁଖ୍ୟମାନେ ରାମଚନ୍ଦ୍ରଙ୍କ ପାଖରେ ଏକତ୍ର ହୁଅନ୍ତି। ରାମଚନ୍ଦ୍ର ବିଭିନ୍ନ ପ୍ରକାର କଥା ପକାଇ ସେମାନଙ୍କ ମନରେ ଆସନ୍ତା କାଲି ଯୁଦ୍ଧ ପାଇଁ ବଳ ଦେବା ପାଇଁ ଉତ୍ସାହ, ଉଦ୍ଦୀପନା ସୃଷ୍ଟି କରାନ୍ତି। ଥରେ ଏହି ଭଳି ଏକ ସଂଧ୍ୟାରେ ଲକ୍ଷ୍ମଣଙ୍କ ଜଙ୍ଘରେ ମୁଣ୍ଡରଖି ଆକାଶକୁ ଚାହିଁ ରାମଚନ୍ଦ୍ର ଶୋଇଥିଲେ। ଆକାଶରେ ଚନ୍ଦ୍ର ଶୋଭା ପାଉଥିଲା। ତାକୁ ଦେଖି ରାମଚନ୍ଦ୍ର ସୁଗ୍ରୀବକୁ ପଚାରିଲେ, 'ଚନ୍ଦ୍ରରେ ଯେଉଁ କଳା ଦାଗ ଦେଖାଯାଉଛି ତାହା ବାବଦରେ କ'ଣ ଜାଣିଛ?' ସୁଗ୍ରୀବ କହିଲେ ସେହି ଠେକୁଆ କାହାଣୀ। ଏହାପରେ ରାମଚନ୍ଦ୍ର ବିଭୀଷଣକୁ ସେହି ଏକା ପ୍ରଶ୍ନ ପଚାରିଲେ। ବିଭୀଷଣ କହିଲେ, ଚନ୍ଦ୍ରରେ ଯେଉଁ ଖାଲୁଆ ସ୍ଥାନଗୁଡ଼ିକ ଅଛି ସେଥିରେ ସୂର୍ଯ୍ୟ କିରଣ ନ ପଡ଼ିବାରୁ ତାହା ଅନ୍ଧାରିଆ ରହି କଳା କଳା ଦେଖାଯାଉଛି। ଏହାପରେ ରାମଚନ୍ଦ୍ର ହନୁମାନଙ୍କୁ ପଚାରିଲେ, ହନୁମାନ ତୁମେ ଜାଣିଛ କି ଏ ଦାଗ ଗୁଡ଼ିକ କ'ଣ? ହନୁମାନ କହିଲେ 'ପ୍ରଭୁ ମୁଁ ଜାଣିଛି। ରାମଚନ୍ଦ୍ର କହିଲେ ତେବେ କହୁନ କାହିଁକି? ହନୁମାନ କହିଲେ ମୋତେ କହିବାକୁ ଆଦେଶ ହୋଇ ନଥିଲା ବୋଲି କହୁ ନଥିଲି, ଏବେ କହିବି। ରାମଚନ୍ଦ୍ର ତଥା ଅନ୍ୟ ସମସ୍ତେ ହନୁମାନର ଉତ୍ତରକୁ ଅପେକ୍ଷା କରିଥାନ୍ତି।



ହନୁମାନ କହିଲେ, 'ପ୍ରଭୁ, ଚନ୍ଦ୍ର ଗୋଟିଏ ଦର୍ପଣ ଭଳି ଉଜ୍ଜ୍ୱଳ ପଦାର୍ଥ। ଆପଣ ତା ଆଡ଼କୁ ମୁହଁ କରି ଶୋଇଛନ୍ତି। ଆପଣଙ୍କ ରଙ୍ଗ ଶ୍ୟାମଳ ଦୁର୍ବାଦଳ ଭଳି। ଚନ୍ଦ୍ରର ସେ କଳା ଦାଗ ଆପଣଙ୍କ ମୁଖର ପ୍ରତିଫଳନ ବିନା ଅନ୍ୟ କିଛି ନୁହେଁ।' ଏ ଉତ୍ତର ଶୁଣି ସେଠାରେ ଥିବା ସମସ୍ତେ ଉପଲବ୍ଧି କଲେ, ହନୁମାନଙ୍କ ଭକ୍ତି କେତେ ଉଚ୍ଚତର। ସେ ସର୍ବତ୍ର ରାମ ଦର୍ଶନ ହିଁ କରୁଥିଲେ। ତାଙ୍କ ମୁହଁରୁ ଏହି ଉତ୍ତର ବାହାର କରି ପ୍ରଭୁ, ରାମଚନ୍ଦ୍ର ହନୁମାନର ଭକ୍ତକୁ ସର୍ବସମକ୍ଷରେ ପ୍ରଶଂସନୀୟ କରିଦେଲେ।

ରାବଣ ରାମଚନ୍ଦ୍ରଙ୍କ ଶରାଘାତରେ ଭୂତଳ ଶାୟୀ ହୋଇପଡ଼ି ରହିଥାଏ, କିଛି ସମୟ ଭିତରେ ତା'ର ପ୍ରାଣପକ୍ଷୀ ଚାଲି ଯିବା ଭଳି ଜଣାପଡୁଥାଏ। ଏହି ସମୟରେ ରାମଚନ୍ଦ୍ର ଲକ୍ଷ୍ମଣକୁ ଡାକି କହିଲେ, 'ଲକ୍ଷ୍ମଣ, ରାବଣ ଜଣେ ଭଲ ଶାସକ ଥିଲା, ଆମେ ତ ରାଜ୍ୟ ଶାସନ କରିନେ, ଅଯୋଧ୍ୟା ଫେରିଲା ପରେ ଆମ ଉପରେ ସେ ଦାୟିତ୍ୱ ପଡ଼ିବା ଯାଅ, ରାବଣକୁ ରାଜ୍ୟ ଶାସନ ବିଷୟରେ କିଛି ପରାମର୍ଶ ମାଗ।' ଲକ୍ଷ୍ମଣ ନିଜ ଇଚ୍ଛା ବିରୁଦ୍ଧରେ, କେବଳ ଭାଇଙ୍କ ଆଦେଶ ମାନି, ରାବଣ ପଡ଼ି ଥିବା ସ୍ଥାନକୁ ଗଲା ତା'ମୁହଁ ପାଖେ ବସି ରାମଚନ୍ଦ୍ର କହିଥିବା କଥା କହିଲା। ରାବଣ କିଛି କହିଲା ନାହିଁ। ଦୁଇଥର ପଚାରିବା ସତ୍ତ୍ୱେ ସେ କିଛି ଉତ୍ତର ଦେଲାନାହିଁ। ଲକ୍ଷ୍ମଣ ଫେରି ଆସି ଭାଇଙ୍କୁ ତାହା ଜଣାଇଲା। ରାମଚନ୍ଦ୍ର କହିଲେ, ଲକ୍ଷ୍ମଣ, ରାବଣ ଏ ପର୍ଯ୍ୟନ୍ତ ମରିନାହିଁ, ସେ ଯେ ପର୍ଯ୍ୟନ୍ତ ମରିନାହିଁ ସେ ପର୍ଯ୍ୟନ୍ତ ସେ ରାଜା। ଜଣେ ରାଜା ସହିତ ଯେପରି କଥାବାର୍ତ୍ତା କରିବାକୁ ହୁଏ ତୁମେ ସେପରି କରିନାହଁ। ଆଉଥରେ ଯାଅ, ତାକୁ ରାଜୋଚିତ ବ୍ୟବହାର ଦେଇ ପଚାର, ସେ ଉତ୍ତର ଦେବ। ଲକ୍ଷ୍ମଣ ଆଉଥରେ ଗଲେ, ଏଥର ପାଖେ ବସି ନମ୍ରତାର ସହ ସେହି ପୁରୁଣା ପ୍ରଶ୍ନ ପଚାରିଲେ। ରାବଣ ଉତ୍ତର ଦେଇଥିଲା। କହିବାର କଥା ଭଗବାନ ରାମଚନ୍ଦ୍ର ନିଜର ପରମ ଶତ୍ରୁ ଠାରୁ ମଧ ଔଶତ୍ୟ ଜ୍ଞାନ ହରାଇ ନଥିଲେ। ଶତ୍ରୁଠାରୁ ଥିବା ଭଲ ଗୁଣକୁ ସମ୍ମାନ ଦେଉଥିଲେ। କଥାବାର୍ତ୍ତା କରିବାରଶୈଳୀ ନିଜ ଭାଇକୁ ମଧ ଶିକ୍ଷା ଦେଲେ।

*ଅଲିଶା ବଜାର, କଟକ*
*ଦୂରଭାଷ : ୯୪୩୭୫୧୧୨୩୦*



### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ 'କୃତ୍ରିମ ବୁଦ୍ଧିମତା'ର ପ୍ରୟୋଗ ନେଇ ଭୁବନେଶ୍ୱର ଏମ୍ସ-ଆଇଆଇଟି ମଧ୍ୟରେ ବୁଝାମଣାପତ୍ର

## ଚିକିତ୍ସା ବିଜ୍ଞାନରେ ଯୋଡିହେବ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ମେସିନ୍ ଲର୍ଣ୍ଣିଂ ଟେକ୍ନୋଲୋଜି

**ଭୁବନେଶ୍ୱର :** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ତଥା ଏହି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ)ର ପ୍ରୟୋଗ କରି ଏକ ନୂତନ ସଂଚାର ସୃଷ୍ଟି ଲକ୍ଷ୍ୟରେ ଦୁଇ ପ୍ରମୁଖ ଜାତୀୟ ଅନୁଷ୍ଠାନ ଏମ୍ସ ଭୁବନେଶ୍ୱର ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟରେ ପ୍ରଥମ କରି ଦୁଇ ପ୍ରମୁଖ ଅନୁଷ୍ଠାନ ମଧ୍ୟରେ ଗତକାଲି ହୋଇଥିବା ଏହି ବୁଝାମଣା ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ସମ୍ମିଶ୍ରଣ ଘଟିବ। ଏହା ସ୍ୱାସ୍ଥ୍ୟସେବାକୁ ଏକ ନୂତନ ଦିଶା ଦେବା ସହିତ ବିଭିନ୍ନ କ୍ଷେତ୍ରରେ ଗବେଷଣା ଓ ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରିବ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏବଂ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଶ୍ରୀପଦ କରମାଲକର ଏହି ଏମଓୟୁ ସ୍ୱାକ୍ଷର କରିଛନ୍ତି। ସାଧାରଣଲୋକଙ୍କ ହିତ ପାଇଁ ଉଭୟ ଅନୁଷ୍ଠାନ ରୋଗର ତ୍ୱରିତ ଚିହ୍ନଟ, ଶୀଘ୍ର ନିରାକରଣ, କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଏବଂ ତଥ୍ୟର ବିଶ୍ଳେଷଣ, ଜୈବ ପ୍ରାଦ୍ୟୋଗିକ ଜ୍ଞାନକୌଶଳ, ରୋଗର ପୂର୍ବାନୁମାନ କୌଶଳ ସୃଷ୍ଟି, ଡିଜିଟାଲ ସ୍ୱାସ୍ଥ୍ୟ, ଚିକିତ୍ସା କ୍ଷେତ୍ର ନିମନ୍ତେ ବିଭିନ୍ନ ଉପକରଣର ବିକାଶ ଏବଂ ଏହି କ୍ଷେତ୍ରରେ ଉନ୍ନତ ଗବେଷଣା ନିମନ୍ତେ ସହଯୋଗ କରିବାକୁ ସହମତ ହୋଇଛନ୍ତି। ରାଜ୍ୟରେ ପ୍ରଥମ କରି ହୋଇଥିବା ଏପରି ପ୍ରୟାସ ଜନସ୍ୱାସ୍ଥ୍ୟ ଏବଂ ରୋଗୀ ଚିକିତ୍ସା କ୍ଷେତ୍ରରେ ରହିଥିବା ବିଭିନ୍ନ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ନୂତନ ମାର୍ଗ ପ୍ରସ୍ତୁତ କରିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ରୋଗର ନିରାକରଣ ଏବଂ ଚିକିତ୍ସାରେ ବେଶ ସହାୟକ ହେବବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ଏହି ବୁଝାମଣା ଫଳରେ ବିଭିନ୍ନ ରୋଗର ଚିହ୍ନଟ, ଚିକିତ୍ସାଉପକରଣ, ଆପ୍, ପରିଧାନଯୋଗ୍ୟ ସେନ୍ସର ବିକାଶ, ପ୍ରତିଛବିଭିତ୍ତିକ ନିରାକରଣ(ଇମେଜିଂ) ଆଦି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗକୁ ସୁଦୃଢ଼ କରିବ। ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଏପରି ବୁଝାମଣାକୁ ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମନସୁଖ୍ ମାଣ୍ଡଭିୟ ସର୍ବଦା ଉତ୍ସାହିତ କରିଥାଆନ୍ତି। ସଫଳତାର ସହିତ ଏହି ଏମଓୟୁ ସ୍ୱାକ୍ଷରିତ ହେବାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ତେଣୁ ଉଭୟ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଡ. ବିଶ୍ୱାସ। ଏପରି ନିଆରା ବୁଝାମଣାରେ ଖୁସି ପ୍ରକଟ କରିବା ସହିତ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଶ୍ରୀପଦ୍ କରମଲକର କହିଛନ୍ତି ଯେ ଆଇଆଇଟି ଭୁବନେଶ୍ୱର ଏବଂ ଏମ୍ସ ସାମୂହିକ ଭାବେ ସମ୍ଭାବ୍ୟ ପାରସ୍ପରିକ ଭାଗିଦାରୀ ଉପରେ ଦୃଷ୍ଟି ରଖିଛନ୍ତି। ଏହି ଦୁଇଟି ଅନୁଷ୍ଠାନ ମଧ୍ୟରେ ହୋଇଥିବା ବୁଝାମଣା ରାଜ୍ୟ ତଥା ସମଗ୍ର ଦେଶରେ ସାମାଜିକ ପ୍ରଭାବ ବୃଦ୍ଧି କରିବ। ଜନହିତକର କାର୍ଯ୍ୟ ପାଇଁ ଏହି ପ୍ରୟାସ ବେଶ ସଫଳ ହେବ। ଏପରି ଏମଓୟୁକୁ ଉତ୍ସାହିତ କରିଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ଶ୍ରୀ କରମଲକର। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏପରି ଜ୍ଞାନକୌଶଳର ପ୍ରୟୋଗ ଠୋସ୍ ଫଳାଫଳ ଆଣିବା ନେଇ ଶତପ୍ରତିଶତ ପ୍ରୟାସ କରାଯିବ ବୋଲି କହିଛନ୍ତି ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ। ଅସ୍ଥିଶଲ୍ୟ, ରେଡିଓଲୋଜି, କର୍କଟ ଭଳି ବିଭିନ୍ନ ବିଭାଗରେ କୃତ୍ରିମ ବୁଦ୍ଧିମତାର ପୟୋଗ ଫଳରେ ବେଳ ଥାଉ ଥାଉ ସ୍ତନ କର୍କଟ ଭଳି ରୋଗକୁ ମଧ ଚିହ୍ନଟ କରାଯାଇପାରିବ। ଯାହାକି ଏହାର ଚିକିତ୍ସାକୁ ସହଜ କରିବ। ସେହିପରି ଉଭୟ ଅନୁଷ୍ଠାନ ଏକ ଉତ୍ସର୍ଗୀକୃତ ଅତ୍ୟାଧୁନିକ ଗବେଷଣାଗାର ବିକାଶ ଉପରେ ଧ୍ୟାନ ଦେବେ। ଏହି ଅବସରରେ ଏମ୍ସ ଭୁବନେଶ୍ୱର ଷ୍ଟାଣ୍ଡିଂ ଏକାଡେମିକ୍ କମିଟିର ଅଧକ୍ଷ ପ୍ରଫେସର ଯୋଗେଶ କେ ଚାୱଲା, ମେଡିକାଲ୍ ଅଧିକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ସହଯୋଗୀ ଡିନ୍ (ଅନୁସନ୍ଧାନ) ଡ. ଭାଗିରଥୀ ଦ୍ୱିବେଦୀ, ଭେଷଜ ବିଭାଗ ମୁଖ୍ୟ ଡ. ଅନୁପମ ଦେ, ଭାରପ୍ରାପ୍ତ ଡିଡିଏ ରଶ୍ମୀରଂଜନ ସେଠୀ, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଦିନାକର ପାସ୍ଲା, ପି କେ ସାହୁ, ବ୍ରହ୍ମ ଦେଓ ଏବଂ ଟି ଭି ସତ୍ୟମ ପ୍ରମୁଖ ଉପସ୍ଥିତ ଥିଲେ।



## କଟକ ଜିଲ୍ଲାରେ ୮୮ ହଜାର ଶ୍ରମିକ ନିଖୋଜ

**କଟକ :** କଟକ ଜିଲ୍ଲାରେ କୋଭିଡ ସମୟରେ ନାମ ପଂଜୀକରଣ କରିଥିବା ୮୮ ହଜାର ଶ୍ରମିକ କୁଆଡ଼େ ଗଲେ? ତିନି ବର୍ଷ ହେଲା ସେମାନଙ୍କ ପତ୍ତା ମିଳୁନି କାହିଁକି? ସେମାନଙ୍କ ପାଇଁ ଆସିଥିବା ୧୧ କୋଟି ୪୨ ଲକ୍ଷ ୪୭ ହଜାର ୫ଶହ ଟଙ୍କା କେଉଁ ବାଟରେ ବିନିଯୋଗ ହେଲା? ଏଭଳି ଅନେକ ପ୍ରଶ୍ନ ଏବେ ଶ୍ରମିକଙ୍କ ନାମ ପଂଜୀକରଣକୁ ନେଇ ହୋଇଥିବା ବଡ଼ କେଲେଙ୍କାରୀର ସୂଚନା ଦେଉଛି। ନାମ ପଂଜୀକରଣ ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ୧୧ ହଜାର ୮୫୧ ଜଣ ଶ୍ରମିକ ପ୍ରାପ୍ୟ ନେବାକୁ ନ ଆସିବାରୁ ୧ କୋଟି ୭୭ ଲକ୍ଷ ଟଙ୍କା ଫେରି ଆସିଛି। କିନ୍ତୁ ବିଭିନ୍ନ ବ୍ଲକକୁ ଶ୍ରମ ବିଭାଗ ସଂପୂର୍ଣ୍ଣ ତଥ୍ୟ ମାଗି ଚାଲିଥିଲେ ବି ଜିଲ୍ଲାର ୫ଟି ବ୍ଲକ୍, ଚୌଦ୍ୱାର ପୌରପାଳିକା, ଆଠଗଡ଼ ଓ ବାଙ୍କୀ ଏନ୍‌ଏସି ପକ୍ଷରୁ ହିସାବ ଦିଆଯାଉନି। ତଥ୍ୟ ଅନୁସାରେ, କଟକ ଜିଲ୍ଲାରେ ୧ ଲକ୍ଷ ୮୭ ହଜାର ୫୩୧ ଶ୍ରମିକ ନାମ ପଞ୍ଜୀକରଣ କରିଥିଲେ। କୋଭିଡ୍ ସମୟରେ କାମଧନ୍ଦା ପାଇଁ ଶ୍ରମିକ ହନ୍ତସନ୍ତ ହୋଇଥିବା ବେଳେ ବାହାର ରାଜ୍ୟକୁ କାମ ପାଇଁ ଯାଇଥିବା ଶ୍ରମିକ ଗାଁକୁ ଫେରି ଆସିଥିଲେ। ସେମାନଙ୍କ ଆର୍ଥିକ ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ପ୍ରତି ଶ୍ରମିକ ପିଛା ୧୫ଶହ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। କଟକ ଜିଲ୍ଲାକୁ ସହାୟତା ପ୍ରଦାନ ନିମନ୍ତେ ୧ ଲକ୍ଷ ୮୭ ହଜାର ୫୩୧ ଜଣ ଶ୍ରମିକଙ୍କ ପାଇଁ ୨୮ କୋଟି ୧୨ ଲକ୍ଷ ୯୬ ହଜାର ୫୦୦ ଟଙ୍କା ଆସିଥିଲା। ଏହା ସବୁ ବ୍ଲକ୍ର ବିଡିଓଙ୍କ ସମେତ ସିଏମ୍‌ସି, ପୌରପାଳିକା ଓ ଏନ୍‌ଏସିକୁ ଦିଆଯାଇଥିଲା। ସେମାନଙ୍କୁ ଶ୍ରମିକଙ୍କ ତାଲିକା ସହ ଉକ୍ତ ଟଙ୍କା ଦିଆଯାଇଥିଲା। ସେମାନେ ତାଲିକା ଅନୁସାରେ ଟଙ୍କା ବାଣ୍ଟିବା ସହ କେତେଜଣ ଶ୍ରମିକଙ୍କୁ କେତେ ଟଙ୍କା ବଣ୍ଟନ କରାଗଲା ଓ କେତେ ଟଙ୍କା ବଳକା ରହିଲା ସେସବୁର ତଥ୍ୟ ଶ୍ରମ ବିଭାଗ ପାଖରେ ଦାଖଲ କରିବା କଥା। କଟକ ଜିଲ୍ଲାରେ ୧୪ଟି ବ୍ଲକ୍ ମଧ୍ୟରୁ ୯ଟି ବ୍ଲକ୍ ବଣ୍ଟନ କରିଥିବା ଟଙ୍କା ଓ ବଳକା ଟଙ୍କାର ତଥ୍ୟ ଦେବା ସହିତ ବଳକା ଟଙ୍କା ମଧ ଫେରସ୍ତ କରିଛନ୍ତି। ହେଲେ ନିଆଳି, ବଡମ୍ବା, ନରସିଂହପୁର, ବାଙ୍କୀ ଓ ବାଙ୍କୀ-ଡ଼ମପଡା ବ୍ଲକ୍ ଏହି ତଥ୍ୟ ଦେଉ ନାହାନ୍ତି। ବାରମ୍ବାର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଚିଠି ଗଲେ ମଧ ତାହାକୁ ସଂପୃକ୍ତ ୫ଟି ବ୍ଲକ୍ ଖାତିର କରୁନାହାନ୍ତି। ମାର୍ଚ୍ଚ ସରିଥିଲେ ବି ୟୁ.ସି ଓ ବଳକା ଟଙ୍କା ଫେରସ୍ତ କରାଯାଉ ନଥିବାରୁ ଏବେ ଜିଲ୍ଲା ଶ୍ରମ ବିଭାଗର ବି ସମସ୍ୟା ବଢିଛି। ବଡ଼ମ୍ବାର ୨୫,୮୬୨ ଶ୍ରମିକଙ୍କ ପାଇଁ ୩ କୋଟି ୮୭ ଲକ୍ଷ ୯୩ ହଜାର ଟଙ୍କା ଦିଆଯାଇଥିଲା ବେଳେ ନିଆଳିକୁ ୫୩୧୫ ଶ୍ରମିକଙ୍କ ପାଇଁ ୭୯ ଲକ୍ଷ ୭୨ ହଜାର ୫୦୦ ଟଙ୍କା, ନରସିଂହପୁରକୁ ୨୬ ହଜାର ୫୭୭ ଶ୍ରମିକଙ୍କ ପାଇଁ ୩ କୋଟି ୯୮ ଲକ୍ଷ ୬୫ ହଜାର ୫୦୦ ଟଙ୍କା, ବାଙ୍କୀକୁ ୯୯୯୩ ଶ୍ରମିକଙ୍କ ପାଇଁ ୧ କୋଟି ୪୯ ଲକ୍ଷ ୮୯ ହଜାର ୫ଶହ ଟଙ୍କା, ବାଙ୍କୀ-ଡମପଡ଼ାର ୫୦୦୭ ଶ୍ରମିକଙ୍କ ପାଇଁ ୭୫ ଲକ୍ଷ ୫୧ ହଜାର ୫୦୦ ଟଙ୍କା, ଚୌଦ୍ୱାର ପୌରପାଳିକାର ୧୪୮୦ ଶ୍ରମିକଙ୍କ ପାଇଁ ୨୨ ଲକ୍ଷ ୨୦ ହଜାର ଟଙ୍କା, ଆଠଗଡ଼ ଏନ୍‌ଏସିର ୧୧୪୭ ଶ୍ରମିକଙ୍କ ପାଇଁ ୧୭ ଲକ୍ଷ ୨୦ ହଜାର ୫୦୦ ଟଙ୍କା, ବାଙ୍କୀ ଏନ୍‌ଏସିର ୭୮୪ ଶ୍ରମିକଙ୍କ ପାଇଁ ୧୧ ଲକ୍ଷ ୭୬ ହଜାର ଟଙ୍କା ତିନି ବର୍ଷ ହେଲାଣି ଦିଆଯାଇଛି। କିନ୍ତୁ ତାହାର ବିନିଯୋଗ ସଂପର୍କିତ ତଥ୍ୟ ଦିଆଯାଉ ନଥିବାରୁ ଏହା ପଛରେ ଥିବା କେଲେଙ୍କାରୀକୁ ନେଇ ସନ୍ଦେହ ବଢିବାରେ ଲାଗିଛି। ୧୧ କୋଟି ୪୨ ଲକ୍ଷ ଟଙ୍କା କୁଆଡେ ଗଲା, ତାହାର ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ହୁଏତ ଦୁର୍ନୀତିର ପର୍ଦ୍ଦାଫାସ ହେବ ବୋଲି ଆଶା କରାଯାଉଛି।



# ଶ୍ରୀଗୁଣ୍ଡିଚାରୁ ଆରମ୍ଭ ହେବ ବାଗ୍‌ଚୀ-ଶ୍ରୀ ଶଙ୍କର କ୍ୟାନ୍ସର ହସ୍ପିଟାଲ୍ ଓ ଗବେଷଣା କେନ୍ଦ୍ର



**ଭୁବନେଶ୍ୱର :** ଆସନ୍ତା ଶ୍ରୀଗୁଣ୍ଡିଚାରୁ ବାଗ୍‌ଚୀ-ଶ୍ରୀଶଙ୍କର କ୍ୟାନ୍ସର ହସ୍ପିଟାଲରେ ଆରମ୍ଭ ହେବ ରୋଗୀ ସେବା। ଏହା ପୂର୍ବରୁ ହସ୍ପିଟାଲର ନବନିର୍ମିତ ଗୃହର ପୂଜା ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କାର୍ତ୍ତିକେୟନ ପାଣ୍ଡିଆନ ଆଜି ଭୁବନେଶ୍ୱର ଇନଫୋଭ୍ୟାଲି-୨ ସ୍ଥିତ ବାଗ୍‌ଚୀ-ଶ୍ରୀ ଶଙ୍କର କ୍ୟାନ୍ସର ହସ୍ପିଟାଲ୍ ଓ ଗବେଷଣା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଏହି ଅଧିକାରୀମାନେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ତଥା ହସ୍ପିଟାଲର ପ୍ରମୁଖ ଟ୍ରଷ୍ଟି ସୁବ୍ରତୋ ବାଗ୍ଚୀ ଏବଂ ହସ୍ପିଟାଲ ପ୍ରତିଷ୍ଠାତା ଡ. ସାଇନାଥଙ୍କ ସହ ହସ୍ପିଟାଲର ନିର୍ମାଣ ଓ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା କାର୍ତ୍ତିକେୟନ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ, ସୁବ୍ରତୋ ବାଗ୍‌ଚୀଙ୍କ ସହଧର୍ମିଣୀ ତଥା ମୋ ସ୍କୁଲ୍‌ର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଉପସ୍ଥିତ ଥିଲେ। ଡଃ ସାଇନାଥ ଏହାର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ମାତ୍ର ଏକ ବର୍ଷ ତିନି ମାସ ମଧ୍ୟରେ ଏହି ଡାକ୍ତରଖାନାର ନିର୍ମାଣକାର୍ଯ୍ୟ ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କ୍ୟାନ୍ସର ହସ୍ପିଟାଲ ସ୍ଥାପନ ଲାଗି ଆମକୁ ଉତ୍ସାହିତ କରିବା ଏବଂ ରାଜ୍ୟ ସରକାରଙ୍କ ସହଯୋଗ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଯଦିଓ ପ୍ରଥମେ ଦୂରତା ଓ ଆନୁଷଙ୍ଗିକ ଆବଶ୍ୟକତା ଦୃଷ୍ଟିରୁ ଆମେ ଏଠାରେ ଡାକ୍ତରଖାନା ସ୍ଥାପନ ପାଇଁ କୁଣ୍ଠିତ ଥିଲୁ, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କର ଓଡ଼ିଶାରେ ଏକ ଅତ୍ୟାଧୁନିକ କ୍ୟାନ୍ସର ହସ୍ପିଟାଲ୍ ପ୍ରତିଷ୍ଠା କରିବାର ଲକ୍ଷ୍ୟ ଏବଂ ଓଡ଼ିଶାବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାରେ ପ୍ରତିବଦ୍ଧତା ଏ ଦିଗରେ ଆମକୁ ଉତ୍ସାହିତ କରିଥିଲା। ୨୦ ଏକର ପରିମିତ ଜାଗା ଆମକୁ ବିନା ଅସୁବିଧାରେ ମିଳିଥିଲା। ମୁଖ୍ୟମନ୍ତ୍ରୀ ଏଠାରେ ୭୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହାକି ପୂରଣ ହେବାକୁ ଯାଉଛି। ବର୍ତ୍ତମାନ ତଳ ମହଲା ବ୍ୟତୀତ ଏଠାରେ ୬ ମହଲା ବିଶିଷ୍ଟ କୋଠା ନିର୍ମାଣ ହୋଇଛି। ପ୍ରତି ମହଲାରେ ୧୫ ହଜାର ବର୍ଗ ଫୁଟ ସ୍ଥାନ ରହିଛି ଏବଂ ଏହି ଡାକ୍ତରଖାନାରେ ଡାକ୍ତର, ରୋଗୀ ତଥା ରୋଗୀ ସମ୍ପର୍କୀୟଙ୍କ ଯାତାୟତ ପାଇଁ ବ୍ୟାପକ ସୁବିଧା ସୁଯୋଗ ରହିଛି। ଓଡ଼ିଶା ସରକାର ଓ ସବୁ ମହଲରୁ ସହଯୋଗ ଯୋଗୁଁ ଡାକ୍ତରଖାନା କାର୍ଯ୍ୟ ସଫଳତାର ସହ ଆରମ୍ଭ ହେବାକୁ ଯାଉଛି। ଏଠାରେ କର୍କଟ ରୋଗ ଚିକିତ୍ସା ସମ୍ପର୍କିତ ମେଡିକାଲ ଅଙ୍କୋଲୋଜି, ରେଡିଏସନ ଅଙ୍କୋଲୋଜି, ସର୍ଜିକାଲ ଅଙ୍କୋଲୋଜି ଆଦି ବିଭିନ୍ନ ବିଭାଗ ପ୍ରସ୍ତୁତ କରାଯାଉଛି। ଏହି ଡାକ୍ତରଖାନା ଦ୍ୱାରା ଆଗାମୀ ଦିନରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାରଖଣ୍ଡ, ଛତିଶଗଡ଼ ଆଦି ପଡ଼ୋଶୀ ରାଜ୍ୟର କର୍କଟ ରୋଗୀ ଚିକିତ୍ସା ପାଇବେ ବୋଲି ଡକ୍ଟର ସାଇନାଥ ପ୍ରକାଶ କରିଛନ୍ତି।

# ରଥଯାତ୍ରା ପୂର୍ବରୁ ସରିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ



**ପୁରୀ :** ପାଖେଇ ଆସିଲାଣି ଘୋଷଯାତ୍ରା। ପୁରୀରେ ଜମିବ ଲକ୍ଷାଧିକ ଭକ୍ତଙ୍କ ଭିଡ଼। ରଥଯାତ୍ରା ପୂର୍ବରୁ ସରିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବିଶେଷ କାର୍ଯ୍ୟ। ତେଣୁ ଜୋରସୋରରେ କାମରେ ଲାଗିପଡ଼ିଛନ୍ତି ବିଭାଗୀୟ ଅଧିକାରୀ। ଶ୍ରୀଜଗନ୍ନାଥ ଧାମର ବିକାଶ ତଥା ଆଗାମୀ ହଜାର ହଜାର ବର୍ଷ ପାଇଁ ଏହି ଉନ୍ନତି ମୂଳକ କାର୍ଯ୍ୟ ସଭିଏଁ ମନେ ରଖିବେ। ତେଣୁ ଶ୍ରୀକ୍ଷେତ୍ରର ବିକାଶ ଦିଗରେ ସମସ୍ତଙ୍କ ସହଯୋଗ ରହିଥିବା କହିଛନ୍ତି ପ୍ରଶାସନିକ ଅଧିକାରୀ। ତେବେ ଆସନ୍ତା ୨୩ ତାରିଖ ଅକ୍ଷୟ ତୃତୀୟ ରହିଥିବାରୁ ଏହା ପୂର୍ବରୁ ବଡ଼ଦାଣ୍ଡ ରଥଖଳାର କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀକ୍ଷେତ୍ରରେ ଚାଲୁଥିବା ବିକାଶମୂଳକ ପଦକ୍ଷେପ ମଧ୍ୟରୁ ଶ୍ରୀମନ୍ଦିର ଐତିହ୍ୟ କରିଡର ହେଉଛି ସର୍ବ ବୃହତ। ଏହି ପ୍ରକଳ୍ପକୁ ରଥଯାତ୍ରା ପୂର୍ବରୁ ସାରିବାକୁ ପରିଚାଳନା ବୈଠକରେ ମତ ପ୍ରକାଶ ପାଇଛି। ତେଣୁ ଯାତ୍ରା ପୂର୍ବରୁ ଶେଷ କରିବାକୁ ପ୍ରଶାନିକସ୍ତରରେ ପଦକ୍ଷେପ ନିଆଯାଉଛି। ଏଥିପାଇଁ ସରକାରୀ ସ୍ତରରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଯାହାକୁ ପ୍ରଶଂସା କରିଛନ୍ତି ସାଧାରଣ ଜନତା ଓ ବୁଦ୍ଧିଜୀବୀ। ପ୍ରକଳ୍ପ ନିର୍ମାଣ ଘୋଷଯାତ୍ରା ପୂର୍ବରୁ ଶେଷ କରିବା ନେଇ ଟାର୍ଗେଟ ରହିଥିବା ବେଳେ କୋଟି କୋଟି ଭକ୍ତ ଏହାର ସୁବିଧା ଉଠାଇବା ସହ ରଥଯାତ୍ରା ଶୃଙ୍ଖଳିତ ଭାବେ ସମାପନ କରିବାକୁ ସବୁ ସ୍ତରରେ ଆରମ୍ଭ ହୋଇଛି ଉଦ୍ୟମ।

# ମହାବୀର ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଳିତ



**ଭୁବନେଶ୍ୱର :** ନୀଳାଦ୍ରି ବିହାର ସେକ୍ଟର-୨ ସ୍ଥିତ ଶ୍ରୀଶ୍ରୀ ମହାବୀର ମନ୍ଦିରରେ ମହାବୀର ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି ରୀତିନିତି ଅନୁସାରେ ଅନୁଷ୍ଠିତ ହେବା ସହ ଏହାର ପୂର୍ଣ୍ଣାହୁତି ଦିଆଯାଇଥିଲା। ସକାଳେ ମଙ୍ଗଳ ଆଳତୀ, ସୂର୍ଯ୍ୟ ପୂଜା, ବାଲ୍ୟଭୋଗ, ବ୍ୟାସ ପୂଜା, ଗ୍ରନ୍ଥ ପୂଜା ପରେ ସମୂହ ସୁନ୍ଦରାକାଣ୍ଡ ଓ ହୋମଯଜ୍ଞ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବା ସହିତ ସଂଧ୍ୟାରେ ଭଜନ ସମାରୋହ ଉପଭୋଗ କରିଥିଲେ। ଶ୍ରୀଶ୍ରୀ ମହାବୀର ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ତଥା କର୍ତ୍ତା ଧୀରେନ୍ଦ୍ର ରାଏ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଉପସ୍ଥିତ ୨ ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

# ଆଇଟିଏଫ୍ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଉଦଯାପିତ ହେଲା କଳିଙ୍ଗ ଷ୍ଟାଡିଅମରେ ଚାଲିଥିବା ଆଇଟିଏଫ ଏସିଆ ଟ-୧୪ର ଡେଭଲପମେଣ୍ଟ ଚାମ୍ପିୟନସିପ ୨୦୨୩ ଫାଇନାଲ। ଏହି ଟୁର୍ଣ୍ଣାମେଣ୍ଟରେ କୋରିଆ ଟିମ୍ ବିଜେତା ଟ୍ରଫି ହାତେଇଛି। କଳିଙ୍ଗ ଷ୍ଟାଡିଅମ ପରିସରରେ ନବନିର୍ମିତ ଟେନିସ୍ ସେଣ୍ଟରରେ ଗତ ୪ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଏସିଆର ୧୮ଟି ଦେଶର ୧୨ଟି ଶ୍ରେଷ୍ଠ ଟିମ୍ ସାମିଲ ହୋଇଥିଲେ। ୧୧ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ବାଳକ ଏକକ, ବାଳକ ଯୁଗଳ, ବାଳିକା ଏକକ, ବାଳିକା ଯୁଗଳ ବର୍ଗରେ ଖେଳାଯାଇଥିଲା। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ବିଜେତା ଟିମ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଥିଲେ।

# ‘ଅନାମ’ ପକ୍ଷରୁ ବିଷୁବ ଆସର



**ଭୁବନେଶ୍ୱର :** ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷରେ ବରିଷ୍ଠ କବି ନେତ୍ରାନନ୍ଦ ସାମନ୍ତରାୟଙ୍କ ବାସଭବନରେ ‘ଅନାମ’ ବିଷୁବ ଆସର ତଥା ମନୋଜ୍ଞ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ କବି ଶୈଳଜ ରବି, ମନୁ ଦାସ, ତାରକ ମହାନ୍ତି, ବିପିନ ବିହାରୀ ମହାନ୍ତି, କମଳ ମହାନ୍ତି, ଅଶ୍ୱିନୀ ସୁତାର, ଗାଳ୍ପିକ ପରେଶ ପଟ୍ଟନାୟକ, ସହଦେବ ସାହୁ, ଆରତୀ ପାଟଯୋଶୀ, ସରୋଜିନୀ ଜେନା, ରଶ୍ମିତା ନାୟକ, ଅଧ୍ୟାପକ ରାଜେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ କବିତା ପାଠ ଓ ଗଳ୍ପ ପଢ଼ି ଶୁଣାଇଥିଲେ। ଏହି ଅବସରରେ ‘ଅନାମ’ର ତୃତୀୟ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପଣାସଂକ୍ରାନ୍ତି ଓ ବିଷୁବ ମିଳନ ଉପଲକ୍ଷେ ଆୟୋଜିତ ଅନାମ ଆନ୍ଦୋଳନର ନୂତନ ପ୍ରସ୍ତକୁ ଆଗେଇ ନେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ସାମନ୍ତରାୟଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ସାହିତ୍ୟିକଙ୍କୁ ପଣା ପ୍ରଦାନ କରାଯାଇଥିଲା।

# ସିଏଚସିରେ ରୋଗୀଙ୍କ ପାଇଁ ଉଷ୍ମ ପାନୀୟ ଜଳ ବ୍ୟବସ୍ଥା



**ବାରିପଦା, (ବିଜୁ ସିଂ):** ବାରିପଦା ମଧୁବନ ପଡିଆ ଠାରେ ନଦୀ ଉତ୍ସବର ଉଦଯାପନୀ ସମାରୋହ ଅୟୋଜିତ ହୋଇଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉଦଯାପନୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ମୟୁରଭଞ୍ଜ ଜିଲ୍ଲାର ଜନସାଧାରଣ ଙ୍କ ନିମନ୍ତେ ସମସ୍ତ ସି ଏଚ ସି ନିମନ୍ତେ ଉଷ୍ଣ ପାନୀୟ ଜଳ ମେସିନ୍ ବ୍ୟବସ୍ଥା କରିଥିଲେ। ମୟୁରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ବହୁ ଗରିବ ଶ୍ରେଣୀର ଲୋକ ରହୁଛନ୍ତି। ସେମାନଙ୍କ ଅତ୍ୟନ୍ତ ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ସେମାନେ ଜିଲ୍ଲାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ଆସୁଛନ୍ତି। ମାତ୍ର ପ୍ରାଥମିକ ଚିକିତ୍ସା କିମ୍ବା ସାଧାରଣ ଚିକିତ୍ସା ନିମନ୍ତେ ଜିଲ୍ଲାର ୨୬ ଟି ବ୍ଲକରେ ଥିବା ସିଏଚସି ମାନଙ୍କରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ମାତ୍ର ଏହି ୨୬ଟି ସିଏଚସିରେ ରୋଗୀ ମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଇପାରିନାହାନ୍ତି। ସେଥିମଧ୍ୟରୁ ଉଷ୍ଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ମଧ୍ୟ ଅନ୍ୟତମ। ତେଣୁ ତାହାକୁ ଆଖି ଆଗରେ ରଖି କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ଗତକାଲି ୨୬ଟି ବ୍ଲକରେ ଥିବା ସିଏଚସି ମାନଙ୍କ ଅଧିକାରୀ, ବ୍ଲକ ପ୍ରତିନିଧି ମାନଙ୍କର ଉପସ୍ଥିତିରେ କେନ୍ଦ୍ରସରକାରଙ୍କ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଏହି ମେସିନ୍ ଜନସାଧାରଣ ନିମନ୍ତେ ଉତ୍ସର୍ଗୀକୃତ କରିଥିଲେ। ଯେପରି ଭାବେ ଭବିଷ୍ୟତରେ ରୋଗୀ ମାନଙ୍କୁ ଉଷ୍ଣ ଜଳ ବ୍ୟବହାରରେ ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ସମସ୍ତ ସିଏଚସିର ଅଧିକାରୀଙ୍କୁ କହିଥିଲେ। ଏହାଦ୍ୱାରା ଜିଲ୍ଲାର ବହୁ ଜନସାଧାରଣ ଉପକୃତ ହେବେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ତାଙ୍କ ଭାଷଣ ରେ ମଧ୍ୟ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ତଥା ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ ସମ୍ମାନିତ ଅତିଥି ଭାବେ, ଜିଲ୍ଲାର ସମସ୍ତ ବିଧାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସିଡିଏମଓ, ସମସ୍ତ ସିଏଚସିର ଅଧିକାରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ସମସ୍ତ ବ୍ଲକ ପ୍ରତିନିଧି ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଏହି ପଦକ୍ଷେପ ଦ୍ୱାରା ନିଶ୍ଚିତ ଭାବେ ଜିଲ୍ଲାର ବହୁ ଜନସାଧାରଣ ଉପକୃତ ହେବେ ଏବଂ ଏହା ଏକ ଲୋକାଭିମୁଖୀ ପଦକ୍ଷେପ ବୋଲି ସାଧାରଣରେ ଆଲୋଚନା ହେଉଛି।




PLOT FOR SALE

MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286


## ଶୀଘ୍ର କାର୍ଯ୍ୟକ୍ଷମ ହେବ ଲୋୟର ସୁକତେଲ ପ୍ରକଳ୍ପ

# ୫-ଟି’ ସଚିବଙ୍କ ପ୍ରୟାସକୁ ପ୍ରଶଂସା



**ଭୁବନେଶ୍ୱର :** ଦିନେ ବଲାଙ୍ଗୀର ଜିଲ୍ଲା ମରୁଡି ପାଇଁ ପରିଚିତ ଥିଲା। ଜିଲ୍ଲାରେ ବର୍ଷା ଅଭାବରୁ ପ୍ରତିବର୍ଷ ମରୁଡି ପରିସ୍ଥିତି ଦେଖା ଦେଉଥିଲା। ଜିଲ୍ଲାରେ ଜଳସେଚନ ହାର ମାତ୍ର ତିନି ପ୍ରତିଶତ ରହିଛି। ଜଳସେଚନ ହାର ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ମାଗୁରବେଡା ସ୍ଥିତ ସୁକତେଲ ନଦୀ ଠାରେ ଲୋୟର୍ ସୁକତେଲ ଜଳସେଚନ ପ୍ରକଳ୍ପର ପରିକଳ୍ପନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା ଏବେ ଚାଷୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବାକୁ ଯାଉଛି। ପାନୀୟ ଜଳର ଅଭାବ ମଧ୍ୟ ଦୂର ହେବାକୁ ଯାଉଛି। ଗତ ୨ ହଜାର ମସିହାରୁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା କିନ୍ତୁ ବିସ୍ଥାପିତଙ୍କ ଆନ୍ଦୋଳନ ଓ ଅନ୍ୟାନ୍ୟ ସମସ୍ୟା ଯୋଗୁଁ ବହୁ କାର୍ଯ୍ୟ ଆଗେଇ ପାରୁନଥିଲା। ତେବେ ଗତ ୨୦୧୯ ମସିହାରେ ଏହି ପ୍ରକଳ୍ପ ୫-ଟି’ ଅଧିନକୁ ଯାଇଥିଲା। ଦୀର୍ଘ ବର୍ଷ ଧରି ରହି ଅନିଶ୍ଚିତତା ଘେରକୁ ଚାଲି ଯାଇଥିବା ଏହି ପ୍ରକଳ୍ପକୁ ୨୦୧୯ ମସିହାରେ ୫-ଟି’ ସଚିବଙ୍କ ସହ ଏକ ସଚିବ ସ୍ତରୀୟ ହାଇଲେଭେଲ ଟିମ ତଦାରଖ କରିବା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ସହ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ହୋଇଥିଲା। ପ୍ରତି ସପ୍ତାହରେ ଏହି ପ୍ରକଳ୍ପର ସମୀକ୍ଷା କରୁଛନ୍ତି ୫-ଟି’ ସଚିବ ଭିକେ ପାଣ୍ଡିଆନ। ଆଉ କିଛି ମାସ ମଧ୍ୟରେ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ କାର୍ଯ୍ୟକାରୀ କରିବ। ଡ୍ୟାମ, ଗେଟ୍ ଏବଂ ମାଟି କାମ ଶେଷ ହୋଇଛି। ବଲାଙ୍ଗୀରବାସୀଙ୍କ ଜୀବନରେଖା କୁହାଯାଉଥିବା ଏହି ପ୍ରକଳ୍ପ ୫-ଟି’ ସଚିବଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକାରୀ କରିବାକୁ ଯାଉଛି। ୫-ଟି’ ସଚିବ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଇନଷ୍ଟାଗ୍ରାମରେ ସୂଚନା ଦେଇଥିଲେ। ଦିନରାତି ପ୍ରକଳ୍ପ କାମ ଚାଲିଥିବା ନେଇ ୫-ଟି’ ସଚିବ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପ ପାଇଁ ୫-ଟି’ ସଚିବଙ୍କ ନିରନ୍ତର ପ୍ରୟାସ ଫଳରେ କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ବଲାଙ୍ଗୀରବାସୀ ୫-ଟି’ ସଚିବଙ୍କୁ ଧନ୍ୟବାଦ ଦେବା ସହ ସୋସିଆଲ ମିଡିଆରେ କୃତଜ୍ଞତା ଜଣାଇଛନ୍ତି। ଏନେଇ ସୋସିଆଲ ମିଡିଆରେ ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟର କିଛି ଫୋଟ ସହ ୫-ଟି’ ସଚିବଙ୍କ ଅବଦାନ ଟ୍ରେଣ୍ଡ କରୁଛି। ୫-ଟି’ ସଚିବ ପୋଷ୍ଟ କରିଥିବା ଫଟୋକୁ ଅନେକ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ସେୟାର କରିବା ସହ ତାଙ୍କୁ ଧନ୍ୟବାଦ୍ ଦେଇଛନ୍ତି।




PLOT FOR SALE

MOUZA : JUJHAGADA

(Back side of Nandankanan Zoo)

BHUBANESWAR

Contact : 865807286 / 8917571455

MOUZA : BEGUNIA BOREHI

(NEAR CV RAMAN COLLEGE)

TAMANDO - YELLOW ZONE

BHUBANESWAR

30ft Approch Road

Contact : 8658607286 / 8917571455


# ନିୟମିତ ହେବେ ଠିକା ଶିକ୍ଷକ

**ଭୁବନେଶ୍ୱର :** ଠିକା ନିଯୁକ୍ତି ବ୍ୟବସ୍ଥାକୁ ରାଜ୍ୟ ସରକାର ଉଚ୍ଛେଦ କରିଥିବା ସତ୍ତ୍ୱେ ନିଜର ଚାକିରି ନିୟମିତ ଅପେକ୍ଷାରେ ଥିବା ହଜାର ହଜାର ଶିକ୍ଷକଙ୍କ ପାଇଁ ଖୁସି ଖବର। ଚୁକ୍ତିଭିତ୍ତିକ ଓ ଇନିସିଆଲ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କ ଚାକିରି ନିୟମିତ ହେବ। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ, ସାଧାରଣ ପ୍ରଶାସନ ବିଭାଗର ଓଡ଼ିଶା ଗ୍ରୁପ-ବି ପଦବୀ(ଚୁକ୍ତିଭିତ୍ତିକ ନିଯୁକ୍ତି) ନିୟମ,୨୦୧୩ ଅନ୍ତର୍ଗତ ଯେଉଁ ଶିକ୍ଷକମାନେ ଇନିସିଆଲ ଆପଏଣ୍ଟମେଣ୍ଟ ପାଇଥିଲେ ସେମାନଙ୍କ ଚାକିରି ଓଡ଼ିଶା ଗ୍ରୁପ-ବି,ସି,ଡି ପଦବୀ (ଉଚ୍ଛେଦ ଓ ସ୍ୱତନ୍ତ୍ର ପ୍ରାବଧାନ) ରୁଲସ-୨୦୨୨ ଆଧାରରେ ନିୟମିତ ହେବ। ଶିକ୍ଷକମାନଙ୍କ ନିଯୁକ୍ତି ବର୍ଷ ଓ ମେରିଟ୍ ଲିଷ୍ଟ ଅନୁସାରେ ସେମାନଙ୍କର ବରିଷ୍ଠତା ବିବେଚନା କରାଯିବ। ସେହିପରି ଯେଉଁ ଶିକ୍ଷକମାନେ ଓଡ଼ିଶା ଗ୍ରୁପ-ବି ପଦବୀ (ଚୁକ୍ତିଭିତ୍ତିକ ନିଯୁକ୍ତି) ରୁଲସ-୨୦୧୩ ପୂର୍ବରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିଲେ ତଥା ସେମାନେ ଏହି ରୁଲସ୍ ବିଜ୍ଞପ୍ତି ଜାରି ହେବା ପୂର୍ବରୁ ୬ବର୍ଷ ଚାକିରି ପୂରଣ କରିନଥିଲେ ସେମାନଙ୍କ ଚାକିରିର ନିୟମିତ ଅବଧି ଗଣଶିକ୍ଷା ବିଭାଗ ୨୦୦୮ ଓ ୨୦୧୧ ମସିହାର ବିଜ୍ଞପ୍ତି ଆଧାରରେ ବିବେଚନା କରାଯିବ। ଓଆରଭି ନିୟମକୁ ପାଳନ କରି ଏହି ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ନିଯୁକ୍ତିକୁ ନିୟମିତ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ତେବେ ଏନେଇ ସ୍ୱତନ୍ତ୍ର ଭାବେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିସ୍ତୃତ ଗାଇଡଲାଇନ୍ ଓ ଏସଓପି ଜାରି ହୋଇଛି। ସୂଚନାଯୋଗ୍ୟ, ଗତ ସପ୍ତାହରେ ରାଜ୍ୟର ପ୍ରାୟ ୧୮ହଜାରରୁ ଅଧିକ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକମାନେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିଥିଲେ। ରାଜ୍ୟ ସରକାର ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉଚ୍ଛେଦ କରିଥିଲେ ମଧ୍ୟ ବିଭିନ୍ନ କାରଣରୁ ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ଚାକିରିକୁ ନିୟମିତ କରିବା ନେଇ ବିଜ୍ଞପ୍ତି ପ୍ରକାଶ କରିନଥିଲେ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**

ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**

ସମ୍ପାଦକ : ତାରକ ମହାନ୍ତି